POSTAL REGISTRATION NO.- PURI/45/2025-27
RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA



Visit our website: sssoochanaenewspaper.in
/shreeshrikshetrasoochana /ssoochana +91 94370 58632

| | | | | | |
|---|---|---|---|---|---|
| VOLL : 4 | ISSUE : XI | NOVEMBER : 2025 | PURI | PAGE : 8 | RS.10 |
| ଚତୁର୍ଥ ବର୍ଷ | ଏକାଦଶ ସଂଖ୍ୟା | ନଭେମ୍ବର ୨୦୨୫ | ପୁରୀ | ପୃଷ୍ଠା : ୮ | ମୂଲ୍ୟ:ଟ୧୦.୦୦ |



ବିଧାନସଭା ପରିସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବିଧାୟକବୃନ୍ଦ

## ସଂପାଦକୀୟ

### ଭିନ୍ନ ଏକ ପ୍ରତିବାଦ: ରାସ୍ତା, ନଳା, ଲାଇଟ୍ କି' ବ୍ରିଜ୍ ପାଇଁ ନୁହେଁ – ଦାବି ଠାକୁର ଦର୍ଶନର!



ଭକ୍ତଟିଏ ଭକ୍ତି ପାଇଁ ଏପରି ଦାବି କରିବା ଭାରତବର୍ଷରେ ପ୍ରଥମ। ଆଜିର ଯୁଗରେ ସାଧାରଣତଃ ଯେକୌଣସି ଆନ୍ଦୋଳନ ବା ପ୍ରତିବାଦର ମୂଳରେ ମୌଳିକ ସୁବିଧା, ଅର୍ଥନୈତିକ ଦାବି, ରାଜନୈତିକ ଅଧିକାର କିମ୍ବା ସାମାଜିକ ନ୍ୟାୟ ଭଳି ବିଷୟବସ୍ତୁ ହିଁ ନିହିତ ଥାଏ। ଆମେ ପ୍ରତିଦିନ ରାସ୍ତା, ପାଣି, ବିଜୁଳି, ସ୍ୱାସ୍ଥ୍ୟ ବା ଶିକ୍ଷା ପାଇଁ ହେଉଥିବା ନାନା ଆନ୍ଦୋଳନଗୁଡ଼ିକ ବିଷୟରେ ଶୁଣିଥାଉ। କିନ୍ତୁ ଓଡ଼ିଶାର ପୁଣ୍ୟ କ୍ଷେତ୍ର ପୁରୀରୁ ଯେଉଁ ପ୍ରତିବାଦର ସ୍ୱର ଉଠିଛି, ତାହା ଭାରତୀୟ ସାମାଜିକ ତଥା ଧାର୍ମିକ ଇତିହାସରେ ଅତ୍ୟନ୍ତ ବିରଳ ଓ ସ୍ମରଣୀୟ। ଏହା କୌଣସି ଭୌତିକ ସମ୍ପଦର ଦାବି ନୁହେଁ, ବରଂ ନିଜ ଇଷ୍ଟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁଲଭ ଓ ନିରବଚ୍ଛିନ୍ନ ଦର୍ଶନ ପାଇଁ ଆତ୍ମାର ଦାବି। ପୁରୀ ସହରବାସୀଙ୍କ ଏହି ଭାବପ୍ରବଣ ଦାବି କେବଳ ଏକ ନିୟମଗତ ପରିବର୍ତ୍ତନ ପାଇଁ ଅନୁରୋଧ ନୁହେଁ, ବରଂ ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସିଥିବା ଏକ ଅନ୍ତରଙ୍ଗ ସମ୍ପର୍କର ସୁରକ୍ଷା ପାଇଁ ଏକ କରୁଣ ନିବେଦନ।

**ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୃତ୍ରିମ ବ୍ୟବଧାନର ସଂକଟ**

ପୁରୀର ଅଧିବାସୀମାନେ ଶ୍ରୀଜଗନ୍ନାଥଙ୍କୁ କେବଳ ଜଗତର ନାଥ ଭାବେ ଗ୍ରହଣ କରିନାହାନ୍ତି, ବରଂ ସେମାନେ ତାଙ୍କୁ ନିଜ ଘରର ଅବିଭାଜ୍ୟ ଦେବତା ଓ ପରିବାରର ମୁଖ୍ୟ ସଦସ୍ୟ ଭାବରେ ସମ୍ମାନ ଦେଇଆସିଛନ୍ତି। ଯେଉଁଭଳି ଏକ ପରିବାର ସଦସ୍ୟ ଅନ୍ୟ ସଦସ୍ୟଙ୍କ ନିକଟକୁ ଯିବା ପାଇଁ କୌଣସି ବାଧା ବା ପ୍ରତିବନ୍ଧକର ସମ୍ମୁଖୀନ ହୁଏ ନାହିଁ, ଠିକ୍ ସେହିପରି ପୁରୀବାସୀମାନେ କେଉଁ କାଳରୁ ବିନା ଦ୍ୱିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇ ଆସୁଥିଲେ। ବିଶେଷକରି ମହାପ୍ରସାଦ ଆଣିବା କିମ୍ବା ଅସୁସ୍ଥତା ସମୟରେ ତୁରନ୍ତ ଦର୍ଶନ କରିବାର ସୁବିଧା ସେମାନଙ୍କର ଏକ ସାମାଜିକ ଅଧିକାର ଭଳି ଥିଲା। କିନ୍ତୁ ଗତ କିଛି ବର୍ଷ ଧରି, ଦେଶ ବିଦେଶରୁ ଶ୍ରୀଜଗନ୍ନାଥ ଭକ୍ତଙ୍କର ଅବିଶ୍ୱସନୀୟ ବୃଦ୍ଧି ଘଟିଛି। ଏହି ବିପୁଳ ଭକ୍ତ ସଂଖ୍ୟାକୁ ଶୃଙ୍ଖଳିତ କରିବା ଏବଂ ମନ୍ଦିର ପରିସରରେ ନିରାପତ୍ତା ବଜାୟ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଅନେକଗୁଡ଼ିଏ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ବାରିକେଡ୍, କ୍ୟୁ ଲାଇନ୍ ଏବଂ କଟକଣା ଭଳି ବ୍ୟବସ୍ଥାଗୁଡ଼ିକ ବିଶ୍ୱସ୍ତରୀୟ ଧାର୍ମିକ କେନ୍ଦ୍ର ପାଇଁ ଆବଶ୍ୟକ ହୋଇପାରେ, କିନ୍ତୁ ଏହାର ସିଧାସଳଖ ପ୍ରଭାବ ସ୍ଥାନୀୟ ପୁରୀବାସୀଙ୍କର 'ସୁଲଭ ଦର୍ଶନ' ଅଧିକାର ଉପରେ ପଡ଼ିଛି।

ପୁରୀର ଭକ୍ତଙ୍କୁ ମଧ୍ୟ ବର୍ତ୍ତମାନ ସାଧାରଣ ପର୍ଯ୍ୟଟକଙ୍କ ଭଳି ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହି ପ୍ରଶାସନିକ କଟକଣା ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ କୃତ୍ରିମ ଦୂରତ୍ୱ ସୃଷ୍ଟି କରିଛି, ଯାହା ପୁରୀ ସହରର ଆଧ୍ୟାତ୍ମିକ ଚେତନାକୁ ଆଘାତ ଦେଇଛି। ଭକ୍ତମାନଙ୍କ ମନରେ ଏକ ପ୍ରଶ୍ନ ଉଙ୍କି ମାରୁଛି: ଯେଉଁ ମହାପ୍ରଭୁଙ୍କ ନିକଟରେ ଆମେ ପ୍ରତିଦିନ ରହିଆସିଛୁ, ଆଜି କାହିଁକି ତାଙ୍କୁ ଦେଖିବା ପାଇଁ ଆମକୁ ଏତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି ?

**ଭାବନାତ୍ମକ ନିଷ୍ଠା: ବୟସ୍କ ଭକ୍ତଙ୍କ ଚିନ୍ତା**

ଏହି ପ୍ରସଙ୍ଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଦିଗଟି ହେଉଛି ସହରର ଅନେକ ବୃଦ୍ଧ ବୃଦ୍ଧା ଭକ୍ତବୃନ୍ଦଙ୍କର ନିଷ୍ଠା। ଅନେକ ବୟସ୍କ ଭକ୍ତ ଅଛନ୍ତି, ଯେଉଁମାନେ ଶ୍ରୀଜିଉଙ୍କ ଦର୍ଶନ ନ କରିବା ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ କରନ୍ତି ନାହିଁ। ଏହା କୌଣସି ଆବେଗ ନୁହେଁ, ଏହା ସେମାନଙ୍କର ଦୀର୍ଘ ବର୍ଷର ଆଧ୍ୟାତ୍ମିକ ଅଭ୍ୟାସ ଓ ନିଷ୍ଠାର ପ୍ରତୀକ।

ବର୍ତ୍ତମାନର ଶୃଙ୍ଖଳା ବ୍ୟବସ୍ଥାରେ, ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଶାରୀରିକ କଷ୍ଟ ସହି ଲମ୍ବା ଧାଡ଼ିରେ ଛିଡ଼ା ହେବା ଅତ୍ୟନ୍ତ କଷ୍ଟକର ହେଉଛି। ଏପରି ପରିସ୍ଥିତି ସେମାନଙ୍କର ନୀତିକୁ ପାଳନ କରିବାରେ ବାଧକ ସାଜୁଛି। ଫଳରେ, କେବଳ ଦର୍ଶନ ଅଧିକାର କ୍ଷୁଣ୍ଣ ହେଉନାହିଁ, ବରଂ ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ମଧ୍ୟ ପ୍ରଭାବିତ ହେଉଛି। ଏହି ମାନବିକ ଦିଗଟିକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଅତ୍ୟନ୍ତ ଗୁରୁତ୍ୱର ପୃଷ୍ଠା➞୬

ରାଜେଶ କୁମାର ମହାନ୍ତି



ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

## ବିଧାନସଭା ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ

# 'ଆଚରଣ, ଉଚ୍ଚାରଣରେ ସଂଯମୀ ହୁଅ'

### ଜଗନ୍ନାଥଙ୍କ ଆଶୀର୍ବାଦରୁ ଏ ଜାଗାରେ ପହଞ୍ଚିଛି



ଭୁବନେଶ୍ୱର: 'କାଳେକାଳେ ଶାସନର ଡୋରି ପ୍ରଜା ବା ଜନଗଣଙ୍କ ହାତରେ ଥାଏ। ଆପଣମାନେ ଜନଗଣଙ୍କର ପ୍ରତିନିଧି, ସେମାନଙ୍କର ସେବକ। କେତେ ଆଶା, ଭରସା, ବିଶ୍ୱାସ ନେଇ ସେମାନେ ଆପଣଙ୍କ ହାତରେ କ୍ଷମତା ଅର୍ପଣ କରିଛନ୍ତି। ସେମାନଙ୍କ ଆଶାକୁ ପୂରଣ କରିବା, ସେମାନଙ୍କ ସ୍ୱପ୍ନକୁ ସାକାର କରିବା, ସର୍ବୋପରି ସେମାନଙ୍କ ମୁହଁରେ ହସ ଫୁଟାଇବା ଆପଣମାନଙ୍କର, ଆମ ସମସ୍ତଙ୍କର କର୍ତ୍ତବ୍ୟ। ଆପଣମାନେ ଏମିତି କାର୍ଯ୍ୟ କରିବେ ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ ହେବା ଦରକାର।'

ବିଧାନସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ ଦେବା ବେଳେ ବିଧାୟକମାନଙ୍କୁ ଏହିଭଳି ନୀତି ଓ ନୈତିକତାର ଉପଦେଶ ଦେଇଛନ୍ତି। ରାଷ୍ଟ୍ରପତି କହିଥିଲେ, ଜନପ୍ରତିନିଧି ଭାବେ ଆପଣମାନେ ସାରା ରାଜ୍ୟରେ ଚିହ୍ନା ମୁହଁ। ଆପଣଙ୍କ ପ୍ରଶଂସକ ଓ ଅନୁଗାମୀ ବହୁତ। ଆପଣମାନେ କ'ଣ କହୁଛନ୍ତି, କ'ଣ କରୁଛନ୍ତି ଲୋକଙ୍କ ମଧ୍ୟରେ ଉତ୍ସୁକତା ଥାଏ। ଆପଣଙ୍କ ଆଚରଣ ଓ ଉଚ୍ଚାରଣ, ଉଭୟ ମୂଲ୍ୟବାନ। ଆପଣମାନେ ଲିଡର୍। ଜନତାଙ୍କର ନେତୃତ୍ୱ ନେଉଛନ୍ତି। ଜନତା ହେଲେ ଭଗବାନ। ଲିଡର୍ ଯାହା କରିବେ, ଜନତା ତାକୁ ଅନୁସରଣ କରିବେ। ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ସମୟ।

ଆପଣମାନେ ଗୃହ ଭିତରେ ଏବଂ ବାହାରେ କ'ଣ କହୁଛନ୍ତି, କିପରି କହୁଛନ୍ତି ତାହା ସମସ୍ତେ ଜାଣିପାରୁଛନ୍ତି। ତେଣୁ ଆପଣମାନଙ୍କ ଉଚ୍ଚାରଣ ଓ ଆଚରଣ ବହୁତ ମୂଲ୍ୟ ରଖେ। ଏହା ଏପରି ହେବା ଦରକାର ଯାହାକୁ ଅନୁସରଣ କରି ଆପଣଙ୍କ ପ୍ରଶଂସକ ଏବଂ ଅନୁଗାମୀମାନେ ସମାଜ ଓ ରାଜ୍ୟ ଗଠନରେ ସହଯୋଗ କରିପାରିବେ। ଏଥିପାଇଁ ଆପଣଙ୍କ ଆଚରଣ ଓ ଉଚ୍ଚାରଣରେ ସଂଯମ ରଖିବା ଆବଶ୍ୟକ।

ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ଓଡ଼ିଶାର ବରପୁତ୍ରଙ୍କୁ ମନେ ପକାଇବା ସହ ନାରୀଶକ୍ତି, ଚାଷୀଙ୍କ ସମୃଦ୍ଧି, ରାଷ୍ଟ୍ର ଗଠନରେ ରାଜ୍ୟର ଭୂମିକା, ପ୍ରାକୃତିକ ସମ୍ଭାବନା, ଦକ୍ଷ ମାନବ ସମ୍ବଳ ଓ ବୈଷୟିକ ଯୁଗ ଉପରେ ମତ ରଖିବା ସହ ଓଡ଼ିଶାର ପ୍ରଗତିକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବା ପାଇଁ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ।

ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କରିବା ସମୟରେ ରାଷ୍ଟ୍ରପତି ଗୃହ ସହ ଜଡ଼ିତ ନିଜର ପୁରୁଣା ସ୍ମୃତି ରୋମନ୍ଥନ କରିଥିଲେ। କହିଥିଲେ, ବହୁ ବର୍ଷ ପରେ ଏହି ସ୍ଥାନର ପୁରୁଣା ସ୍ମୃତି ପୁଣି ଥରେ ଜୀବନ୍ତ ହୋଇଛି। ମୁଁ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ତାହା କେବଳ ଏହି ପବିତ୍ର ଗୃହ ପାଇଁ। ଏହି ବିଧାନସଭା ମୋ ପାଇଁ କେବଳ ଏକ ଗୃହ ନୁହେଁ, ଏହା ମୋର ମାତୃତୁଲ୍ୟ। ଏଠାରୁ ଶିଖିଥିବା ଅନୁଶାସନ ଓ ଶିକ୍ଷା ମୋତେ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ପହଞ୍ଚାଇଛି। ଆପଣମାନଙ୍କ ଗହଣରେ ଉପସ୍ଥିତ ରହି ମୁଁ ଅତ୍ୟନ୍ତ ଆନନ୍ଦିତ। ମୋତେ ଘରକୁ ଆସିବା ଭଳି ଲାଗୁଛି। ବିଶ୍ୱର କେତେକ ଜାତୀୟ ସଂସଦ, ବିଭିନ୍ନ ରାଜ୍ୟର ବିଧାନସଭାକୁ ସମ୍ବୋଧିତ କରିଛି। କିନ୍ତୁ ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବା ମୋ ପାଇଁ ବିଶେଷ ଖୁସିର ବିଷୟ।

ରାଷ୍ଟ୍ରପତି କହିଥିଲେ, ଓଡ଼ିଶା ବିଧାନସଭା ଅନେକ ଜନକଲ୍ୟାଣକାରୀ ଆଇନ ପୃଷ୍ଠା➞୬

# ୧୭,୪୪୦ କୋଟିର ଅତିରିକ୍ତ ବଜେଟ

## ଶିକ୍ଷା ଓ ମହିଳା ସଶକ୍ତିକରଣକୁ ଗୁରୁତ୍ୱ



ଭୁବନେଶ୍ୱର, ୨୮/୧୧ (ଇମିସ): ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭,୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି। ପ୍ରଶାସନିକ ବ୍ୟୟ ବାବଦରେ ୩,୩୮୯ କୋଟି ଟଙ୍କା, କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୩,୭୧୬ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଓ ରାଜ୍ୟ ବଜେଟରୁ ସ୍ଥାନାନ୍ତର ବାବଦରେ ୧୬୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏଥିରେ ରାଜ୍ୟ ଯୋଜନାଗୁଡ଼ିକ ପାଇଁ ୧୧,୬୪୩ କୋଟି ଟଙ୍କା, କେନ୍ଦ୍ର ପ୍ରାୟୋଜିତ ଯୋଜନା ପାଇଁ ୨୦୫୪ କୋଟି ଟଙ୍କା, କେନ୍ଦ୍ରୀୟ ଯୋଜନା ପାଇଁ ୧୯ କୋଟି ଟଙ୍କା, ସାମାଜିକ ସେବା ପାଇଁ ୫୯୪୮ କୋଟି ଟଙ୍କା ଓ ଅର୍ଥନୈତିକ ସେବା ପାଇଁ ୯୧୮୯ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଅତିରିକ୍ତ ବଜେଟରେ ନୂଆ ଯୋଜନା 'ଶକ୍ତିଶ୍ରୀ' ଘୋଷଣା କରାଯାଇଛି। ସେଥିପାଇଁ ୧୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

ଅତିରିକ୍ତ ବଜେଟରେ ରାଜ୍ୟ ସରକାର କୃଷକ କଲ୍ୟାଣ ଓ ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟସେବା, ମହିଳା ଓ ଶିଶୁ ସଶକ୍ତୀକରଣ, ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ, ସହରାଞ୍ଚଳ ବିକାଶ, ଶିଳ୍ପ, ଭିତ୍ତିଭୂମି ବିକାଶ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଓ ସଂସ୍କୃତି ଓ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଅତିରିକ୍ତ ବଜେଟ ପାଇଁ ପ୍ରଶାସନିକ ବ୍ୟୟ ଓ ସ୍ଥାନୀୟ ସଂସ୍ଥାକୁ ସ୍ଥାନାନ୍ତର ଅନ୍ତର୍ଗତ ଆବଣ୍ଟନ ବାବଦକୁ ଅର୍ଥ ସମନ୍ୱୟ ଓ ଅର୍ଥ ସମର୍ପଣ ଜରିଆରେ ବ୍ୟବସ୍ଥା ପୃଷ୍ଠା➞୬



୩୬ ତମ କୋଣାର୍କ ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉଦ୍‌ଘାଟିତ

# ରାମମନ୍ଦିରରେ ଉଡ଼ିଲା ଧର୍ମ ଧ୍ୱଜା



ନୂଆଦିଲ୍ଲୀ: ଅଯୋଧ୍ୟାର ଭବ୍ୟ ରାମମନ୍ଦିରରେ ଧ୍ୱଜାରୋହଣ ହୋଇଛି। ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ଦିରର ଶିଖରରେ ଧର୍ମ ଧ୍ୱଜା ଉଡ଼ାଇଛନ୍ତି। ଧ୍ୱଜାରୋହଣ ଉତ୍ସବକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରି କରିଛନ୍ତି। ସେ କହିଛନ୍ତି ଶହ ଶହ ବର୍ଷର କ୍ଷତ ଓ ଯନ୍ତ୍ରଣା ଶେଷରେ ଉପଶମ ହେଉଛି। ଆଜି ସମଗ୍ର ଭାରତ ଓ ବିଶ୍ୱ ରାମ-ମୟ। ପ୍ରତ୍ୟେକ ରାମଭକ୍ତଙ୍କ ହୃଦୟରେ ଅସାଧାରଣ ସନ୍ତୋଷ ଓ ଅସୀମ କୃତଜ୍ଞତା ଭରି ରହିଛି। ୨୦୧୯ ଅଯୋଧ୍ୟା ରାୟର ଛଅ ବର୍ଷ ପରେ ମନ୍ଦିର ପରିସରର ଆନୁଷ୍ଠାନିକ ସମାପ୍ତିକୁ ଚିହ୍ନିତ କରୁଥିବା ମନ୍ଦିର ଉପରେ

### ୫୦୦ ବର୍ଷ ଯଜ୍ଞର ପରିଣାମ

### ଭକ୍ତି ଭାବରେ ବିଭୋର ରାମଭକ୍ତ

ଗେରୁଆ ପତାକା ଉତ୍ତୋଳନ କରିବା ପରେ ମୋଦୀ ଏହା କହିଛନ୍ତି।

ଧ୍ୱଜାରୋହଣ ପରେ ମୋଦୀ କହିଥିଲେ, ଶହ ଶହ ବର୍ଷର କ୍ଷତ ଭଲ ହେଉଛି। ଶତାବ୍ଦୀ ଶତାବ୍ଦୀର କଷ୍ଟ ଆଜି ଶେଷ ହେଉଛି। ଶତାବ୍ଦୀ ଶତାବ୍ଦୀର ସଂକଳ୍ପ ଆଜି ପୂରଣ ହେଉଛି। ଆଜି ସେହି ବଳିଦାନର ସୁଫଳ ମିଳିଛି, ଯାହାର ଅଗ୍ନି ୫୦୦ ବର୍ଷ ଧରି ପ୍ରଜ୍ୱଳିତ ହେଉଥିଲା। ସେହି ବଳିଦାନ ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ବିଶ୍ୱାସରୁ ବିଚ୍ୟୁତ ହୋଇ ନ ଥିଲା ବୋଲି ମୋଦୀ କହିଛନ୍ତି। ୨୨ ଫୁଟ ଲମ୍ବା ଓ ୧୧ ଫୁଟ ଚଉଡ଼ା ଗେରୁଆ ପତାକାରେ ସୂର୍ଯ୍ୟଙ୍କ ଛବି ରହିଛି, ଯାହା ଭଗବାନ ରାମଙ୍କ ବଂଶ ସୂର୍ଯ୍ୟବଂଶକୁ ସୂଚିତ କରେ। ଏଥିରେ ମଧ୍ୟ ପବିତ୍ର ଓମ୍ ଓ କୋବିଦାର ବୃକ୍ଷର ଚିତ୍ର ଅଛି, ଯାହାକୁ ରାମରାଜ୍ୟର ରାଜ୍ୟ-ବୃକ୍ଷର ମାନ୍ୟତା ଦିଆଯାଏ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ପବିତ୍ର ପତାକା 'ମିଥ୍ୟା ଉପରେ ସତ୍ୟର ଚରମ ବିଜୟ'ର ପ୍ରତୀକ। ପୃଷ୍ଠା➞୬




# ପୁରୀରେ 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ'




**ପୁରୀ:** ଭାରତକୁ ସମୃଦ୍ଧ ଓ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ ବିଜେପି ପକ୍ଷରୁ ଆରମ୍ଭ ହୋଇଥିବା 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' ଆଜି ପୁରୀରେ ଅନୁଷ୍ଠିତ ହୋଇଛି। ଶରଧାବାଲି ମୁକ୍ତାକାଶ ରଙ୍ଗ ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଆତ୍ମ ନିର୍ଭର ଭାରତ ଓ ବ୍ୟକ୍ତିର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପିର ବରିଷ୍ଠ ନେତା ଶାରଦା ଶତପଥୀ ଯୋଗ ଦେଇଥିଲେ। ଏଥିରେ ଶହଶହ ସଂଖ୍ୟାରେ ବିଜେପି କର୍ମୀ ସ୍ୱଦେଶୀ ବସ୍ତୁକୁ ବ୍ୟବହାର କରିବା ନେଇ ସଂକଳ୍ପ କରିଥିଲେ ।ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ବିଶାଳ ପଦଯାତ୍ରାରେ ଯାଇ ସ୍ୱଦେଶୀ ବସ୍ତୁର ବହୁଳ ବ୍ୟବହାରକୁ ନେଇ ଲୋକଙ୍କୁ ସଚେତନ କରିଥିଲେ । ଜନଜାଗରଣ ପଦଯାତ୍ରାରେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ନାଥ ତରେଇ, ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲ୍ଲା ସଂଯୋଜିକା ରଞ୍ଜିତା ପାଢ଼ୀ, କେନ୍ଦ୍ରୀୟ ନେତା ମଧୁସୂଦନ ସିଂହାରୀ ଓ ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି ଜ୍ୟୋତି ମହାପାତ୍ର, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଜୟନ୍ତ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକଙ୍କ ସମେତ ପୁରୀ ବିଧାନସଭା ମଣ୍ଡଳୀର ବିଭିନ୍ନ ମଣ୍ଡଳ ସଭାପତି ଓ ମଣ୍ଡଳ ଟୋଳିର ପ୍ରମୁଖ ଏବଂ ସହ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା ଓ କର୍ମୀମାନେ ସାମିଲ ହୋଇଥିଲେ ।

# ପୁରୀ ସ୍ୱଚ୍ଛ ମାଛ ବଜାର ଉଦ୍‌ଘାଟିତ

**ପୁରୀ:** ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ବହୁ ପ୍ରତିକ୍ଷୀତ ପୁରୀ ଜିଲ୍ଲା ସ୍ୱଚ୍ଛ ମାଛ ବଜାର ଉଦ୍ଘାଟିତ ହୋଇଛି।ପୁରୀ ତାଳବଣିଆ ସ୍ଥିତ ଏହି ସ୍ୱଚ୍ଛ ମାଛ ବଜାର କୁ ଭର୍ଚୁଆଲ ମାଧ୍ୟମରେ ରାଜ୍ୟ ମତ୍ସ୍ୟ ପ୍ରାଣୀ ସମ୍ପଦ ମାନ୍ୟବର ମନ୍ତ୍ରି ଶ୍ରୀଯୁକ୍ତ ଗୋକୁଳା ନନ୍ଦ ମଲ୍ଲିକ ଉଦଘାଟନ କରିଥିଲେ। ପୁରୀ ସହର ବାସି ତଥା ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏକ ସୁନ୍ଦର ସ୍ୱଚ୍ଛ ପରିବେଶ ଭିତରେ ମଧୁର ମାଛ,ଲୁଣି ମାଛ ସହିତ ଚିଲିକା ମାଛ ଏହି ମତ୍ସ୍ୟ ବଜାର ମଧ୍ୟରେ ଉପଲବ୍ଧ ହେବ।ଏହି ଉଦ୍ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବରେ ପୁରୀ ମ୍ୟୁନିସପାଲିଟି ଏନଫୋର୍ସମେଣ୍ଟ ଅଧିକାରୀ ଶ୍ରୀ ସ୍ୱାଧୀନ ବିଶ୍ୱାଳ,ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ର ପୁରୀ ର ବରିଷ୍ଠ ବୈଜ୍ଞାନିକ ଜ୍ଞାନ ରଞ୍ଜନ ଦାସ,ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ରାଉଳ ,ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଅଜୟ କୁମାର ବସ୍ତିଆ,ପୁରୀ ଜିଲ୍ଲା ମତ୍ସ୍ୟଜୀବି ଇଉନିୟନ୍ ସଭାପତି ଶ୍ରୀ ବାବୁଲା ପ୍ରସାଦ, ପୁରୀ ଜିଲ୍ଲା ଡି ପି ଏମ ଇଉ ପରାମର୍ଶଦାତା ଶ୍ରୀ ସିଦ୍ଧାର୍ଥ ରାୟ ଯୋଗ ଦେଇ ଉପସ୍ଥିତ ମତ୍ସ୍ୟଜିବୀ ମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେବା ସହିତ କିଭଳି ଭାବରେ ଏହି ସ୍ୱଚ୍ଛ ମାଛ ବଜାର ସୁନ୍ଦର ଭାବରେ ପରିଚାଳିତ ହେବ ସେଥି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ଏହି ଅବସରରେ ଜିଲ୍ଲାର ବିଭିନ୍ନ ମତ୍ସ୍ୟ ସମବାୟ ଇୟୁନିୟନ୍ କର୍ମକର୍ତ୍ତାମାନଙ୍କୁ ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। କାର୍ଯ୍ୟ କ୍ରମକୁ ଜିଲ୍ଲା ସହକାରୀ ମତ୍ସ୍ୟଜୀବୀ ଅଧିକାରୀ ଶ୍ରୀମତୀ ସଂଘମିତ୍ରା ପାଣି ପରିଚାଳନା କରିଥିଲେ।




# ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ




ପୁରୀ: ୧୯୭୨ ମସିହାରେ ବିଶ୍ୱ ଐତିହ୍ୟ ସମ୍ମିଳନୀ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ସଂକଳ୍ପ ଅନୁଯାୟୀ ବିଶ୍ୱ ଐତିହ୍ୟ ସପ୍ତାହ ପ୍ରତିବର୍ଷ ନଭେମ୍ବର ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସାରା ବିଶ୍ୱରେ ପାଳନ କରାଯାଏ। ଏହା ଦ୍ୱାରା ଆମର ସାଂସ୍କୃତିକ ସମୃଦ୍ଧ ଐତିହ୍ୟ ସ୍ଥଳ ଏବଂ ସ୍ମାରକୀଗୁଡ଼ିକର ଗୁରୁତ୍ୱକୁ ବୁଝିବା ଏବଂ ପ୍ରଶଂସା କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିବ। ଏହି ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବା ପାଇଁ, ପୁରୀର ଏସ.ସି.ଏସ (ସ୍ୱାୟତ୍ତ) କଲେଜର ଇତିହାସ ପିଜି ବିଭାଗ ମଧ୍ୟ ଚଳିତ ବର୍ଷ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ, ପୁରୀ ସର୍କଲ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ପି.ଜି. ବିଭାଗ ସହିତ ମିଳିତ ଭାବରେ ଏହି ସପ୍ତାହ ପାଳନ କରିଛି।

ସାଧାରଣତଃ ଲୋକମାନେ ଏବଂ ବିଶେଷକରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କେବଳ ବର୍ତ୍ତମାନ ପିଢ଼ି ପାଇଁ ନୁହେଁ ବରଂ ପରବର୍ତ୍ତୀ ବଂଶଧରଙ୍କ ପାଇଁ ମଧ୍ୟ ଆମର ଐତିହ୍ୟକୁ ସୁରକ୍ଷା ଦେବାର ଆବଶ୍ୟକତା ଏବଂ ଦାୟିତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପୁରୀର ଐତିହ୍ୟ କରିଡରକୁ ଘେରି ଏକ ଐତିହ୍ୟ ପଦଯାତ୍ରା ଆୟୋଜନ କରାଯାଇଥିଲା ଓ ଛାତ୍ରମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ପୁରୀ ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ପୁରସ୍କୃତ




ପୁରୀ: ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ପାଞ୍ଚ ଦିନ ବ୍ୟାପି ଶିଶୁ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ 'ଉତ୍ସାହ' ଓ 'ମହକ' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ଯୋଗଦେଇଥିଲେ। ପୁରୀଜିଲ୍ଲାର ୫ ଟି ଶିଶୁ ଯତ୍ନ ଅନୁଷ୍ଠାନର ୫୦ ଜଣ ଅନ୍ତେବାସୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ବକ୍ତୃତାର କନିଷ୍ଠ ବର୍ଗରେ ନୀଳାଚଳ ସେବା ପ୍ରତିଷ୍ଠାନର ଇପ୍ସିତା ସ୍ୱାଇଁ ଓ ବରିଷ୍ଠ ବର୍ଗରେ ଦ୍ରୌପଦୀ ମହିଳା ସମିତିର ଜ୍ୟୋତ୍ସ୍ନା ଦାସ ଯଥାକ୍ରମେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ କୁଇଜ୍ ବରିଷ୍ଠ ବର୍ଗ ରେ ଉତ୍କଳ ବାଳାଶ୍ରମର ସତ୍ୟନାରାୟଣ ସ୍ୱାଇଁ ତୃତୀୟ , ଲମ୍ବ ଡିଆଁ ଓ ୨୦୦ ମିଟର ଦୌଡର ବରିଷ୍ଠ ବର୍ଗରେ ସୂର୍ଯ୍ୟକାନ୍ତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହାସହିତ ସରକାରୀ ଆଇ ଟି ଆଇ ରୁ ବୈଷୟିକ ଶିକ୍ଷା ସମାପ୍ତ କରି ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇ ନିକଟରେ ଜିନ୍ଦଲ ଷ୍ଟିଲ ଅନୁଗୁଳରେ ଟ୍ରେନି ଭବରେ ନିୟୋଜିତ ହୋଇଥିବା ଉତ୍କଳ ବାଳାଶ୍ରମର ଦୁଇ ଯତ୍ନ ଅନ୍ତେବାସୀ ପୂଜା ଦାଶ ଓ ଅଞ୍ଜନା ନାୟକ ଙ୍କୁ ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାର ଶିଶୁମାନଙ୍କର ଏହି କୃତିତ୍ୱ ହାସଲ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡାଃ ଅଜିତ କୁମାର ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ବିଶ୍ୱ ଶିଶୁ ଦିବସରେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍‌ର ଶିଶୁ ସୁରକ୍ଷା କର୍ମଶାଳା

**ପୁରୀ:** ପୁରୀ ଜିଲ୍ଲା ରିଜର୍ଭ ପୋଲିସ ସମ୍ମିଳନୀ କକ୍ଷରେ ପୁରୀ ପୋଲିସ ବିଭାଗର କିଶୋର ପୁଲିସ ୟୁନିଟ କର୍ମଚାରୀଙ୍କ ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲାର ସମସ୍ତ ୩୦ ଥାନାର ମହିଳା ଓ ଶିଶୁ ଡେସ୍କର ଅଧିକାରୀ, ଥାନାଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସଡିପିଓ, ଡିଏସପି ହେଡ଼ କ୍ୱାଟର, ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ଅଧିକ୍ଷକ ଏବଂ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅଧିକ୍ଷକ, ଚାଇଲଡ ହେଲ୍ପ ଲାଇନ ସଂଯୋଜକ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତୀକ ସିଂ ସନମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ଼ଃ ଅଜିତ କୁମାର ମହାପାତ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ,କିଶୋର ନ୍ୟାୟ ବୋର୍ଡର ସଭ୍ୟ ମହାବୀର ରୁଦ୍ର ନାରାୟଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷ୍ୟକ ଶ୍ରୀ ସଚିନ ପଟେଲ ଏବଂ ଡିଏସପି ଏଚ. ଆର. ପି. ସି. ସସ୍ମିତା ବେହେରା ଯୋଗଦେଇ ଆଲୋଚନା ରେ ଅଂଶଗ୍ରହଣ ଥିଲେ । ବିଷୟ ବିଶାରଦ ଭାବେ ବିଜୁ ପଟ୍ଟନାୟକ ପୋଲିସ ତାଲିମ କେନ୍ଦ୍ର ର ତାଲିମଦାତା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୁରୁପ୍ରସାଦ ଶିବଶଙ୍କର ନନ୍ଦ ଏବଂ ୟୁନିସେଫ ପରାମର୍ଶ ଦାତା ଶ୍ରୀ ଘାସିରାମ ପଣ୍ଡା ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତୀକ ସିଂ ଜିଲ୍ଲା ର ୩୦ ଟି ଥାନା ର ଅଧିକାରୀ ତଥା ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ଅଧିକାରୀ ମାନଙ୍କୁ ଶିଶୁ ସୁରକ୍ଷା ଆଇନ ଏବଂ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ର କଡାକଡି କାର୍ଯ୍ୟକାରୀତା ପାଇଁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କହିଥିଲେ ଯେ ଜଣେ ବି ଶିଶୁ




ନ୍ୟାୟ, ସୁରକ୍ଷ୍ୟା ଓ ଅଧିକାର ପାଇବାରୁ ବଞ୍ଚିତ ନରୁହନ୍ତି, ସେ ସମ୍ପର୍କିତ ଅଭିଯୋଗ ର ତତ୍କାଳ ବିଚାର କରାଯାଇ ତାଙ୍କୁ ସୁରକ୍ଷା ଓ ନ୍ୟାୟ ଯୋଗାଇ ଦିଆଯିବା ସହ ଶିଶୁ ସୁରକ୍ଷା ସେବା ଓ ଶିଶୁ ସୁଲଭ ପରିବେଶ କୁ ଥାନା ଅଧିକାରୀ ମାନେ ଅଗ୍ରାଧିକାର ଦେବାସହ ବଢୁଥିବା ଶିଶୁ ନିର୍ଯ୍ୟାତନା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଘଟଣା ର ସମାଧାନ ନିମନ୍ତେ ପୋଲିସ ର ଭୂମିକା ଏପରିହାର୍ଯ୍ୟ ବୋଲି କହିଥିଲେ । ପ୍ରଶିକ୍ଷକ ଗୁରୁ ପ୍ରସାଦ ଶିବଶଙ୍କର ନନ୍ଦ ସ୍ୱତନ୍ତ୍ର କିଶୋର ନ୍ୟାୟ ପୁଲିସଙ୍କର କାର୍ଯ୍ୟ ଏବଂ ଦାୟିତ୍ୱ ସହିତ ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫, ଶିଶୁ ମାନଙ୍କୁ ଯୌନ ଶୋଷଣ ସୁରକ୍ଷା ଆଇନ ୨୦୧୨ ବିଷୟରେ ଆଲୋଚନା କରିଥିଲେ । ୟୁନିସେଫ ର ପରାମର୍ଶ ଦାତା ଶ୍ରୀ ଘାସିରାମ ପଣ୍ଡା ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରୋଧ ଆଇନ ଏବଂ ଶିଶୁ ଚାଲାଣ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ମିଶନ ବାତ୍ସଲ୍ୟ ଏବଂ ସ୍ୱତନ୍ତ୍ର କିଶୋର ନ୍ୟାୟ ପୁଲିସ ତାଲିମର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିବା ବେଳେ ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ କିଶୋର ନ୍ୟାୟ ବୋର୍ଡ, ଚିଲଡ୍ରେନ କୋର୍ଟଙ୍କ କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ପୀଡିତା କ୍ଷତିପୂରଣ ପାଣ୍ଠି ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଶିଶୁ ମଙ୍ଗଳ କମିଟି ର ଅଧ୍ୟକ୍ଷ ଡ଼ଃ ଅଜିତ କୁମାର ମହାପାତ୍ର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ମାନଙ୍କର ଥଇଥାନ ବାବଦରେ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ର ସଭ୍ୟ ବିଜୟ କୁମାର ପରିଡ଼ା ଓ ରୋଜାଲିନ ପାତ୍ର ମଧ୍ୟ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତା ଓ ଚାଇଲଡ ହେଲ୍ପଲାଇନ ର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ସାମାଜିକ କର୍ମୀ କମଳା ମହାରଣା ଧନ୍ୟବାଦ ଦେଇଥିଲେ ।

# ପୁରୀ ଜିଲ୍ଲା ସ୍ତରୀୟ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

ପୁରୀ : ଟାଉନ ହଲ ପରିସରରେ ସମବାୟ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲା ସ୍ତରୀୟ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅର୍ଥନୀତି ସୁଦୃଢ଼ୀକରଣ ରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।ଗ୍ରାମ୍ୟ ଅର୍ଥନୀତି କୁ ସୁଦୃଢ଼ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରି ଆସିଛି।କୃଷକ ମାନଙ୍କୁ ବିବିଧ ସରକାରୀ ଯୋଜନା ରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ ସୁଧରେ ଋଣ ପ୍ରଦାନ, ସେମାନଙ୍କ ଉତ୍ପାଦ ର ସଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ପୂର୍ବରୁ ବ୍ୟବସାୟୀ ମାନେ କମ ଦାମରେ ଚାଷୀ ମାନଙ୍କ ଠାରୁ ସେମାନଙ୍କ ଉତ୍ପାଦକ ନେଇ ଯାଉଥିଲେ, କିନ୍ତୁ ବର୍ତ୍ତମାନ ସମୟରେ ଚାଷୀ ମାନଙ୍କୁ ସେମାନଙ୍କ ଉତ୍ପାଦକ ର ସଠିକ ମୂଲ୍ୟ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଉଛି ଯାହା ସେମାନଙ୍କ ହକ ବୋଲି ଶ୍ରୀ ବେହେରା କହିଥିଲେ।

ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମବାୟ ଆନ୍ଦୋଳନ ର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଧାନ ସଂଗ୍ରହ ସମୟରେ ନିରପେକ୍ଷତା ବଜାୟ ରଖିବା, ମଣ୍ଡି ଗୁଡିକର ଭିତ୍ତିଭୂମି କୁ ସୁଦୃଢ଼ କରିବା,ପାଣ୍ଟ କୃଷକ ମାନଙ୍କୁ ସହଯୋଗ କରିବା ପାଇଁ ମତ ବ୍ୟକ୍ତ କରିଥିଲେ।

ପୁରୀ ନିମାପଡା ସମ୍ମିଳିତ ବ୍ୟାଙ୍କ ର




ସଭାପତି କିଶୋର କୁମାର ଛୋଟରାୟ ସମବାୟ ସମିତି କୁ ଅଧିକ କ୍ରିୟାଶୀଳ କରିବା, ସମସ୍ତଙ୍କ ସହଯୋଗ ନେବା, ନିର୍ବାଚିତ ସମବାୟ ପ୍ରତିନିଧି ମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପରାମର୍ଶ ନେବା ସମ୍ପର୍କରେ ସେ ଆଲୋକପାତ କରିଥିଲେ।

ଡିଆରସିଏସ ସୁନୀତା ପତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ନାବାର୍ଡର ଡିଡିଏମ ସସ୍ମିତା ପୃଷ୍ଟି, ବ୍ୟାଙ୍କ ସମୂହର ସିଇଓ ବନଶ୍ରୀ ମଲ୍ଲିକ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ହସ୍ତଶିଳ୍ପ ର ଉପ ନିର୍ଦ୍ଦେଶକ ବିଷ୍ଣୁ ପଦ ମାରାଣ୍ଡି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗ ଦେଇ ସମବାୟ ଆନ୍ଦୋଳନର ଆବଶ୍ୟକତା, ଆତ୍ମନିର୍ଭର ଭାରତ ପାଇଁ ସମବାୟ ର ଯୋଗଦାନ, କୃଷକ, ପାଣ୍ଟ ମାନଙ୍କ ର ସମସ୍ୟା, ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ।ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ଓ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ବିଭିନ୍ନ ସମବାୟ ସମିତିର କର୍ମକର୍ତ୍ତା ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ।ସଂଚାଳକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା




**ପୁରୀ:** ଜିଲ୍ଲା ଆଇନ ସେବା ପ୍ରାଦ୍ଵିକରଣର ଅଧକ୍ଷ୍ୟା ତଥା ଜିଲ୍ଲା ଓ ଦୌରାଜଜ୍ ଶ୍ରୀମତୀ ଅଜନ୍ତା ଷଡଙ୍ଗୀଙ୍କ ଆଦେଶ ଅନୁଯାଇ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିରଣ ସମେତ ତାଲୁକ ଆଇନ ସେବା କମିଟି ତଥା ପିପିଲି, ନିମାପଡା,କୋଣାର୍କ ଓ କଣାସ ଠାରେ "ଶିଶୁ ଦିବସ'' ଉପଲକ୍ଷେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଆଜିର ଏହି କାର୍ଯକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟା ତଥା ଜିଲ୍ଲା ଓ ଦୌରାଜଜ୍ ଶ୍ରୀମତୀ ଅଜନ୍ତା ଷଡଙ୍ଗୀ ଉଦ୍ଘାଟନ କରିବାସହ ଜିଲ୍ଲା ଆଇନ ସେବା ପ୍ରାଧୁକରଣର ସଚିବ ଶ୍ରୀଯୁକ୍ତ ପରିତୋଷ କୁମାର ସେଠୀ ଏହାକୁ ପରିଚାଳନା କରିଥିଲେ । ଏହି ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମେତ ତାଲୁକ ଆଇନ ସେବା କମିଟି ତଥା ପିପିଲି, ନିମାପଡା,କୋଣାର୍କ ଓ କଣାସର ୩୮୨ ଜଣ ପ୍ରତିଯୋଗୀ ଭାଗନେଇଥିଲେ । ଆଜିର ଏହି କାର୍ଯକ୍ରମରେ ଜିଲ୍ଲାର ବିଚାରବିଭାଗୀୟ ବିଚାରପତି ଜିଲ୍ଲା ଆଇନ ସେବା ପ୍ରାଧ୍ୱକରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ୍ ଶ୍ରୀମତୀ ଅଜନ୍ତା ଷଡଙ୍ଗୀଙ୍କ ସମେତ ସମସ୍ତ ବିଚାରବିଭାଗୀୟ ବିଚାରପତି ଉପସତ୍ୟତିରେ ଭାଗ ନେଇଥିବା ଛାତ୍ର ଓ ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏହି କାର୍ଯକ୍ରମକୁ ପରିଚାଳନା କରିବାରେ ପ୍ରାଧିକାରଣର କର୍ମଚାରୀଙ୍କ ସହିତ କୋର୍ଟର କର୍ମଚାରୀମାନେ ସହଯୋଗ କରିଥିଲେ ।

# ୧୨୭ ଜଣ ବରିଷ୍ଠ ନାଗରିକ ଗଲେ ତୀର୍ଥଯାତ୍ରାରେ




**ପୁରୀ:** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାରୁ ୧୨୭ ଜଣ ବରିଷ୍ଠ ନାଗରିକ ଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି।ସେମାନେ ଆଜି ଭୁବନେଶ୍ୱରରେ ରହିବେ ଓ ଓମକାରେଶ୍ୱର ଓ ଉଜୟିନୀ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନରେ ଯାତ୍ରା କରିବେ। ଏହି ବରିଷ୍ଠ ନାଗରିକ ମାନେ ଓମକାରେଶ୍ୱର ଓ ଉଜୟିନୀ ପରିଭ୍ରମଣ କରିବା ସହ ଚଳିତ ମାସ ୩୦ ତାରିଖରେ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି।ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି। ପୂର୍ବାହ୍ନରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ।ଅତିଥି ମାନେ ନଡ଼ିଆ ବାଡେଇ ଯାତ୍ରା ର ସଫଳତା କାମନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ତୀର୍ଥଯାତ୍ରୀ ଙ୍କୁ ସହଯୋଗ ପ୍ରଦାନ କରିଥିଲେ। ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀ ମାନଙ୍କ ସୂଚନା ଅନୁସାରେ ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀ ଙ୍କୁ ଅନୁରୋଧ କରା ଯାଇଥିଲା।

# ଯୌତୁକ ନିରୋଧ ଆଇନ କର୍ମଶାଳା

ପୁରୀ: ଯୌତୁକ ଏକ ସାମାଜିକ ବ୍ୟାଧି।ଏହା ସମାଜ ପାଇଁ ଏକ କଳଙ୍କ ସଦୃଶ୍ୟ।ବ୍ୟାପକ ସଚେତନତା ଦ୍ୱାରା ହିଁ ଏହାର ନିରାକରଣ ସମ୍ଭବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି।ଆଜି ପୂର୍ବାହ୍ନରେ ସର୍କିଟ ହାଉସ




ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଯୌତୁକ ନିରୋଧ ଆଇନ ୧୯୬୧ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ଏହି ସାମାଜିକ କଳଙ୍କ କୁ ସମାଜ ରୁ ଦୂରେଇବା ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି କହିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୌତୁକ ର ସଂଜ୍ଞା ବର୍ତ୍ତମାନ ବଦଳିବାରେ ଲାଗିଛି ବୋଲି କହିଥିଲେ।ଝିଅ କୁ ଉପହାର ଦିଆଯାଉଛି ବୋଲି ସଫେଇ ଦିଆଯାଇ ଏହା ଯୌତୁକ ପର୍ଯ୍ୟାୟ ଭୁକ୍ତ ନୁହେଁ ବୋଲି ଦର୍ଶାଯାଉଛି।ଆଇନତଃ ଯୌତୁକ ଦେବା ଓ ନେବା ଉଭୟ ବେଆଇନ।ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ସହ ଯୌତୁକ କୁ ହଟାଯାଇ ଏକ ଯୌତୁକ ବିହୀନ ସୁନ୍ଦର ସମାଜ ଗଠନରେ ସମସ୍ତେ ସହାୟକ ହେବାକୁ ସେ ଅନୁରୋଧ କରିଥିଲେ।ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିଏସପି ସସ୍ମିତା ବେହେରା, ବିଷୟ ବିଷାରଦ ତଥା ଅଧିବକ୍ତା ମୋହନ ସୁନ୍ଦର ଜେନା, ଶୁଭ୍ରାନ୍ତ କୁମାର ମିଶ୍ର, ତପନ କୁମାର ପ୍ରମୁଖ ଯୋଗ ଦେଇ ଯୌତୁକ ର ସଂଜ୍ଞା, କାରଣ, ନିରାକରଣ,ଅଭିଯୋଗ ପ୍ରକ୍ରିୟା, ସମାଧାନ ବ୍ୟବସ୍ଥା,ଆଇନ ର ବ୍ୟବସ୍ଥା,କ୍ଷତିଗ୍ରସ୍ତ ଙ୍କୁ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।ତେବେ ପାରସ୍ପରିକ ସମନ୍ୱୟ, ସହଯୋଗ, ସୁସ୍ଥ ସହାବସ୍ଥାନ ଓ ବୁଝାମଣା ଦ୍ୱାରା ଦାମ୍ପତ୍ୟ ଜୀବନ ଓ ଉଭୟ ପରିବାର ଖୁସି ରେ ରହିପାରିବେ ବୋଲି ସମସ୍ତେ ମତ ଦେଇଥିଲେ।ଲୋପିତା ମିଶ୍ର, ମୈତ୍ରୀ ସ୍ୱାଇଁ ପଞ୍ଜିକରଣ ରେ ସହଯୋଗ କରିଥିବା ବେଳେ ସୁରକ୍ଷା ଅଧିକାରୀ ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ,ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।ଏଥିରେ ସିଡିପିଓ, ସୁପରଭାଇଜର, ୱାନ ଷ୍ଟପ ସେଣ୍ଟର ର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ପୁରୀରେ ଜାତୀୟ ଅଡିଟ ସପ୍ତାହ ପାଳିତ

**ପୁରୀ:** ଜାତୀୟ ଅଡିଟ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓଡିଶା ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ସହଯୋଗରେ ସରକାରୀ ପାଣ୍ଠିରେ ଆର୍ଥିକ ଅନମନୀୟତା ଓ ତାହାର ନିରାକରଣ ଉପରେ ଏକ ଆଲୋଚନା ଚକ୍ର ସ୍ଥାନୀୟ ସଦଭାବନା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଉପ ମହାଲେଖାକାର ମନୋଜ ଏକ୍କା, ନିର୍ଦ୍ଦେଶକ ବିଭ୍ରାଂଶୁ ଶେଖର ନାୟକ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ଆଦ୍ୟାଶା ରଥ ଯୋଗ ଦେଇଥିଲେ । ବରିଷ୍ଠ ଲେଖାଧିକାରୀ ପ୍ରବୀର କୁମାର ସାମଲ, ବରିଷ୍ଠ ଲେଖା ପରୀକ୍ଷକ ରାଜ କିଶୋର ମହାପାତ୍ର ସରକାରୀ ପାଣ୍ଠିର ଆର୍ଥିକ, ଅନିୟମିତତା ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ । ପ୍ରଧାନ ମହାଲେଖାକାର ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ସରକାରୀ ପାଣ୍ଠି ଦାୟିତ୍ୱରେ ଥିବା କିଛି ଅଧିକାରୀ ନିକଟରେ କୋଟି କୋଟି ଟଙ୍କାର ଅନିୟମିତତା କରିଥିବା ଏଜିଙ୍କ ଦୃଷ୍ଟିକୁ ଆସିଛି । ଏପରିକି




ଅନୁଗୋଳ ଜିଲ୍ଲାର ଜଣେ କର୍ମଚାରୀ ମାସକୁ ୧୪ ଲକ୍ଷ ଟଙ୍କା ଡିଏ ବାବଦରେ ସରକାରୀ ଅର୍ଥ ଆତ୍ମସାତ କରୁଥିଲେ ଯାହାକି ରାଜ୍ୟ ମୁଖ୍ୟ ଶାସନଙ୍କ ଦରମା ଠାରୁ ମଧ୍ୟ ଅଧିକ । ଏହିଭଳି ବହୁ କେସ ଏଜି ସ୍କାନରରେ ଧରାପଡିଛନ୍ତି । ଅନ ଲାଇନ ଯୁଗରେ ଏଭଳି ଅର୍ଥ ଆତ୍ମସାତକୁ ନୂତନ ଭାବେ କାର୍ଯ୍ୟକାରୀ କୃତ୍ରିମ ବୁଦ୍ଧିମତା ବଳରେ ଧରାଯିବ । ଯେଉଁମାନେ ଏହି ଭଳି ଅନିୟମିତତା କାର୍ଯ୍ୟରୁ ନିବୃତ୍ତ ନ ହେଲେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ ଲେଖାଯିବ । ଅନ୍ୟ ମାନଙ୍କ ମଧ୍ୟରେ ଉପ ମହାଲେଖାକାର ସଞ୍ଜୟ କୁମାର, ବିକାଶ କୁମାର ଓ ଭୀମଲେଶ କୁମାର ଯୋଗ ଦେଇଥିଲେ । ବରିଷ୍ଠ ଲେଖାଧିକାରୀ ଭି. ଆନନ୍ଦ ଭଟ୍ଟ ସ୍ୱାଗତ ଭାଷଣ ଦେଇଥିବାବେଳେ, କୃଷ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅପରାହ୍ନରେ ପୁରୀ ସମୁଦ୍ର କୂଳରେ ବାଲୁକା ଶିଳ୍ପୀ ସନ୍ତୋଷ କୁମାର ନାୟକଙ୍କ ଦ୍ୱାରା ବାଲୁକା କଳାକୁ ପ୍ରଧାନ ମହାଲେଖାକାର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ,ଦୁର୍ଗା ଶଙ୍କର ପରିଡା, ରାଜେଶ ସିଂହ ଓ ଦୀପ୍ତି ରଞ୍ଜନ ରାଏ ପରିଚାଳନା କରିଥିଲେ ।ପୁରୀ ଅଫିସ କାର୍ଯ୍ୟାଳୟରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅଡିଟ ମହାଲେଖାକାର ପ୍ରତ୍ୟକ୍ଷ କରିବା ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥବା କଳା କାରୁକାର୍ଯ୍ୟକୁ ପ୍ରଶଂସା କରିଥିଲେ ।



# ମୁଖ୍ୟମନ୍ତ୍ରୀଙ୍କ ୧୫ତମ ଅଭିଯୋଗ ଶୁଣାଣି

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୫ତମ ପାଳି ଥିଲା। କେନ୍ଦୁଝରରୁ ସିଧାସଳଖ ଆସି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ୮ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

ସବୁଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ୩୪ଜଣ ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଗତ ୧୪ଟି ପାଳିରେ ଆସିଥିବା ୧୨ହଜାର ୯୫୦ଟି ଅଭିଯୋଗ ମଧ୍ୟରୁ ୧୨ହଜାର ୩୭୧ଟି ଅଭିଯୋଗର ସମାଧାନ କରାଯାଇଛି। ସମାଧାନ ହାର ରହିଛି ୯୬%। ବଳକା ଥିବା ୫୭୯ଟି ଅଭିଯୋଗ ପ୍ରକ୍ରିୟା ମଧ୍ୟରେ ରହିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ



ସୁବିଧା ସୁଯୋଗ ଓ ସହାୟତା ପ୍ରଦାନ କରିବା ପାଇଁ ସରକାର ବଦ୍ଧପରିକର। ଜିଲ୍ଲାସ୍ତରରେ ମଧ୍ୟ ନିୟମିତ ଭାବେ ଜିଲ୍ଲାପାଳଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କରାଯାଉଛି। ଅଭିଯୋଗର ସମାଧାନ କରିବା ପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଗତ ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଅଧିକାଂଶ ସମସ୍ୟା ସ୍ଥାନୀୟ ପ୍ରଶାସନ ଦ୍ୱାରା ସମାଧାନ ହୋଇପାରିବ। ଲୋକଙ୍କୁ ସେମାନଙ୍କର ସମସ୍ୟା ନେଇ ଭୁବନେଶ୍ୱର ଆସିବାକୁ ପଡ଼ିବ ନାହିଁ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଯୋଗୁଁ ବହୁଦିନର ସମସ୍ୟାର ସମାଧାନ ହୋଇଥିବାରୁ ଜଣେ ମହିଳା ହିତାଧିକାରୀ ସ୍ୱତନ୍ତ୍ର ଭାବେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଶୁଣାଣି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ , ଶ୍ରମ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ ଅନ୍ୟ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ଦେବ ଦୀପାବଳିରେ ଦୀପ ପ୍ରଜ୍ୱଳନ କଲେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ରାଉରକେଲାରେ ୩ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର

**ଭୁବନେଶ୍ୱର:** ପୁଲିସର ନିଦ ହଜାଇଥିବା ୧୦ ଜଣିଆ ଆନ୍ତଃରାଜ୍ୟ ଦୁର୍ଦ୍ଦାନ୍ତ ଅପରାଧୀ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ରାଉରକେଲା ପୁଲିସ ଆଜି ଭୋର୍ ୪ଟାରେ ଏନ୍‌କାଉଣ୍ଟର କରିଛି। ପୁଲିସ ଗୁଳିରେ ଜଖମ ହୋଇଥିବା ୩ ଅପରାଧୀ ହେଲେ ଝାଡ଼ଖଣ୍ଡ ଖୁଣ୍ଟିର ମାଷ୍ଟରମାଇଣ୍ଡ ଚନ୍ଦା ନାୟକ (୩୧) ଓରଫ୍ ଚାଣ୍ଡେ, ଝାଡ଼ଖଣ୍ଡ ଗୁମ୍‌ଲା ଥାନା ନିନାଇ ଗାଁର ପାରସରାମ (୩୩) ଓରଫ୍ ଲମ୍ବୁ ଓ ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଲଙ୍କଲକଟାର ରାଜେଶ ସିଂହ (୩୬)। ଦୁଇଜଣଙ୍କ ଗୋଡ଼ରୁ ଗୁଳି ବାହାର କରାଯାଇଥିବାବେଳେ ଅନ୍ୟଜଣଙ୍କ ଗୋଡ଼ରୁ ବାହାରିନି। ଘଟଣାସ୍ଥଳରୁ ପୁଲିସ ସ୍କ୍ୱାଡ୍ ଗ୍ୟାଙ୍ଗର ଅନ୍ୟ ୫ ଜଣ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ଖୁଣ୍ଟିଟୋଲିର ଆନେଥିନ୍ ଟପ୍ନୋ (୩୦) ଓରଫ୍ ଜେମ୍‌ସ, ପଶ୍ଚିମସିଂହଭୂମ ଜିଲ୍ଲା ଶଙ୍କରା ଗ୍ରାମର ସୁରାଜହୁନି ପୂର୍ତ୍ତି (୩୦), ସିନ୍‌ଜୁଡେହିର ସୁଏଲ୍ ପୂର୍ତ୍ତି (୨୪), ବାଗଡିହିର ଏତୁଆ ନାୟକ (୪୨) ଓ ସୁନ୍ଦରଗଡ଼ କେ. ବଲାଙ୍ଗ ଥାନା ରକ୍ସି ଗ୍ରାମର ସନିଆ କେରକେଟା (୨୨)। ଅପରାଧୀମାନେ ଡକାୟତିରେ ବ୍ୟବହାର କରୁଥିବା ଗୋଟିଏ ସ୍କର୍ପିଓ (ଓଡି୦୨ଟି-୫୪୦୦), ଦୁଇଟି ବାଇକ୍, ଦୁଇଟି ଦେଶୀବନ୍ଧୁକ, ପିସ୍ତଲ, ୮ଟି ଅଫୁଟା ଗୁଳି ଏବଂ ନଗଦ ୭୬ ହଜାର ୧୫୦ ଟଙ୍କା ଜବତ ହୋଇଛି। ଚଣ୍ଡେ ନାଁରେ ୭ଟି, ରାଜେଶ ନାଁରେ ୫ଟି, ପାରସ, ଜେମ୍‌ସ, ସୁରାଜହୁନି, ସୁଏଲ ନାଁରେ କୋଇଡା, କେ. ବଲାଙ୍ଗ ଓ ଲହୁଣିପଡ଼ା ଥାନାରେ ୪ଟି ଲେଖାଏଁ ଆପରାଧିକ ମାମଲା ରହିଛି। ୧୦ ଜଣିଆ ଗ୍ୟାଙ୍ଗ୍‌ର ଅନ୍ୟ ଦୁଇ ସହଯୋଗୀ (ଝାଡ଼ଖଣ୍ଡ ଖୁଣ୍ଟି ଅଞ୍ଚଳର) ଫେରାର ହୋଇଯାଇଛନ୍ତି। କେ. ବଲାଙ୍ଗ ଥାନାର ବାଙ୍କୋ, କୋଇଡ଼ା ଥାନାର ରେଙ୍ଗାଲବେଡ଼ା, ଲହୁଣିପଡ଼ା ଥାନାର ବରସୁଆଁ ଓ କୋଇଡ଼ା ଥାନା ଟ୍ରାନ୍ସପୋର୍ଟ ଅଫିସ୍ ଡକାୟତି ଘଟଣାରେ ଏହି ଗ୍ୟାଙ୍ଗ୍ ସମ୍ପୃକ୍ତ ଥିଲେ। ବିଶେଷକରି ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳର ଟ୍ରାନ୍‌ସପୋର୍ଟ ଅଫିସ୍‌ଗୁଡ଼ିକୁ ଏମାନେ ଟାର୍ଗେଟ୍ କରୁଥିଲେ। ୩/୪ ଦିନ ପାଇଁ ଆସୁଥିଲେ, ଡକାୟତି କରି ପୁଣି ଝାଡ଼ଖଣ୍ଡ ଚାଲିଯାଉଥିଲେ। ମାଷ୍ଟରମାଇଣ୍ଡ ଚାଣ୍ଡେର ଘନିଷ୍ଠ ସହଯୋଗୀ ରାଜେଶ ଡକାୟତିର ଠିକଣା ଦେଖାଉଥିଲା। ଟ୍ରାନ୍ସପୋର୍ଟ ଅଫିସ୍‌ରେ ମାରଣାସ୍ତ୍ର ଦେଖାଇ ଲୁଟ୍‌ପାଟ କରିବା ପରେ ସ୍କର୍ପିଓ ଓ ବାଇକ୍‌ରେ ଫେରାର ହୋଇଯାଉଥିଲେ ବୋଲି ଆଜି ରାଉରକେଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନୀ ସୂଚନା ଦେଇଛନ୍ତି।

ଏହି ଗ୍ୟାଙ୍ଗ୍‌କୁ ଧରିବା ଲାଗି ୭ ଥାନା ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଯାହାର ନେତୃତ୍ୱ ନେଇଥିଲେ ବଣାଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ। ଗତକାଲି ରାତି ପ୍ରାୟ ୧୧ଟାରେ ଅପରାଧୀ ଗ୍ୟାଙ୍ଗ୍ ସ୍କର୍ପିଓ ଓ ବାଇକ୍‌ରେ ଆସୁଥିବା ସୂଚନା ମିଳିଥିଲା। ଏସ୍‌ଡିପିଓ ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଥାନା ଅଧିକାରୀମାନେ ବିଭିନ୍ନ ସ୍ଥାନରେ ନାକା କରିଥିଲେ। ଆଜି ଭୋର୍ ପ୍ରାୟ ୪ଟାରେ ଗୋଟିଏ ସ୍କର୍ପିଓ ଓ ଦୁଇଟି ବାଇକ୍ କୋଇଡ଼ା ଆଡ଼କୁ ଯାଉଥିଲା। ଲାମ୍ପସି ନିକଟରେ ପୁଲିସ ଟିମ୍ ସ୍କର୍ପିଓକୁ ଅଟକାଇବାରୁ ବାଇକ୍‌ରେ ଯାଉଥିବା ପାରସରାମ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପାଲଟା ଜବାବରେ ପୁଲିସ ଗୁଳି କରିବାରୁ ପାରସ ବାଇକ୍ ସହ ତଳେ ପଡ଼ିଯାଇଥିଲା। ପୁଲିସ ତାକୁ କାବୁ କଲାବେଳେ ବାଇକ୍‌ରେ ଥିବା ତା'ର ଅନ୍ୟଜଣେ ସହଯୋଗୀ ଓ ସ୍କର୍ପିଓରେ ଥିବା ଅନ୍ୟମାନେ ସେଠାରୁ ଚାନ୍ଦିପୋଷ ଆଡ଼କୁ ଖସି ପଳାଇଥିଲେ। ୧୪୩ ନମ୍ବର ଜାତୀୟ ରାଜପଥର କୁଚେଇତା ନିକଟରେ ଚାନ୍ଦିପୋଷ ଓ ଗୁରୁଣ୍ଡିଆ ପୁଲିସକୁ ଦେଖି ଅପରାଧୀ ଗ୍ୟାଙ୍ଗ୍ ଗୁଳି ଚଳାଇଥିଲେ। ପୁଲିସ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲା। ମାତ୍ର ସେମାନେ ଶୁଣିନଥିଲେ। ପୁଲିସ ଟିମ୍ ଚାଣ୍ଡେ ଓରଫ୍ ଚନ୍ଦା ନାୟକ ଓ ରାଜେଶକୁ ଏନ୍‌କାଉଣ୍ଟର କରିବା ପରେ ସ୍କର୍ପିଓରେ ଥିବା ୭ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ କାବୁ କରିଥିଲା। ଅନ୍ୟଦୁଇ ସହଯୋଗୀ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲେ। ୩ ଆହତଙ୍କୁ ପୁଲିସ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଛି। ଗିରଫ ଅପରାଧୀଙ୍କ ନାଁରେ ଝାଡ଼ଖଣ୍ଡର କେତେ ଆପରାଧିକ ମାମଲା ରହିଛି, ତା'ର ତଦନ୍ତ କରାଯାଉଥିବା ଏସ୍‌ପି ସୂଚନା ଦେଇଛନ୍ତି।

# 'ଭାରତରେ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର:** ସମ୍ପ୍ରତି ଭାରତର ରାଜନୈତିକ ସଂସ୍କୃତି ବିପର୍ଯ୍ୟସ୍ତ ଅବସ୍ଥାରେ। ରାଜନୈତିକ ଦଳଗୁଡ଼ିକରେ ଜନତନ୍ତ୍ର ଦେଖାଯାଉନାହିଁ। ଏଭଳି ସଂଗିନ୍ ମତ ରଖିଛନ୍ତି ଜବାହରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ର ଅବସରପ୍ରାପ୍ତ ପ୍ରଫେସର ଆନନ୍ଦ କୁମାର। ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତି, ରବି ରାୟ ସ୍ମୃତି କମିଟି ଓ ଲୋହିଆ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଭାରତରେ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ରରେ ପ୍ରଫେସର ଆନନ୍ଦ ଏହା କହିଛନ୍ତି। ଲୋକସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ରବି ରାୟ, ସଂସଦୀୟ ଗଣତନ୍ତ୍ରର ଗରିମାକୁ ବହୁଗୁଣିତ କରିଥିଲେ ବୋଲି ସେ କହିଥିଲେ। ସଂସଦରେ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ପ୍ରତିନିଧିଙ୍କ ସ୍ୱରକୁ ସେ ଶୁଣୁଥିଲେ ଏବଂ ଏଥିପାଇଁ ସେ ଶୂନ୍ୟକାଳ ଆରମ୍ଭ କରିଥିଲେ ବୋଲି ପ୍ରଫେସର ଆନନ୍ଦ କହିଥିଲେ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତବାର୍ଷିକୀ ସମିତିର ରାଜ୍ୟ ଅଧ୍ୟକ୍ଷା କ୍ରିଷ୍ଣା ମହାନ୍ତି, ପରାମର୍ଶଦାତା ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମିତିର ରାଜ୍ୟ ସମ୍ପାଦକ ଡା. ବିଶ୍ୱଜିତ ସ୍ୱାଗତ ଭାଷଣ ଓ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ପୁସ୍ତକ 'ରବି ରାୟ' ଲୋକାର୍ପିତ ହୋଇଥିଲା। ପ୍ରଫେସର ଅମୀୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ସଂସଦୀୟ ଗଣତନ୍ତ୍ର' ଶୀର୍ଷକ ଆଲୋଚନାଚକ୍ରରେ ହାଇଦ୍ରାବାଦର ସମାଜବିଜ୍ଞାନୀ କଳ୍ପନା କାନ୍ନାବିରନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଓ ପ୍ରଫେସର ବିଜୟ ବହିଦାର ଆଲୋଚକ ଭାବେ ଯୋଗଦେଇଥିଲେ। ସଂସଦୀୟ ଗଣତନ୍ତ୍ରକୁ ବର୍ତ୍ତମାନ ସଙ୍କୁଚିତ କରାଯାଉଛି ବୋଲି ସେମାନେ କହିଥିଲେ। ସେହିପରି 'ଗଣତନ୍ତ୍ର ଉପରେ ଜଗତୀକରଣ ଏବଂ ଉଦାରୀକରଣର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ସାମ୍ବାଦିକ ରବି ଦାସ ଅଧ୍ୟକ୍ଷତା କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ରାଧାକାନ୍ତ ବାରିକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ପ୍ରଫେସର ବୀରେନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ଗୋଲକ ବିହାରୀ ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ଏକଛତ୍ରବାଦ ଓ ଭ୍ରଷ୍ଟାଚାର ବିରୋଧରେ ଅଭିଯାନ' ଶୀର୍ଷକ ସନ୍ଧ୍ୟା ଅଧିବେଶନରେ ହିନ୍ଦୁସ୍ଥାନ ଟାଇମ୍ସର ପ୍ରାକ୍ତନ ସମ୍ପାଦକ ନଳିନୀ ରଞ୍ଜନ ମହାନ୍ତି, ଓଡ଼ିଶା ରାଜସ୍ୱ ପରିଷଦର ପ୍ରାକ୍ତନ ସଦସ୍ୟ ଜି ଭି ବେଣୁଗୋପାଳ, ମାନବାଧିକାର କର୍ମୀ ଫାଦର୍ ଅଜୟ ସିଂହ ପ୍ରମୁଖ ଯୋଗ ଦେଇଥିଲେ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନ ସାଂସଦ କମିଟି ବୈଠକ



ଭୁବନେଶ୍ୱର: ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଉପରେ ସାଂସଦମାନେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା, ରୋଡ୍ ଅଣ୍ଡର ବ୍ରିଜ୍(ଉପମାର୍ଗ) ଓ ରୋଡ୍ ଓଭର ବ୍ରିଜ୍(ଆରଓବି)ର ବିକାଶ, ଷ୍ଟେସନଗୁଡ଼ିକରେ ଯାତ୍ରୀଙ୍କ ସୁବିଧା ସୁଦୃଢ଼, ଚାଲୁ ରହିଥିବା ରେଳ ପ୍ରକଳ୍ପଗୁଡ଼ିକୁ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ, ବିଭିନ୍ନ ଷ୍ଟେସନରେ ଟ୍ରେନ୍ ରହଣି ସମ୍ବନ୍ଧୀୟ ଜନସାଧାରଣଙ୍କ ଦାବି ପୂରଣ କରିବାକୁ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଅନ୍ତର୍ଗତ ସାଂସଦ କମିଟି ବୈଠକରେ ମତପ୍ରକାଶ କରିଥିଲେ। ଏଥିସହ ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦା ମେଣ୍ଟାଇବାକୁ ଟ୍ରେନ୍ ଚଳାଚଳ ଦିବସ ବୃଦ୍ଧି, ଉପାନ୍ତ ଅଞ୍ଚଳକୁ ଟ୍ରେନ ସେବା ସମ୍ପ୍ରସାରଣ, ଟ୍ରେନ୍, ପ୍ଲାଟଫର୍ମ ଓ ଷ୍ଟେସନ୍ ପରିସରରେ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସାଂସଦମାନେ ରେଳ ବିକାଶ କାର୍ଯ୍ୟ ସମୀକ୍ଷା ସହ ଯାତ୍ରୀ ସେବା, ଭିତ୍ତିଭୂମି ଓ ଚାଲୁଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ଉପରେ ଆଲୋଚନା କରିଛନ୍ତି।

ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ପରିସୀମା ମଧ୍ୟରେ ଥିବା ସଂସଦୀୟ କ୍ଷେତ୍ରର ସାଂସଦଙ୍କ ମଣ୍ଡଳ ସ୍ତରୀୟ କମିଟି ବୈଠକରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦେଇ ଯାତ୍ରୀ ସେବାରେ ଉନ୍ନତି ଓ ଚାଲୁରହିଥିବା ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଯୋଗଦେଇ ରେଳମଣ୍ଡଳର ଭୌଗୋଳିକ ପ୍ରସାର, କାର୍ଯ୍ୟକ୍ଷମ ପ୍ରଦର୍ଶନ, ଉନ୍ନତ ଦକ୍ଷତା ଓ ସେବା ପ୍ରଦାନରେ ଯୋଗଦାନ କରୁଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ସମୀକ୍ଷା ଉପସ୍ଥାପନ କରିଥିଲେ। ବୈଠକରେ ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ବିଭାଗୀୟ ମୁଖ୍ୟ ଓ ଖୋର୍ଦ୍ଧାରୋଡ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ସାଂସଦମାନେ ମଣ୍ଡଳସ୍ତରୀୟ କମିଟିର ସଭାପତି ଭାବେ ମନୋନିତ କରିଥିଲେ। ବୈଠକରେ ସାଂସଦ ସମ୍ବିତ ପାତ୍ର, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ପ୍ରଦୀପ କୁମାର ପାଣିଗ୍ରାହୀ, ଅନନ୍ତ ନାୟକ, ସୁକାନ୍ତ କୁମାର ପାଣିଗ୍ରାହୀ, ରବୀନ୍ଦ୍ର ନାରାୟଣ ବେହେରା, ଅଭିମନ୍ୟୁ ସେଠୀ, ଅନିତା ଶୁଭଦର୍ଶିନୀ, ଦେବାଶିଷ ସାମନ୍ତରାୟ ଉପସ୍ଥିତ ଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ କାରାଦଣ୍ଡ

**ଭୁବନେଶ୍ୱର:** ୨୦୧୮ ଡିସେମ୍ବର ମାସରେ ବାଲିଅନ୍ତା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର(ପୋକ୍‌ସୋ) ଆଡହକ୍ ଅତିରିକ୍ତ ସେସନ୍ସ ଜଜ୍ ସରୋଜ କୁମାର ସାହୁ ଆସାମୀ ବାଦଲ ପିଲେଇକୁ ୧୦ ବର୍ଷର ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୬ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସର କାରାଦଣ୍ଡର ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ ବାଲିଅନ୍ତା ଥାନା ଅଞ୍ଚଳର ୯ମ ଶ୍ରେଣୀରେ ପଢୁଥିବା ପୀଡ଼ିତା ୨୦୧୮ ଡିସେମ୍ବର ୨୩ ତାରିଖରେ ସ୍କୁଲର ବାର୍ଷିକ ସମାରୋହରେ ଯୋଗ ଦେଇଥିଲେ। ନାବାଳିକାଙ୍କ ଅଭିଭାବକମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ସ୍ଥାନରେ ବସିଥିବା ବେଳେ, ପୀଡ଼ିତା ପୃଥକ ଭାବରେ କାର୍ଯ୍ୟକ୍ରମ ଦେଖୁଥିଲେ। ପ୍ରାୟ ସାଢ଼େ ୮ଟା ବେଳେ ନାବାଳିକାଙ୍କ ପିଉସୀ ପୀଡିତା ନିଜ ସ୍ଥାନରେ ନଥିବା ଦେଖି ତାଙ୍କ ବାପା ଓ ତାଙ୍କ ଭାଇଙ୍କୁ ଜଣାଇଥିଲେ। ସମସ୍ତେ ସ୍କୁଲ ପରିସରରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନଥିଲେ। ଏନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ପୀଡ଼ିତା ବାଦଲ ପିଲେଇ ସହ କଥା ହେଉଥିବା ଜଣାଇଥିଲେ। କିନ୍ତୁ ବାଦଲକୁ ଖୋଜିବା ବେଳକୁ ସେ ଫେରାର ହୋଇଯାଇଥିଲା। ଏନେଇ ପୀଡିତାଙ୍କ ମା' ବାଲିଅନ୍ତା ଥାନାରେ ଅଭିଯୋଗ ଦାଖଲ କରିଥିଲେ। ପୁଲିସ ମାମଲାର ତଦନ୍ତ କରିବା ପରେ ବାଦଲ ପୀଡ଼ିତାଙ୍କୁ ଅପହରଣ କରିଥିବା ଜଣାପଡ଼ିଥିଲା।

# ମୃତ୍ୟୁ ପରେ ବି ଅମର ହୋଇଗଲେ ପଞ୍ଚୁ

ବ୍ରହ୍ମପୁର: ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ୍ ଆମ୍ବଝର ଗାଁର ପଞ୍ଚୁ ପ୍ରଧାନ। ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ସୁରତ ଯାଇଥିଲେ। ହେଲେ ମାତ୍ର ୩୯ ବର୍ଷ ବୟସରେ ଅକାଳ ବିୟୋଗ ପରେ ତାଙ୍କ ଲିଭର୍ ଓ ଦୁଇଟି କିଡ୍‌ନିକୁ ୩ ଜଣ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ଏହି ମହନୀୟ କାର୍ଯ୍ୟ ପାଇଁ ତାଙ୍କ ଜୀବନ ସାର୍ଥକ ହୋଇଛି।



ସ୍ୱର୍ଗତ କବିରାଜ ପ୍ରଧାନଙ୍କ ସାନପୁଅ ପଞ୍ଚୁ ଦୀର୍ଘ ୧୫ବର୍ଷ ଧରି ସୁରତରେ ରହି କଡ଼ୋଦରା ଅଞ୍ଚଳରେ ଏକ ସୂତାକଳରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୧୭ ତାରିଖରେ ସେ ସୂତାକଳରୁ କାମ ସାରି ଫେରୁଥିବା ସମୟରେ ହଠାତ୍ ରାସ୍ତାରେ ପଡ଼ି ଅଚେତ ହୋଇଯାଇଥିଲେ। କିଛି ବନ୍ଧୁ ସୂଚନା ପାଇ ପହଞ୍ଚି ପଞ୍ଚୁଙ୍କୁ ଉଦ୍ଧାର କରି ନ୍ୟୁ ସିଭିଲ୍ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୧ ତାରିଖରେ ତାଙ୍କୁ ଡାକ୍ତର ବ୍ରେନ୍ ଡେଡ୍ ଘୋଷଣା କରିଥିଲେ। ଏଥିରେ ପରିବାରବର୍ଗ ଭାଙ୍ଗିପଡ଼ିଥିଲେ। ତେବେ ଅଙ୍ଗଦାନ ବିଷୟରେ ଡାକ୍ତର ତାଙ୍କ ବଡ଼ଭାଇ ଦିବାକର ପ୍ରଧାନଙ୍କୁ ଜଣାଇଥିଲେ।

ଏହାସହିତ ସୁରତ ପ୍ରବାସୀ ଓଡ଼ିଆ ସମାଜସେବୀ ଶ୍ରୀକାନ୍ତ ରାଉତଙ୍କ ସହଯୋଗ ଲୋଡ଼ାଯାଇଥିଲେ। ବୁଝାସୁଝା ପରେ ପରିବାରବର୍ଗ ପଞ୍ଚୁଙ୍କ ଅଙ୍ଗଦାନ କରିବାକୁ ସହମତି ପ୍ରକାଶ କରିଥିଲେ। ଫଳରେ ତାଙ୍କର ଦୁଇଟି ଲିଭର୍ ଓ କିଡ୍‌ନିକୁ ଦାନ କରାଯାଇଥିଲା। ପଞ୍ଚୁଙ୍କ ଏହି ମହତ୍ କାର୍ଯ୍ୟ ପାଇଁ ଆଉ ୩ ରୋଗୀଙ୍କ ବଞ୍ଚିବା ଆଶା ଏବେ ଉଜ୍ଜୀବିତ ହୋଇଛି। ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ପ୍ରକାଶ ଥାଉ କି, ଓଡ଼ିଶା ସରକାର ୨୦୧୯ରୁ ଅଙ୍ଗଦାନକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ 'ସୁରଜ' ସମ୍ମାନରେ ପରିବାରବର୍ଗଙ୍କୁ ସମ୍ମାନିତ କରିଆସୁଛନ୍ତି।

# ପ୍ରେମ ପାଇଁ ଆମେରିକାରୁ ଫେରିଲେ ପୂଜା

ଭୁବନେଶ୍ୱର: ପୋଷ୍ୟକନ୍ୟା ଭାବେ ଆମେରିକା ଯାଇଥିବା ଓଡ଼ିଆ ଝିଅ ପୂଜାଙ୍କୁ ପାଳିତା ମା' ନିର୍ଯାତନା ଦେଉଥିବା ଅଭିଯୋଗ ଉପରୁ ଆଜି ପରଦା ହଟିଛି। ୩ ସପ୍ତାହ ତଳେ ଏହି ଘଟଣା ଚର୍ଚ୍ଚାକୁ ଆସିଥିବା ବେଳେ ନିର୍ଯାତନା ନୁହେଁ, ବରଂ ପ୍ରେମ ପାଇଁ ପୂଜା ନାୟକ ଓରଫ୍ ସେଜଲ୍ ଜୋହନ ଓଡ଼ିଶା ଫେରିବାକୁ ଚାହୁଁଥିଲା ଏବଂ ଏନେଇ ସେ ମିଛ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ମାନିଛନ୍ତି। ବାଲେଶ୍ୱର ରେମୁଣା ଅଞ୍ଚଳର ଯୁବକ ଅମର ଦାସଙ୍କୁ ଏକାଠି ଭୁବନେଶ୍ୱରରେ ପାଠ ପଢୁଥିବା ବେଳେ ଚତୁର୍ଥ ଶ୍ରେଣୀରୁ ଭଲ ପାଉଥିବା, ତାଙ୍କ ସହିତ ରହିବାକୁ ଚାହୁଁଥିବା ଗଣମାଧ୍ୟମକୁ କହିଛନ୍ତି। ଏଥିସହିତ ଆମେରିକା ତାଙ୍କୁ ଭଲ ଲାଗୁନଥିବା କହିଛନ୍ତି। ସେ ସବୁଦିନ ଓଡ଼ିଶାରେ ରହିବାକୁ ଚାହୁଁଥିବା କହିଛନ୍ତି।

ଗତ ୯ ତାରିଖରେ ପୂଜା ସୋସିଆଲ୍ ମିଡିଆ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ୧୦ ତାରିଖରେ ତାଙ୍କ ବନ୍ଧୁ ଅମର ଏନେଇ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ, ପୂଜାଙ୍କୁ ଫେରାଇ ଆଣିବା ଲାଗି ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିଲେ। ଆଜି ମଧ୍ୟାହ୍ନରେ ପୂଜା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି ଓ ଅନ୍ୟମାନେ ସ୍ୱାଗତ କରିଥିଲେ। ତାଙ୍କୁ ବାଲେଶ୍ୱର ଅଣାଯାଇ ନାରୀ ସଦନରେ ରଖାଯାଇଛି। ବର୍ତ୍ତମାନ କିଛି ଦିନ କାଉନ୍‌ସେଲିଂ କରାଯିବ ଏବଂ ବନ୍ଧୁ ଅମର ସହିତ ମଧ୍ୟ ଯୋଗାଯୋଗ କରାଯିବ। ଏହାପରେ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି। ଏଥିସହିତ ଝିଅଟି ଯଦି ଓଡ଼ିଶାରେ ଏକା ରହିବାକୁ ଇଚ୍ଛା ପ୍ରକାଶ କରେ ତା'ର କର୍ମନିଯୁକ୍ତି ଠାରୁ ନେଇ ଅନ୍ୟାନ୍ୟ ସହଯୋଗ ପ୍ରଶାସନ କରିବ ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୂଜା ଛୋଟବେଳେ ଟ୍ରେନ୍‌ରେ ଯିବା ସମୟରେ ବାପା, ମା'ଙ୍କ ଠାରୁ ଅଲଗା ହୋଇ ଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବା ବେଳେ ଆମେରିକାର ଜଣେ ମହିଳା ତାଙ୍କୁ ୨୦୧୮ରେ ପୋଷ୍ୟକନ୍ୟା ରୂପେ ଗ୍ରହଣ କରି ନେଇଯାଇଥିଲେ। ଭୁବନେଶ୍ୱରର ନହରକଣ୍ଟାରେ ପାଠ ପଢୁଥିବା ବେଳେ ବାଲେଶ୍ୱରର ଅମର ମଧ୍ୟ ସେଠାରେ ପାଠ ପଢୁଥିଲେ। ସେବେଠାରୁ ଉଭୟଙ୍କ ପରିଚୟ ଥିଲା। ଅମରଙ୍କ ଘର ଭୁବନେଶ୍ୱରରେ ହୋଇଥିବା ବେଳେ ସେ କିଛିବର୍ଷ ହେବ ରେମୁଣାରେ ମାମୁଘରେ ରହୁଛନ୍ତି।

# ପୁରୀବାସୀ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆଠ ସାହି ଆଖଡାର ମେଳି ବାନ୍ଧିଲା

**ପୁରୀ :** ପୁରୀ ବାସୀଙ୍କ ସ୍ୱତନ୍ତ୍ର ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ଆଠ ସାହି ଆଖଡାର ମୁଖିଆ ସାମିଲ ହୋଇଛନ୍ତି। ଏ ନେଇ ଆଠ ସାହି ଆଖଡା ସମନ୍ୱୟ ସମିତି ପକ୍ଷରୁ ଏକ ସ୍ୱରରେ ଦାବି ଉଠିଲା। ପୁରୀ ବାସୀଙ୍କ ସୁବିଧାରେ ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ଯାଗା ଆଖଡାର ସଭାପତି, ସମ୍ପାଦକ ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ହଜାର ହଜାର ପୁରୀ ବାସୀ ଏକାଠି ହେବା ସହ ପ୍ରତିବାଦର ସ୍ୱର ଉଠେଇବା ପାଇଁ ଆହ୍ୱାନ ଦେଇଛନ୍ତି। ପୁରୀ ବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଯୋଜନା ତରଫରୁ ୭ ତାରିଖରେ ଶୋଭାଯାତ୍ରା ପାଇଁ ଆଜି ଠାରୁ ପ୍ରକ୍ରିୟା ଆରମ୍ଭ ହେଲା। ପ୍ରକ୍ରିୟାର ପ୍ରଥମ ଚରଣ ରେ ୨୭ ଟି ସାମାଜିକ ଅନୁଷ୍ଠାନ ଏକତ୍ରିତ ହୋଇ ସାମାଜିକ ଗଣମାଧ୍ୟମରେ ସଚେତନତା ସୃଷ୍ଟି କରିବେ। ଆଗାମୀ ୨ ତାରିଖ ଠାରୁ ଗଳି କନ୍ଦିରେ ସଭାସମିତି କରାଯିବା ସହ ଆଠ ସାହି ବସ୍ତି ଗଳି କନ୍ଦିରେ ସଚେତନତା ସୃଷ୍ଟି କରିଯିବ ଏବଂ ଦସ୍ତଖତ ଅଭିଯାନ ଆରମ୍ଭ ହେବ। ଏ ସଂକ୍ରାନ୍ତରେ. ସନ୍ଧ୍ୟା ସମୟରେ ଆଠ ସାହି ଆଖଡା ମେଳି ହୋଇ ଏକ ସ୍ୱରରେରେ ଦାବି ଉଠାଇଲେ ଶ୍ରୀ ଜଗନ୍ନାଥ ଦର୍ଶନ ପୁରୀ ବାସୀଙ୍କ ମୌଳିକ ଅଧିକାର। ପ୍ରତିଦିନ ଜଗନ୍ନାଥଙ୍କୁ ଦର୍ଶନ କରି ନିଜର ଦୈନନ୍ଦିନ ଜୀବନ ଆରମ୍ଭ କରିଥାନ୍ତି ପୁରୀ ବାସୀ। ଘର ପ୍ରତିଷ୍ଠା, ବ୍ରତୋପନୟନ, ବିହାହ, ନିର୍ବନ୍ଧ ଏବଂ ଅନେକ ପୂଜାର୍ଚ୍ଚନା କାର୍ଯ୍ୟରେ ମହାପ୍ରସାଦ ପାଇଁ ଯାଇଥାନ୍ତି ପୁରୀ ବାସୀ ଏବେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ମାଳ ମାହାର୍ଦ୍ଧ ପାଇଁ ମଧ୍ୟ ଯିବା ସମ୍ଭବ ହେଉନାହିଁ। ଯାହାର ପରିଣତି ୧୦୦ଟଙ୍କାର ମହାପ୍ରସାଦ ବାହାରେ ରହି କିଣିବା ଫଳରେ ତାର ଦର ଅହେତୁକ ମୂଲ୍ୟ ବୃଦ୍ଧି ପାଉଛି। ସାହି ଆଖଡାର ସମନ୍ୱୟ ସମିତିର ସଭାପତି ରବିନାରାୟଣ ସେନାପତି, ବାଲିସହି ଆଖଡାର ସମ୍ପାଦକ ନରେନ୍ଦ୍ର ମହାନ୍ତି, କାଳିକା ଦେବି ସାହି ଆଖଡାର ସମ୍ପାଦକ ପ୍ରଫୁଲ କୁମାର ଖୁଣ୍ଟିଆ, ପଥର ଆଖଡାର ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱଜିତ୍ ସେନାପତି, ଗଉଡବାଡ଼ ସାହି ଆଖଡାର ସମ୍ପାଦକ ରଘୁନାଥ ଖୁଣ୍ଟିଆ, ମାଟି ମଣ୍ଡପ ସାହି ଆଖଡାର ଉପସଭାପତି ଗଣେଶ ମହାସୁଆର, ପାଣ୍ଡ ଯାଗାର ସମ୍ପାଦକ ତ୍ରିଲୋଚନ ପ୍ରଧାନ, ଗଦାସାଆଣ ଯାଗାର ସଭାପତି ସୁବାଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୭ ତାରିଖ ଦିନ ଅପରାହ୍ନ ୪ଟା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପୁରୀ ବାସୀ ମାନେ ପହଁଞ୍ଚିବା ପାଇଁ ମଞ୍ଚ ତରଫରୁ ନିବେଦନ କରାଯାଇଛି।।



**ସହଜ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଏକାଠି ସାମାଜିକ ଅନୁଷ୍ଠାନ।**

**୭ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ଚାଲି ଚାଲି ମାର୍କେଟ ଛକରେ ପ୍ରତିବାଦ ପାଇଁ ସ୍ୱର ଉଠାଇବେ ହଜାର ହଜାର ପୁରୀବାସୀ**




# କୋହିନୂରର ହୀରାର ଶ୍ରୀଜଗନ୍ନାଥଙ୍କ ସହିତ ଥିବା ସମ୍ପର୍କ: ଏକ ଅଧ୍ୟୟନ

ପୂର୍ଣ୍ଣଚନ୍ଦ୍ର ଦାସ

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ବଡଠାକୁର । ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରର ରସିଂହାସନ ଉପରେ ଚକା ବଇଠିରେ ବିରାଜମାନ କରିଥିଲେ ମଧ୍ୟ ପ୍ରତ୍ୟେକ ଓଡ଼ିଆର ହୃଦୟ ସିଂହାସନରେ ସେ ବିରାଜିତ । ଓଡ଼ିଆର ପ୍ରାଣ ସର୍ବସ୍ୱ ଅତିଆପଣାର କାଳିଆ ଠାକୁର । ସେ ଆଜି କେବଳ ମେଘନାଦ ପାଚେରୀ ମଧ୍ୟରେ ସୀମିତ ନହୋଇ ବ୍ୟାପି ଯାଇଛନ୍ତି ସକଳ ମାନବ ସମାଜର କେନ୍ଦ୍ରସ୍ଥଳକୁ । କେଜାଣି କେଉଁ ସ୍ମରଣାତୀତ କାଳରୁ ତାଙ୍କ ଭକ୍ତି ଭାବନାର ପୂର୍ଣ୍ଣ ଢେଉରେ ସମଗ୍ର ଓଡ଼ିଶା ପ୍ଲାବିତ ହୋଇଯାଇଛି । ଏପରିକି ସମସ୍ତ ଭାରତବର୍ଷର କୋଣ ଅନୁକୋଣରୁ ସାଧୁ, ସନ୍ଥ, ଜ୍ଞାନୀ, ମୁନୀ, ଜିଜ୍ଞାସୁ, ଧର୍ମପ୍ରଚାରକ ଓ ପରିବ୍ରାଜକମାନେ ମହାପ୍ରଭୁଙ୍କ କରୁଣା ଭିକ୍ଷା କରିବା ପାଇଁ ଶ୍ରୀକ୍ଷେତ୍ରକୁ ଏକ ଅନନ୍ୟ ଆକର୍ଷଣରେ ସମାହିତ ହୋଇ ଟାଣିହୋଇ ଆସିଛନ୍ତି ।

କେବଳ ଭାରତବର୍ଷ କାହିଁକି, ଶ୍ରୀକ୍ଷେତ୍ର ଯେ ଯୁଗେଯୁଗେ ବିଶ୍ୱମାନବୀୟ ଚେତନାର ଏକ ଅପୂର୍ବ ପରିପ୍ରକାଶ ଏବଂ ସର୍ବଧର୍ମ ସମନ୍ୱୟର ଏକ ଅପୂର୍ବ ପାବନକ୍ଷେତ୍ର । ତନ୍ମୟ ଓ ମନ୍ମୟତାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି କରୁଣା କରୁଣାଳୟ ଶ୍ରୀ ମହାବାହୁ ।

ଆଜି ଯାଏ ଶ୍ରୀମନ୍ଦିର ପାଲଟିଛି ଗୁପ୍ତର ହସ୍ୟର ମହାସମୁଦ୍ର । ଏହାର ଗଭୀରତାକୁ କେହି କେବେ କଳନା କରିପାରିନାହାଁନ୍ତି । ସାମ୍ପ୍ରତିକ ବିଜ୍ଞାନର ବଡପଣ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡିଛି । କଳାବଦନଙ୍କୁ ଚାହିଁଦେବା ମାତ୍ରେ, ତା'ର ସବୁ ପରୀକ୍ଷା ନିରୀକ୍ଷା କେଉଁଠି ଅବଲୁପ୍ତ ହୋଇଯାଉଛି ବିସ୍ମୃତିର ଅତଳ ଗର୍ଭରେ । ମହାବାହୁ ଯେ ମହାକାଳ !!!

ଓଡ଼ିଶାର ସମ୍ରାଟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କରି ଅଦୃଶ୍ୟ ଇଙ୍ଗିତରେ ଓଡ଼ିଶାର ଗଜପତି ସମ୍ରାଟମାନେତତ୍କାଳୀନ ଓଡ଼ିଶାର ସୀମାକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତି କରିପାରିଥିଲେ । ଆଜି ମନେପଡେ ଦିଗବିଜୟୀ ସମ୍ରାଟ ଗଜପତି ଗୌଡେଶ୍ୱର ନବକୋଟୀ କର୍ଣ୍ଣାଟ ଉତ୍କଳ କଳେବର୍ଗେଶ୍ୱର କପିଳେନ୍ଦ୍ର ଦେବଙ୍କ କଥା । ସେ ତାଙ୍କ ଦାକ୍ଷିଣାତ୍ୟ ବିଜୟର ବିଜୟଲବ୍ଧ ଧନକୁ ଅଜାଡି ଦେଇଥିଲେ ମହାପ୍ରଭୁଙ୍କ ଚରଣ ତଳେ । ପରିପୃଷ୍ଟ କରିଥିଲେ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ।

କେବଳ ଓଡ଼ିଶାର ଗଜପତିମାନେ କାହିଁକି ଭାରତବର୍ଷର ରାଜା ମହାରାଜାମାନେ ବଳିଆର ଭୁଜ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସ୍ୱର୍ଣ୍ଣାଳଙ୍କାର, ହୀରା, ନୀଳା ଆଦି ମୂଲ୍ୟବାନ ରତ୍ନ ପଥର ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରକୁ ପ୍ରଦାନ କରୁଥିଲେ ଏବଂ ଆତ୍ମ ସନ୍ତୋଷ ଲାଭ କରୁଥିଲେ । ସମୟକ୍ରମେ ଭାରତବର୍ଷରେ ଥିବା ପ୍ରାଚୀନ ମନ୍ଦିରମାନଙ୍କ ମଧ୍ୟରେ ଏକ ବିରଶାଳୀ ମନ୍ଦିର ଏବଂ ତାଙ୍କ ରତ୍ନଭଣ୍ଡାର ସକଳ ଐଶ୍ୱର୍ଯ୍ୟର ଗନ୍ତାଘର ବୋଲି ଜନମାନସରେ ପ୍ରଚାରିତ ହେଉଥିଲା । ଯାହାକି ପରବର୍ତ୍ତୀ ସମୟରେ ଭାର ତବ ର୍ଷରେ ମୁସ୍ଲିମ ଶାସନ କାଳରେ ମୋଗଲମାନେ ଶ୍ରୀଜଗନ୍ନାଥଙ୍କର ରତ୍ନଭଣ୍ଡାର ଲୁଣ୍ଠନ କରିବାକୁ ଓ ଶ୍ରୀମନ୍ଦିର ଧ୍ୱଂସ କରିବାକୁ ବାରମ୍ବାର ଚେଷ୍ଟା କରିଥିଲେ ।

ଏତ ଗଲା ଇତିହାସର କଥା, ଆମେ ଏବେ ଆମର ଆଲୋଚନାର ପ୍ରସଙ୍ଗକୁ ଆସିବା । ବିଶ୍ୱ ପ୍ରସିଦ୍ଧ କୋହିନୂର ହୀରା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଯୁଗେ ଯୁଗେ କି ସମ୍ପର୍କ ରହିଛି ତା'ର ପୁଙ୍ଖାନୁପୁଙ୍ଖ ଆଲୋଚନା ଏ ପ୍ରସଙ୍ଗର ମୁଖ୍ୟ ଉଦ୍ଦେଶ୍ୟ ଅନ୍ୟ କିଛି ନୁହେଁ । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡର ନାଥ ଏକଥା ସମସ୍ତେ ସ୍ୱୀକାର କରନ୍ତି । ତାଙ୍କୁ କିଏ ବା କ'ଣ ଦେବ ସିଏ ନେବେ, ସବୁତ ତାଙ୍କର । ସେ ସୃଷ୍ଟି ସେ ସ୍ରଷ୍ଟା । ଆମେ ତ କେବଳ ମାଧ୍ୟମ ମାତ୍ର । ଆମର ତାଙ୍କ ପ୍ରତି ଦାନହେଉ ବା ସମର୍ପଣ ହେଉ ତାଙ୍କ ଚରଣରେ କେବଳ ମାନବୀୟ ଔପଚାରିକତା ମାତ୍ର ।

ପୁରାଣ ପୃଷ୍ଠାରେ କୋହିନୂର ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ହୀରା କୋହିନୂରର ଇତିହାସ ବହୁତ ପୁରୁଣା । ସେହି ହୀରା କେଉଁଠି, କେବେ, ଆବିଷ୍କୃତ ହୋଇଥିଲା ତାହା ଜଣାଯାଏ ନାହିଁ । ସେହିଟିକୁ ମହାଭାରତ ବର୍ଣ୍ଣିତ ସ୍ୟମନ୍ତକ ମଣି ବୋଲି କୁହାଯାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ ପୁରୁଷ । ସେ ବିଭିନ୍ନ ଯୁଗରେ ବିଭିନ୍ନ ଅବତାର ନେଇ ଜନ୍ମଗ୍ରହଣ କରିଛନ୍ତି । ଦୁଷ୍ଟ ସଂହାର କରି ସନ୍ଥପାଳି ଅଛନ୍ତି ଏବଂ ଧର୍ମପ୍ରତିଷ୍ଠା କରିଛନ୍ତି । କୃଷ୍ଣ ଅବତାରରେ ସେ ମଥୁରାର ବନ୍ଦୀ ଶାଳାରେ ଜନ୍ମହୋଇ ଗୋପପୁରରେ ନନ୍ଦଘରେ ପ୍ରତିପାଳିତ ହୋଇଥିଲେ । ଦ୍ୱାପର ଯୁଗରେ ରାଜା ସମ୍ରାଜିତ୍ୱଙ୍କ ଭାଇ ପ୍ରସେନଜିତ୍ ସ୍ୟମନ୍ତକ ମଣିଧରି ଜଙ୍ଗଲକୁ ଶୀକାର କରିବାକୁ ଯାଇଥିବା ବେଳେ ସିଂହ ଆକ୍ରମଣରେ ପ୍ରାଣ ହରାଇଥିଲେ । ସେଠାରେ ଉପସ୍ଥିତ ଥିବା ଜାମ୍ବବାନ ସିଂହକୁ ମାରି ମଣିଟିକୁ ଉଦ୍ଧାର କରି ନିଜର ଏକମାତ୍ର କନ୍ୟା ଜାମ୍ବବତୀଙ୍କୁ ଉପହାର ଦେଇଥିଲେ । ଅପରପକ୍ଷରେ ଭଗବାନ ଶ୍ରୀକୃଷ୍ଣ ସ୍ୟମନ୍ତକ ମଣି ପାଇଁ ପ୍ରସେନଜିତଙ୍କୁ ହତ୍ୟା କରିଥିବା ଅପପ୍ରଚାର ହେବା ଯୋଗୁଁ ସେ ମଣି ସନ୍ଧାନରେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରି ଜାମ୍ବବାନଙ୍କୁ ଭେଟିଥିଲେ । ଦୁହିଁଙ୍କ ମଧ୍ୟରେ ଏକୋଇଶି ଦିନ ଧରି ଯୁଦ୍ଧ ଚାଲି ଥିଲା । ତେବେ ଯୁଦ୍ଧ ଅନ୍ତ ନହେବାରୁ ଜାମ୍ବବାନ ଜାଣିପାରିଥିଲେ ଯେ ସେ ସ୍ୱୟଂ ରାମଚନ୍ଦ୍ରଙ୍କ ସହ ଲଢୁଛନ୍ତି । ଶେଷରେ ସେ ଲଢେଇରୁ ନିବୃତ୍ତ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କୁ କ୍ଷମା ପ୍ରାର୍ଥନା କରି ନିଜର କନ୍ୟା ଜାମ୍ବବତୀ ଏବଂ ସ୍ୟମନ୍ତକ ମଣିକୁ ଶ୍ରୀକୃଷ୍ଣଙ୍କୁ ପ୍ରଦାନ କରିଥିଲେ ।

ଏତ ଗଲା ପୁରାଣ କିମ୍ବଦନ୍ତୀରେ ବର୍ଣ୍ଣିତ କୋହିନୂର ହୀରାର କଥା । ଏ କଥାକୁ ସାମ୍ପ୍ରତିକ ସମାଜର ଯୁବକ ଓ ପାଠକ ଗୋଷ୍ଠୀ ବିଶ୍ୱାସ କରିବେ ବା ନକରିବେ ସେ ତ ଅଲଗା କଥା, କିନ୍ତୁ ଏ କାହାଣୀରୁ ସ୍ପଷ୍ଟ ପ୍ରମାଣିତ ଯେ କୋହିନୂର ହୀରା ବା ସ୍ୟମନ୍ତକ ମଣିର ପଛରେ ଥିବା ଇତିହାସ ବହୁତ ପ୍ରାଚୀନ ଏବଂ ଏହା ଭାରତର ନିଜସ୍ୱ ହୀରା । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ଇତିହାସ ପୃଷ୍ଠାରେ କୋହିନୂର**

ଇତିହାସ ପୃଷ୍ଠାରେ ବିଶ୍ୱବିଖ୍ୟାତ କୋହିନୂର ହୀରା ପଛରେ ରହିଛି ବହୁ ରକ୍ତରଞ୍ଜିତ ଇତିହାସର କାହାଣୀ । ଷୋଡଶ ଶତାବ୍ଦୀରପ୍ରଥମ ଭାଗରେ ରାଜପୁତଙ୍କ ବିରୋଧରେ ଯୁଦ୍ଧ କରିଥିଲେ ମୋଗଲ ସମ୍ରାଟ ହୁମାୟୁନ । ଏଥିରେ ବିଜୟ ଲାଭ କରିଥିଲେ ହୁମାୟୁନ୍ । ପରାଜିତ ଏବଂ ବନ୍ଦୀ ହୋଇଥିଲେ ରାଜପୁତ ସମ୍ରାଟ ବିକ୍ରମଜିତ୍ । ତାଙ୍କ ଠାରୁ ହୁମାୟୁନ୍ ଲାଭ କରିଥିଲେ ବିଶ୍ୱ ପ୍ରସିଦ୍ଧ କୋହିନୂର ।

ହୁମାୟୁନଙ୍କର ସ୍ୱଳ୍ପ ସମୟର ରାଜନୈତିକ ଜୀବନ ଶାନ୍ତିପୂର୍ଣ୍ଣ ନଥିଲା । ଶେରଶାହାଙ୍କ ବିଦ୍ରୋହ ଦ୍ୱାରା ଅସ୍ତବ୍ୟସ୍ତ ହୋଇ ସେ ଏକ ସମୟରେ ଆଶ୍ରୟ ନେଇଥିଲେ ପାରସ୍ୟରେ । କୃତଜ୍ଞତା ସ୍ୱରୂପ ସେ କୋହିନୂରକୁ ଭେଟିଦେଇଥିଲେ ପାରସ୍ୟର ସମ୍ରାଟଙ୍କୁ । ସେତେବେଳେ ପାରସ୍ୟର ସମ୍ରାଟ କୋହିନୂର ହୀରାର ମୂଲ୍ୟ ଜାଣିବା ପାଇଁ ହୁମାୟୁନଙ୍କୁ ପ୍ରଶ୍ନକଲେ । ହୁମାୟୁନଙ୍କ ଐତିହାସିକ ଉତ୍ତରଟି ଥିଲା, 'ଏହା ଦୁର୍ମୂଲ୍ୟ, ଏହାର ମୂଲ୍ୟ କଳନା କରାଯାଇପାରେନା । ଏହାକୁ କେବଳ ହାସଲ କରାଯାଇପାରେ ତରବାରୀ ବଳରେ ନଚେତ୍ କୌଣସି ପରାକ୍ରମୀଙ୍କ ସୌଜନ୍ୟରୁ' ।୧୫୮୭ରେ କୋହିନୂର ଫେରିଥିଲା ତା'ର ଜନ୍ମଭୂମି ଭାରତକୁ । ପାରସ୍ୟର ତତ୍କାଳୀନ ରାଜା ଅହମ୍ମଦ ନଗରର ରାଜା ପ୍ରଥମ ବୁରହାନ୍‌ଙ୍କୁ ତାହା ଉପହାର ଭାବେ ଦେଇଥିଲେ । ୧୬୩୦ ପର୍ଯ୍ୟନ୍ତ ତାହା ଅହମ୍ମଦ ନଗରରେ ହିଁ ଥିଲା । ସେହି ବର୍ଷ ମିରଜୁମ୍ଲା ନାମକ ରାଜକର୍ମଚାରୀ ସେଇଟିକୁ ଚୋରାଇ ନେଇ ପଳାଇଥଲେ ଦିଲ୍ଲୀ । ନିଜର ପ୍ରାଣ ବଞ୍ଚାଇବା ପାଇଁ ସେଇଟିକୁ ଭେଟି ଦେଇଥିଲେ ଶାହାଜାହାନଙ୍କୁ । ଅଷ୍ଟାଦଶ ଶତାବ୍ଦୀରେ ପରାଜିତ ଦିଲ୍ଲୀ ସମ୍ରାଟ ବିଜୟୀନାଦୀର ଶାହଙ୍କ ସହ ମୁକୁଟ ଭିତରେ ସେ ହୀରାଟିକୁ ଲୁଚାଇ ରଖୁଥିବା ନାଦିର ଶାହଙ୍କୁ ଜଣାଥୁଲା । ମୁକୁଟ ବଦଳରେ ପରିମାଣ ସ୍ୱରୂପ ତାହା ପଡିଥିଲା ନାଦିର ଶାହଙ୍କ ହାତରେ । ସେ ତାହାକୁ ନାମିତ କରିଥିଲେ 'ଆଲୋକ ପାହାଡ' ବା 'କୋହ-ଇ-ନୂର' ଭାବେ ।

ଏହା ପରେ ପରେ ଆରମ୍ଭ ହୋଇଥୁଲା କୋହିନୂରର ରକ୍ତରଞ୍ଜିତ ଇତିହାସ । କୋହିନୂର ପାଇଁ ନିଜଆଖୁ ହରାଇଥିଲେ ନାଦିରଶାହଙ୍କ ଭାଇପୁଅ ଅହସେନ୍ । ପରେ ତାହା ପଡିଥିଲା ଦୁରାନୀ ବଂଶର ରାଜା ଅହମ୍ମଦ ଶାହଙ୍କ ହାତରେ । ତାହାପରେ ସେଇଟିକୁ ପାଇଥିଲେ ଆଫ୍‌ନୀ ଶାସକ ଅମିର୍ ଶାହସୁଜା । ସୁଜା ଘଟଣା କ୍ରମରେ ରଣଜିତ୍ ସିଂଙ୍କ ଦ୍ୱାରା ସାହାଯ୍ୟ ଓ ଉଦ୍ଧାର ପାଇଥିଲେ । ଶେଷରେ କୋହିନୂର ଧରାପଡ଼ିଥିଲା ଜଣେ

ଭାରତୀୟ ସମ୍ରାଟଙ୍କ ହସ୍ତରେ ।ରଣଜିତ ସିଂ ଏବଂ କୋହିନୂର ଜଗନ୍ନାଥ ଧର୍ମର ଆଦର୍ଶ, ସାମାଜିକ ଐକ୍ୟ, ସମତା ଓ ସମନ୍ୱୟତାର ପ୍ରଭାବରେ ଅଭିଭୂତ ହୋଇ ଶିଖ୍ ଧର୍ମ ପ୍ରବର୍ତ୍ତକ ଓ ପ୍ରଚାରକ ଶ୍ରୀ ନାନକ ୧୫୦୮ରେ ଶ୍ରୀକ୍ଷେତ୍ରରେ ପଦାର୍ପଣ କରିଥିଲେ ଏବଂ ମହାପ୍ରଭୁଙ୍କ ଚରଣ ତଳେ ଆଶ୍ରୟ ନେଇଥିଲେ । ସେଥିପାଇଁ ଶିଖ୍ ସମ୍ପ୍ରଦାୟ ଶ୍ରୀଜଗନ୍ନାଥଙ୍କୁ ଦେବତା ରୂପେ ମାନନ୍ତି । ପଞ୍ଜାବ କେଶରୀ ରଣଜିତସିଂ ନୀଳାଚଳ ନାଥଙ୍କ ପ୍ରତି କୋହିନୂର ହୀରା ଦାନ କରିବେ ବୋଲି ଇଚ୍ଛାପୋଷଣ କରିଥିଲେ ଏବଂ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ତୋରଣ ମଣ୍ଡପ ନିର୍ମାଣ କରାଇଥିଲେ । ୧୮୩୯ରେ ରଣଜିତ୍ ସିଂଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁର ଦଶବର୍ଷ ପରେ ବ୍ରିଟିଶମାନେ ପଞ୍ଜାବ ଅଧିକାର କରିବା ସହିତ କୋହିନୂର ହୀରା ଦଖଲ କରିଥିଲେ । ପଞ୍ଜାବ କେଶରୀ ରଣଜିତ ସିଂଙ୍କ ଶେଷ ଜୀବନ ରୋଗ ଓ ଅସୁସ୍ଥତାରେ ଭରି ରହିଥିଲା । ସେଥିପାଇଁ ସିଏ ଆଉ ଶ୍ରୀକ୍ଷେତ୍ର ଆସିପାରି ନଥିଲେ, କି କୋହିନୂର ହୀରାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖକୁ ପଠାଇ ପାରିନଥିଲେ । ତାଙ୍କ ଇଚ୍ଛା ଇଚ୍ଛାରେ ରହିଯାଇଥିଲା ।ବକିଂହାମ ରାଜପ୍ରାସାଦ ଏବଂ କୋହିନୂର ବ୍ରିଟିଶମାନେ ପଞ୍ଜାବ ଅଧିକାର କରିବା ସଙ୍ଗେ ସଙ୍ଗେ କୋହିନୂର ହୀରା ଦଖଲ କରିଥିଲେ । ପରେ ପରେ ଲର୍ଡ ଡେଲାହାଉସି ଏକ ବିଶେଷ ଉତ୍ସବ ଆୟୋଜନ କରି କୋହିନୂର ହୀରାକୁ ରାଣୀ ଭିକ୍ଟୋରିଆଙ୍କୁ ଉପହାର ଦେଇଥିଲେ । ସେହିଦିନ ଠାରୁ କୋହିନୂର ଲଣ୍ଡନର ବକିଂହାମ ରାଜପ୍ରାସାଦରେ ଆଜିଯାଏ ଅଛି ।

ପଞ୍ଜାବ କେଶରୀ ରଣଜିତ ସିଂଙ୍କ ଶେଷଇଚ୍ଛା ଅନୁଯାୟୀ, କୋହିନୂର ପାଇବା କଥା ମହାପ୍ରଭୁ ଶ୍ରୀଜଗନ୍ନାଥ । ତେବେ ଆଜିଯାଏ ତାଙ୍କର ଶେଷ ଇଚ୍ଛାକୁ ପୂରଣ କରାଯାଇ ପାରିନାହିଁ । କେଜାଣି କେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଭକ୍ତର ଶେଷଇଚ୍ଛା ପୂରଣ କରିବା ସହିତ ନିଜର ପ୍ରିୟ ସ୍ୟମନ୍ତକ ମଣିକୁ ନିଜେ କେବେ ଉଦ୍ଧାର କରି ବେ ସେହି ମହାକାଳର ମହାନାୟକ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ହିଁ କେବଳ ଜଣା ।

**ତାମ୍ପଦା, ମାଧବ, ନୀଆଳି ଜିଲ୍ଲା- କଟକ, ପିନ୍- ୭୫୪୦୦୪**

# ଭାରତର ସ୍ୱାଧୀନତା ସଂଗ୍ରାମରେ ଚାଖି ଖୁଣ୍ଟିଆଙ୍କ ଅବଦାନ

ଭାଗ୍ୟଲିପି ମଲ୍ଲ

ବହୁ ତ୍ୟାଗ, ସାଧନ ଓ ସଂଗ୍ରାମର ପ୍ରତିଦାନରେ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ଭାରତ ଯେଉଁ ସ୍ୱାଧୀନତାର ସୂର୍ଯ୍ୟ ଦେଖିଲା, ୧୮୫୭ ମସିହାର ସିପାହୀ ବିଦ୍ରୋହ ହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇଁ ସେହି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା । ତେବେ ଏହାର ତିରିଶ ବର୍ଷ ପୂର୍ବରୁ ଅର୍ଥାତ୍ ୧୮୨୭ ମସିହାରେ ତତ୍କାଳୀନ ବ୍ରିଟିଶ୍ ସରକାର ବିରୁଦ୍ଧରେ ଏକ ସଶସ୍ତ୍ର ସଂଗ୍ରାମର ବହ୍ନି ପ୍ରଜ୍ୱଳିତ ହୋଇ ତାର ଲେଲିହାନ ଶିଖାରେ ବ୍ରିଟିଶ୍ ଶାସନକୁ ଲହୁଲୁହାଣ କରିପକାଇଥିଲା ଏବଂ ପ୍ରତ୍ୟେକ ଭାରତୀୟ ପ୍ରାଣରେ ଉଜ୍ଜୀବିତ କରି ତୋଳିଥିଲା ସ୍ୱାଧୀନତାର ମହାମନ୍ତ୍ର । ସେହି ସଶସ୍ତ୍ର ସଂଗ୍ରାମର ବହ୍ନି ପ୍ରଜ୍ୱଳିତ ହୋଇଥିଲା ସମଗ୍ର ଓଡିଶା ଭୂମିରେ । ଏହି ସଂଗ୍ରାମରେ ପୁଣ୍ୟଭୂମି ବୀରଭୂମି ଓଡିଶା ମାଟିର ଅମର ଶହୀଦମାନଙ୍କ ମଧ୍ୟରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ରଘୁ-ଦିବାକର ଓ ଲକ୍ଷ୍ମଣ ନାୟକ ପ୍ରମୁଖ ଝାସ ଦେଇଥିଲେ । ସ୍ୱାଧୀନତାର ମହନୀୟ ଭାବନାରେ ଉଦ୍‌ବୁଦ୍ଧ ହୋଇ ଜୀବନର ସମସ୍ତ ସୁଖ ସମ୍ଭୋଗକୁ ଜଳାଞ୍ଜଳି ଦେଇ ଯେଉଁ ଅମର ଶହୀଦ ମାନେ ଦେଶପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ, ସ୍ୱାଧୀନତାର ଅନେକ ବର୍ଷପରେ ମଧ୍ୟ ସେମାନଙ୍କ ନିକଟରେ ମୁଣ୍ଡ ଆପେ ଆପେ ନଇଁଯାଏ । ଚାଖି ଖୁଣ୍ଟିଆ ଓଡ଼ିଶା ମାଟିର ଏହି ଭଳି ଜଣେ ବିପ୍ଳବୀ ବୀର ସନ୍ତାନ । ୧୮୫୭ ମସିହାର ସିପାହୀ ବିଦ୍ରୋହରେ ସେଥିଲେ ଜଣେ ପ୍ରମୁଖ ବିପ୍ଳବୀ, ଯିଏକି ଏହି ବିପ୍ଳବରେ ଭାରତର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା ବୀରପୁରୁଷମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ । ସିପାହୀ ବିଦ୍ରୋହରେ ଚାଖି ଖୁଣ୍ଟିଆ ଯୋଗ ଦେବାର ବହୁ ପୂର୍ବରୁ ଅର୍ଥାତ୍ ୧୮୧୭ ମସିହାରେ ଓଡିଶାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢେଇ ଆରମ୍ଭ ହୋଇଯାଇଥିଲା । ସୁରେନ୍ଦ୍ର ସାଏ ୧୮୩୯ ମସିହାରେ ସମ୍ବଲପୁରରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ କରି ଇଂରେଜ ମାନଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ ଚାଲୁ କରିଦେଇଥିଲେ । ବକ୍ସି ଜଗବନ୍ଧୁ ଓ ସୁରେନ୍ଦ୍ର ସାଏଙ୍କ ପରେ ଚାଖିଖୁଣ୍ଟିଆ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ କରି ଇତିହାସ ସୃଷ୍ଟି କଲେ ।

ସେହି ବିପ୍ଳବୀ ବୀର ଚାଖି ଖୁଣ୍ଟିଆଙ୍କର ପ୍ରକୃତ ନାମ ହେଉଛି ଚନ୍ଦନ ହଜୁରୀ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଚନ୍ଦନ ରଖାଯାଇଥିଲା । ତାଙ୍କ ପୂର୍ବପୁରୁଷଙ୍କୁ ପୁରୀରାଜା ହଜୁରୀ ଉପାଧି ପ୍ରଦାନ କରିଥିଲେ । ତାଙ୍କୁ ହଜୁର ବୋଲି ସମ୍ମାନ କରିବାକୁ ଗଜପତିଙ୍କ ହୁକୁମ ଥିଲା । ଖୁଣ୍ଟିଆ ଭାବେ ସେ ଜଗନ୍ନାଥଙ୍କ ସେବାକାରୀ ଥିଲେ । ତେଣୁ ପ୍ରଥମେ ତାଙ୍କର ନାମ ହଜୁରୀ ଚନ୍ଦନ ଖୁଣ୍ଟିଆ ଥିଲା ଏବଂ ପରେ ତାହା ଚନ୍ଦନ ହଜୁରୀ ଭାବେ ଅଧିକ ଲୋକପ୍ରିୟ ହେଲା । ତେବେ ଏହି ଚନ୍ଦନ ହଜୁରୀ ପିଲାଦିନେ ଖୁବ୍ ଦୁଷ୍ଟ ଥିଲେ ଏବଂ ଆନନ୍ଦ ବଜାରରେ ସବୁଦିନ ମହାପ୍ରସାଦ ଚାଖି ଥିବାରୁ ତାଙ୍କୁ ଲୋକେ ଚାଖି ବୋଲି ଡାକୁଥିଲେ । କ୍ରମେ ହଜୁରୀ ଚନ୍ଦନ ଖୁଣ୍ଟିଆ-ଚାଖିଖୁଣ୍ଟିଆ ନାମରେ ସର୍ବଜନବିଦିତ ହେଲେ । ଚାଖି ଖୁଣ୍ଟିଆ ଥିଲେ ଅସମ୍ଭବ ପ୍ରକାରର ସ୍ୱାଭିମାନୀ । ନୀଳାଚଳଧାମ ପୁରୀ ଥିଲା ତାଙ୍କର ଜନ୍ମସ୍ଥାନ, ପୁଣି ସେ ଥିଲେ ସେବାୟତରେ ଖୁଣ୍ଟିଆ । କିନ୍ତୁ ଚାଖି ଖୁଣ୍ଟିଆଙ୍କ ପ୍ରସଙ୍ଗ ଆସିବା ମାତ୍ରେ ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କ ପ୍ରସଙ୍ଗ ହିଁ ଆସେ । ସୁତରାଂ ପୁରୀ କ୍ଷେତ୍ରରେ ଜଣେ ସାଧାରଣ ସେବାୟତଙ୍କର ଝାନ୍ସୀ ରାଣୀଙ୍କ ସହ ଯୋଗସୂତ୍ର-ପୁଣି ଭାରତର ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ୟ ପ୍ରଦାନ କେମିତି ଅବିଶ୍ୱାସ ମନେ ହେଉଥିଲେ ମଧ୍ୟ ଏହା ନିରାଟ ସତ୍ୟ । ଝାନ୍‌ସୀ ରାଣୀଙ୍କ ପିତା ଥିଲେ ପେଶୱାଙ୍କ ଦେୱାନ । ପେଶୱାଙ୍କ ପାଖକୁ ଚାଖି ଖୁଣ୍ଟିଆ ତାଙ୍କ ପିଲାଦିନେ ପିତା ରଘୁନାଥ ଖୁଣ୍ଟିଆଙ୍କ ସହ ଯାଉଥିଲେ । ସେଠାରେ ସେ ପେଶୱାଙ୍କ ଦେୱାନଙ୍କର ଝିଅ ମନୁବାଈ ଓ ପେଶୱାଙ୍କ ପୋଷ୍ୟପୁତ୍ର ନାନା ସାହେବଙ୍କ ସହ ମିଶି ଖଣ୍ଡା ଚାଳନା ଓ ଅଶ୍ୱାରୋହଣ ଶିକ୍ଷା କରିଥିଲେ । ଝାନ୍ସୀର ରାଜା ଗଙ୍ଗାଧର ରାଓଙ୍କର ପୂଜାପଣ୍ଡା ଭାବେ ମଧୁ ଚାଖି ଖୁଣ୍ଟିଆଙ୍କର ପିତା କାର୍ଯ୍ୟ କରୁଥିଲେ ଏବଂ ତାଙ୍କ ମଧ୍ୟସ୍ଥତାରେ ରାଜା ଗଙ୍ଗାଧର ରାଓଙ୍କ ପ୍ରଥମ ପତ୍ନୀଙ୍କ ଦେହାନ୍ତ ପରେ ମନୁବାଈଙ୍କୁ ବିବାହ କରିଥିଲେ । ବିବାହ ପରେ ମନୁବାଈଙ୍କ ନାମ ଲକ୍ଷ୍ମୀବାଈରେ ରୂପାନ୍ତରିତ ହେଲା । ମାତ୍ର ୨୧ ବର୍ଷ ବୟସରେ ଲକ୍ଷ୍ମୀବାଈ ସ୍ୱାମୀ ତଥା ରାଜା ଗଙ୍ଗାଧର ରାଓଙ୍କୁ ହରାଇଥିଲେ । ନିଃସନ୍ତାନ ରାଣୀ ଲକ୍ଷ୍ମୀବାଈ ଇଂରେଜ ସରକାରଙ୍କ ବିନା ଅନୁମତିରେ ପୋଷ୍ୟପୁତ୍ର ଗ୍ରହଣ କଲେ । ରାଣୀ ଲକ୍ଷ୍ମୀବାଈଙ୍କ ସହିତ ଇଂରେଜ ସରକାରଙ୍କର ଯୁଦ୍ଧଦେହୀ ଡାକରା ଆରମ୍ଭ ହୋଇଗଲା । ଏହି ଘଡିସନ୍ଧି ମୁହୂର୍ତ୍ତରେ ରାଣୀ ଲକ୍ଷ୍ମୀବାଈ ଚାଖି ଖୁଣ୍ଟିଆଙ୍କର ସାହାଯ୍ୟ ଲୋଡିଲେ ଏବଂ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ କରିବାକୁ ତାଙ୍କୁ ଆହ୍ୱାନ ଜଣାଇଲେ । ରାଣୀଙ୍କଠାରୁ ଖବର ପାଇବା ବେଳକୁ ଚାଖି ଖୁଣ୍ଟିଆଙ୍କ ମନରେ ଇଂରେଜମାନଙ୍କ ପ୍ରତି ବିଦ୍ୱେଷ ଡେଇଁ ଉଠିଥାଏ । କାରଣ ସେତେବେଳେ ଇଂରେଜମାନେ ଚିଲିକା ପାର ହୋଇ ବ୍ରହ୍ମଗିରି ବାଟେ ପୁରୀରେ ପ୍ରବେଶ କରି ଜଗନ୍ନାଥଙ୍କ ବିଷୟରେ ନାନା ଅପପ୍ରଚାର ଆରମ୍ଭ କରିଦେଇଥିଲେ । ଏଣେ ସେହି ସମୟରେ ଗଜପତି ମୁକୁନ୍ଦଦେବ ବଡ ଖେମୁଣ୍ଡି ରାଜାଙ୍କ ପୁଅକୁ ପୋଷ୍ୟପୁତ୍ର କରିଥିଲେ । ନାବାଳକ ରାଜାଙ୍କୁ ଦିବ୍ୟସିଂହଦେବ ବୋଲି ନାମ ଦିଆଗଲା ଏବଂ ତାଙ୍କ ତରଫରୁ ରାଜମାତା ସୂର୍ଯ୍ୟମଣି ଦେବୀଙ୍କୁ ମନ୍ଦିର ପରିଚାଳନା ଦାୟିତ୍ୱ ଦିଆଗଲା । ମାତ୍ର ରାଜମାତାଙ୍କୁ ଇଂରେଜ ସରକାରଙ୍କ କଠୋର ବ୍ୟବହାର ରାଣୀଙ୍କ ପ୍ରଧାନ ସେବାୟତ ଚାଖି ଖୁଣ୍ଟିଆଙ୍କୁ ଖୁବ୍ ବ୍ୟଥିତ କରୁଥିଲା । ଏସବୁରେ ଯୁକ୍ତ ବ୍ୟଥିତ ଚାଖିଖୁଣ୍ଟିଆ ଇଂରେଜମାନଙ୍କୁ ଉଚିତ୍ ଜବାବ ଦେବା କଥା ଚିନ୍ତା କରୁଥିବା ବେଳେ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଏବଂ ଏଥିରେ ତାଙ୍କୁ ସହଯୋଗ କରିବା ପାଇଁ ରାଣୀ ଲକ୍ଷ୍ମୀବାଈଙ୍କଠାରୁ ବାର୍ତ୍ତା ପାଇଥିଲେ ।

ଏହିଭଳି ପରିସ୍ଥିତିରେ ଚାଖି ଖୁଣ୍ଟିଆ ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ରାଣୀଙ୍କୁ ସହଯୋଗ କରିବାକୁ ମନସ୍ଥ କଲେ । କୁମ୍ଭୀ କସରତରେ ପାରଙ୍ଗମ ବାଖି ଖୁଣ୍ଟିଆ ପତ୍ନୀ ସୁନ୍ଦର ମଣିଙ୍କୁ ବିଧବା ପିଉସୀ ପାରୀନାନୀଙ୍କ ହେପାଜତ୍‌ରେ ଛାଡି ଝାନ୍ସୀ ଅଭିମୁଖେ ଯାତ୍ରା କଲେ । ଝାନ୍ସୀରେ ପହଞ୍ଚିବା ପରେ ନିଷ୍ପରି ହେଲା ଯେ, ଝାନ୍ସୀ ରାଣୀ, ନାନା ସାହେବ ଓ ତାରି ଆ ଟୋପେ ସିପାହୀମାନଙ୍କୁ ନେଇ ଇଂରେଜମାନଙ୍କ ସହ ଲଢିବେ ଓ ଚାଖି ଖୁଣ୍ଟିଆ ହେବେ ସେମାନଙ୍କ ସୂତ୍ରଧର । ସେତେବେଳେ ସିପାହୀ ବିଦ୍ରୋହ ସମଗ୍ର ଦେଶରେ ବିସ୍ଫୋରଣର ରୂପ ନେଇ ସାରିଥାଏ । ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାରରେ ଅତିଷ୍ଠ ହୋଇ ପଡିଥାନ୍ତି ସମଗ୍ର ଦେଶବାସୀ । ଇଂରେଜମାନଙ୍କ ଅଧୀନରେ ଥିବା ସିପାହୀମାନଙ୍କୁ ବନ୍ଧୁକ ନଳୀରେ ଲାଗିଥିବା ଗୋରୁ ଓ ଘୁଷୁରୀର ଚର୍ବିକୁ କାମୁଡି ତୋପ ଫୁଟାଇବାକୁ ଇଂରେଜମାନେ ବାଧ୍ୟ କରୁଥିଲେ । ଏହି କାର୍ଯ୍ୟରେ ଅତ୍ୟନ୍ତ କ୍ଷୁବ୍ଧ ଥିଲେ ହିନ୍ଦୁ ଓ ମୁସଲମାନ ସିପାହୀମାନେ । ଜାତି ଯିବା ଭୟରେ ସେମାନେ ଇଂରେଜମାନଙ୍କ ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରିବାକୁ ଲାଗିଥିଲେ ।

ଚନ୍ଦନ ହଜୁରୀ ଏହି ବିଦ୍ରୋହର ସୁବିଧା ନେଲେ । ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କଠାରୁ ବାର୍ତ୍ତା ନେଇ ଉତ୍ତରପ୍ରଦେଶ ଗଲେ ଏବେ ସେଠାରେ ସେ ବହୁ ସତର୍କତାର ସହିତ ନାନା ସାହେବଙ୍କୁ ସାକ୍ଷାତ କଲେ । ପରେ ପରେ ଚାରିଆ ଟୋପେଙ୍କ ସହ ପରାମର୍ଶ କରି ବିଦ୍ରୋହର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କଲେ । ମୁସଲମାନମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ ଓ ଦିଲ୍ଲୀ ସମ୍ରାଟ ବାହାଦୂର ଶାହାଙ୍କ ସହିତ ଯୋଗାଯୋଗ ରକ୍ଷାକରି ଚନ୍ଦନ ହଜୁରୀ ଭାରତର ଏହି ମହାନ୍ ସ୍ୱାଧୀନତା ସଂଗ୍ରାମରେ ଝାନ୍ସୀ ରାଣୀଙ୍କୁ ସହଯୋଗ କରୁଥିଲେ । ଏଥିନେଇ ବାଖୁ ଖୁଣ୍ଟିଆଙ୍କୁ ଲାଲାଜୀ ନାମକ ଜଣେ ବ୍ୟକ୍ତି ଖୁବ୍ ଈର୍ଷା କରୁଥିଲେ । ରାଣୀଙ୍କ ସହ ବିଶ୍ୱାସଘାତକତା କରି ମୂଳ ଦୁର୍ଗର ଦ୍ୱାର ଖୋଲି ଦେଇଥିଲେ । ଫଳତଃ ରାଣୀ ଇଂରେଜମାନଙ୍କ ହାତରେ ଖୁବ୍ ସହଜରେ ଧରା ପଡିଯିବେ । ମାତ୍ର ଚାଖି ଖୁଣ୍ଟିଆଙ୍କ ପରାମର୍ଶକ୍ରମେ ବିପଦର ଆଶଙ୍କା କରି ରାଣୀ ଆଗରୁ ଦୁର୍ଗ ଛାଡି ଚାଲିଯାଇଥିଲେ । ଫଳତଃ କ୍ୟାପ୍‌ଟେନ୍ ସ୍କିନରଙ୍କୁ ଝାନ୍ସୀ ଦଖଲ କରିବାକୁ ସୁବିଧା ହୋଇଗଲା ।

ଚାଖି ଖୁଣ୍ଟିଆଙ୍କ ସମେତ ରାଣୀ ଲକ୍ଷ୍ମୀବାଈଙ୍କର ଆଉ ଦୁଇଜଣ ପ୍ରଧାନ ସହଯୋଗୀ ଥିଲେ । ସେମାନେ ହେଲେ ରାମଚନ୍ଦ୍ର ଦେଶମୁଖ ଓ ଖୋଦାବକ୍ସ । ୧୮୫୮ ମସିହା ମାର୍ଚ୍ଚ ମାସ ୧୩ତାରିଖରେ ଇଂରେଜମାନେ ଯେତେବେଳେ ଝାନ୍ସୀ ଆକ୍ରମଣ କଲେ, ସେତେବେଳେ ୨୦୦ ତୋପ ଓ କୋଡିଏ ହଜାର ସୈନ୍ୟ ନେଇ ଝାନ୍ ସୀରେ ପହଞ୍ଚିବାକୁ ଥିବା ଚାରିଆ ଟୋପେ ଇଂରେଜମାନଙ୍କ ଦ୍ୱାରା ବାଟରେ ଧରାପଡି ଯିବାରୁ ଝାନ୍ସୀରେ ପହଞ୍ଚି ପାରିଲେ ନାହିଁ । ରାଣୀଙ୍କ ପିତା ମଧ୍ୟ ଯୁଦ୍ଧରେ ନିହତ ହେଲେ । ଫଳରେ ରାଣୀଙ୍କ ହାତରୁ ଝାନ୍ସୀ ସବୁଦିନ ପାଇଁ ଚାଲି ଗଲା । ଗୋଆଲି ଅର ରାଜାଙ୍କଠାରୁ ମଧ୍ୟ ରାଣୀ ସାହାଯ୍ୟ ଆଶା କରି ଥିଲେ । ଗୋଆଲିଅରର ମରହଟ୍ଟା ରାଜା ସିନ୍ଧିଆ ସାହାଯ୍ୟ କରିବାକୁ ଯଦିଓ ପ୍ରଥମେ ରାଜି ହୋଇଥିଲେ ପରେ ଇଂରେଜମାନଙ୍କ ଭୟରେ ଏଥିପାଇଁ ପଛଘୁଞ୍ଚା ଦେଇଥିଲେ ।ରାଣୀ ଲକ୍ଷ୍ମୀବାଈ କିନ୍ତୁ ଚେଷ୍ଟା କରିଥିଲେ ଝାନ୍ସୀକୁ ରକ୍ଷା କରିବା ପାଇଁ । ଗୋଆଇଁ ଅର ପାଖାପାଖି ଅଞ୍ଚଳରେ ଇଂରେଜବାହିନୀ ସହିତ ରାଣୀ ଯୁଦ୍ଧ ଅବ୍ୟାହତ ରଖିଥିଲେ । ଚାଖି ଖୁଣ୍ଟିଆ ଛଦ୍ମବେଶରେ ସେଠାରେ ସାଧୁ ଗଙ୍ଗାଦାସ ଭାବେ ଲୁଚି ରହିଥାନ୍ତି । ବହୁ ସାଧନା ଓ ଚେଷ୍ଟା ସତ୍ତ୍ୱେ କିନ୍ତୁ ଲକ୍ଷ୍ମୀବାଈଙ୍କୁ ଭାଗ୍ୟଦେବୀ ପ୍ରସନ୍ନ ହେଲେ ନାହିଁ । ରାଣୀଙ୍କ ଘୋଡା ଏକ ପାଣିଟାପୁ ପାଖରେ ହଠାତ୍ ଅଟକି ଯିବାରୁ ଇଂରେଜମାନଙ୍କ ଗୁଳିରେ ରାଣୀଙ୍କୁ ପ୍ରାଣବଳି ଦେବାକୁ ପଡିଲା । ଜୀବନର ଅନ୍ତିମ ଶଯ୍ୟାରେ ରାଣୀଙ୍କ ନିକଟରେ ଉପସ୍ଥିତ ରହି ଚାଖି ଖୁଣ୍ଟିଆ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ପାଣି ଦେଇ ରାଣୀଙ୍କଠାରୁ ବିଦାୟ ନେଲେ ।

ଜଳନ୍ତା ଜୁଇରେ ଚିର ନିଦ୍ରାରେ ଶୋଇଗଲେ ଭାରତର ସେହି ମହିୟସୀ ନାରୀ ରାଣୀ ଲକ୍ଷ୍ମୀବାଈ । ତାଙ୍କ ସହଯୋଗୀ ତାରିଆ ଟୋପେଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା । ନାନା ସାହେବ କେଉଁଆଡେ ନିରୁଦ୍ଦିଷ୍ଟ ହୋଇଗଲେ । ସାଥୀମାନଙ୍କର ଏହିଭଳି ଦୁର୍ଦ୍ଦଶାରେ ବ୍ୟସ୍ତ ବିବ୍ରତ ଚାଖି ଖୁଣ୍ଟିଆ ଭାବୁଥିଲେ ବରଂ ଯୁଦ୍ଧକ୍ଷେତ୍ରରେ ତାଙ୍କର ମୃତ୍ୟୁ ହୋଇଯାଇଥିଲେ, ଏ ଯନ୍ତ୍ରଣାରୁ ସେ ମୁକ୍ତି ପାଇଯାଇଥାନ୍ତେ । ଝାନ୍ସୀରାଣୀଙ୍କ ଅଭୁଲା ସ୍ମୃତି ଓ ତାଙ୍କର ମଧୁର 'ଭାଇଜୀ' ଡାକ ରହି ରହି ଚାଖିଙ୍କୁ ବ୍ୟଥିତ କରୁଥିଲା ଓ ସତେ ଯେମିତି ବିପ୍ଳବୀ ମାନଙ୍କର ସ୍ମୃତିଚାରଣ କରିବା ଲାଗି ସେ ବଞ୍ଚି ରହିଥିଲେ ବୋଲି ମନେ ମନେ ଭାବୁଥିଲେ ।

ମାତ୍ର ଇଂରେଜ ସରକାରଙ୍କ ଆଖିରେ ଧୂଳି ଦେବାପାଇଁ ପ୍ରଚାର କରାଯାଇଥିଲା ଯେ, ତାଙ୍କର ମୃତ୍ୟୁ ହୋଇଯାଇଛି । ମାତ୍ର ସେତେବେଳେ ସେ ଜଣେ ଜଗନ୍ନାଥ ଭକ୍ତ ରାଜା କାଲାକାଙ୍କରଙ୍କ ନିକଟରେ ଆଶ୍ରୟ ନେଇଥିଲେ । ଏ ଖବରରେ ତାଙ୍କର ପତ୍ନୀ ସୁନ୍ଦରମଣି ବିଧବା ହୋଇଥିଲେ । ଇଂରେଜ ସରକାରଙ୍କ ଏକ ଘୋଷଣା ଜାରି କରାଗଲା ଯେ, ଯେଉଁମାନଙ୍କ ନାମରେ ମଣିଷ ମାରିବା ପ୍ରମାଣ ନାହିଁ, ସେମାନଙ୍କୁ କ୍ଷମା ପ୍ରଦାନ କରାଯିବ । ସେତେବେଳେ କାଲାକାଙ୍କର ରାଜାଙ୍କ ପରାମର୍ଶକ୍ରମେ ଚାଖି ପୁରୀରେ ପହଞ୍ଚିଲେ । ଗଜପତି ଦିବ୍ୟସିଂହ ଦେବ ବୀର ଚନ୍ଦନ ହଜୁରୀଙ୍କୁ ସ୍ୱାଗତ ଜଣାଇଲେ । ମାତ୍ର କିଛିଦିନ ଭିତରେ ଇଂରେଜମାନେ ଗଜପତିଙ୍କୁ ମଣିଷ ମାରିବା ଅପରାଧରେ ଆଜୀବନ ଜେଲ୍‌ଦଣ୍ଡ ଦେଇ କଳାପାଣି ପଠାଇ ଦେଲେ । ପୁଣି ଦୁଃଖରେ ଭାଙ୍ଗି ପଡିଲେ ଚାଖି ଖୁଣ୍ଟିଆ । ପୁରୀରେ ତାଙ୍କର ବିଚାର ଆରମ୍ଭ ହେଲା । ମଣିଷ ମାରିବା ପ୍ରମାଣ ନ ଥିବାରୁ ତାଙ୍କୁ କୌଣସି ଦଣ୍ଡ ଦିଆନଯାଇ ନଜରବନ୍ଦୀ କରି ରଖାଗଲା । ମାତ୍ର ପ୍ରତିଦିନ ତାଙ୍କୁ ଥାନାରେ ହାଜର ହେବାକୁ ପଡୁଥିଲା ।

ଚାଖି ଖୁଣ୍ଟିଆଙ୍କ ପ୍ରତ୍ୟାବର୍ତ୍ତନରେ ପତ୍ନୀ ସୁନ୍ଦରମଣି ପୁଣି ସଧବା ହେଲେ । ମାତ୍ର ଶେଷ ଜୀବନରେ ସବୁ ସାହାଭରସା ହରାଇ ତାଙ୍କ ହାହାକାରମୟ ହୃଦୟ ବିଳାପ କରି ଉଠୁଥିଲା । ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବହୁ ଲୋକପ୍ରିୟ ଜଣାଣ ଲେଖି ଲେଖି ଚାଖି ଖୁଣ୍ଟିଆ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଏହିଭଳି ଏକ ଅଭାବନୀୟ ପରି ସ୍ଥିତି ଭିତରେ ଏକ ମହାନ ବିପ୍ଳବୀଙ୍କ ଜୀବନର ଅନ୍ତ ହୋଇଗଲା । ତାଙ୍କ ପବିତ୍ର ସ୍ମୃତିକୁ ଓଡିଆ ଜାତିର ଜନମାନସରେ ଉଜ୍ଜୀବିତ କରି ରଖିବାକୁ ସଂପ୍ରତି ଓଡିଶା ସରକାରଙ୍କ ପକ୍ଷରୁ ଭୁବନେଶ୍ୱରର କଳ୍ପନାଛକଠାରେ ଚାଖି ଖୁଣ୍ଟିଆଙ୍କର ଏକ ପ୍ରତିକୃତି ସ୍ଥାପନ କରାଯାଇଛି ।

*କ୍ୟୁରେଟର୍ ଇନ, ପୋଥି ବିଭାଗ, ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର ୧୪*

# ଭୟ

ଡ. ମୃଣାଳ ଚାଟାର୍ଜୀ

ଭୟ ଆମର ସବୁଠୁ ଅନ୍ତରଙ୍ଗ ଭାବନା ମଧ୍ୟରୁ ଗୋଟିଏ । ହୁଏତ ଜୀବ-ଜୀବନର ଆରମ୍ଭ ସହିତ କିମ୍ବା ପରେ ପରେ ଭୟ ତା ସହିତ ରହିଛି । କୋଟି କୋଟି ବର୍ଷର ବିକାଶ ପ୍ରକ୍ରିୟାରେ ବିଲୁପ୍ତିରୁ ବଞ୍ଚି ଯାଇଥିବା ସମସ୍ତ ଜୀବ ଜାତିର ଗୁଣସୂତ୍ରରେ ଏହା ପ୍ରୋଥିତ ହୋଇଯାଇଛି । ହୁଏତ ବଞ୍ଚି ରହିବା ପାଇଁ ଏହାର ଆବଶ୍ୟକତା ଥିଲା । ସଭ୍ୟତାର ଅଗ୍ରଗତି ସହିତ ଭୟକୁ ବିଭିନ୍ନ କ୍ଷେତ୍ରରେ, ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଗଲା । କୌତୁହଳର କଥା, ବିଶେଷଜ୍ଞମାନେ କହନ୍ତି ମଣିଷ ତା' ଜନ୍ମ ସୂତ୍ରରେ ମାତ୍ର ଦୁଇଟି ସହଜାତ ଭୟ ନେଇ ପୃଥିବୀକୁ ଆସେ । ଏ ଦୁଇଟି ଭୟ ହେଲା: ଉଚ୍ଚ ଶବ୍ଦର ଭୟ (ଫୋନୋଫୋବିଆ; ଗ୍ରୀକ ଭାଷାରେ 'ଫୋନୋ' ଅର୍ଥ ଶବ୍ଦ; ଆଉ 'ଫୋବିଆ' ହେଲା ଭୟ ) ଏବଂ ଉଚ୍ଚତାର ଭୟ (ଏକ୍ରୋଫୋବିଆ; ଗ୍ରୀକ ଭାଷାରେ 'ଏକ୍ରୋ' ଅର୍ଥ ହେଲା ଶିଖର ବା ଉଚ୍ଚତମ ସ୍ଥାନ । ଅନେକେ ଏହାକୁ 'ଭର୍ଟିଗୋ' ବୋଲି କହନ୍ତି । ତାହା ଭୁଲ । ଭର୍ଟିଗୋ ହେଲା ଏକ୍ରୋଫୋବିଆର ଏକ ଲକ୍ଷଣ) । ଏଗୁଡିକ ଜୀବ ବୈଜ୍ଞାନିକ ପ୍ରତିକ୍ରିୟା ଯାହା ମଣିଷ ବଂଚି ରହିବାର ପ୍ରାଥମିକ ପ୍ରବୃତ୍ତି (survival instinct ) ର ଅଂଶ । ଏହାକୁ ଛାଡି ବାକି ଯେତେ ଭୟ- ଭୂତ ଭୟ, ଈଶ୍ୱରଙ୍କର କ୍ରୋଧର ଭୟ, ପାପପୁଣ୍ୟର ଭୟ, ଜନ୍ମମୃତ୍ୟୁଚକ୍ରର ଭୟ, ଜୀବଜନ୍ତୁଙ୍କ ଭୟ - ଏସବୁ ମଣିଷ ଶିଖେ ତା ପରିବାର ଏବଂ ସମାଜରୁ । ମଣିଷ ଯେଉଁ ସାମାଜିକ ସାଂସ୍କୃତିକ ପରିବେଶରେ ଜନ୍ମ ନେଇଛି, ବଢ଼ିଛି - ତାର ମଧ୍ୟ ଏଥିରେ ବଡ଼ ଭୂମିକା ରହିଛି ।

ଗୋଟେ ଶିଶୁ ଜାଣେ ନାହିଁ ଭୂତ ବୋଲି କିଛି ଅଛି । ଜଣେ ଶିଶୁ ଈଶ୍ୱର ରାଗିଯିବେ ଏମିତି ଭାବିପାରେ ନାହିଁ । ତାକୁ ଏସବୁ ଶିଖା ହୁଏ । ତାକୁ କୁହା ହୁଏ ଯେ ଏମିତି କରନା ପାପ ହବ, ସେମିତି କହନା ଈଶ୍ୱର ରାଗିଯିବେ । ରାତିରେ ଏକା ବାହାରକୁ ବାହାରିବୁ ନାହିଁ । ଭୂତ ଧରିନେଇ ଯିବ । କିଛି ଭୟ ଶିଶୁକୁ ଶୃଙ୍ଖଳିତ କରିବା ପାଇଁ ତା ଭିତରେ ପୁରେଇ ଦିଆଯାଏ, ଆଉ କିଛି ଭୟ ତାକୁ ନିୟନ୍ତ୍ରଣ କରିବା ପାଇଁ । ଏହିସବୁ ଭୟରୁ କିଛି ଭୟ ସେ ବଡ଼ ହେଲେ ଆପେ ଆପେ ଭାଙ୍ଗିଯାଏ ଆଉ କିଛି ଶିଶୁ ମନରେ ଧୀରେ ଧୀରେ ଗୁଛିହୋଇଯାଏ ଏବଂ କ୍ରମଶଃ ମହୀରୁହ ପରି ବଢ଼େ ।

ଉଦାହରଣ ସ୍ୱରୂପ ଭୂତ, ପ୍ରେତ, ରାକ୍ଷସ ଅଶରିରୀ ଆତ୍ମାର ଭୟ । ଏମାନଙ୍କୁ କେବେ କେହି ଦେଖି ନାହାନ୍ତି, କେହି ଏମାନଙ୍କ ଅବସ୍ଥିତି ପ୍ରମାଣ କରିପାରି ନାହାନ୍ତି । ତଥାପି ସମାଜ ତାକୁ କଳ୍ପନାରେ ଏମିତି ଭାବରେ ସଜେଇଛି ଯେମିତି ଏଗୁଡିକ ହେଲା ବାସ୍ତବ । ଏବଂ ଏ ଭୟକୁ ପୁଞ୍ଜି କରି ଏକ ବିଶାଳ ବାଣିଜ୍ୟ ଗଢ଼ି ଉଠିଛି ।

ପ୍ରସଙ୍ଗତ କହିଦିଏ ବଜାର, ରାଜନୀତି ଏବଂ ଧର୍ମ ସବୁଠୁଁ ଅଧିକ ଭୟ ସୃଷ୍ଟି କରନ୍ତି । ଉଦ୍ଦେଶ୍ୟ ପାଖାପାଖି ସମାନ । ଭୟ ନିୟନ୍ତ୍ରଣର ଏକ କାର୍ଯକାରୀ ହତିଆର । ଲକ୍ଷ କରନ୍ତୁ - ବଜାର, ରାଜନୀତି ଏବଂ ଧର୍ମ ଏ ତିନୋଟି ଯାକ ଅନୁଷ୍ଠାନ (ଇନ୍‌ଷ୍ଟିଚ୍ୟୁସନ) ନିୟନ୍ତ୍ରଣ କରିବାକୁ ଭଲ ପାଆନ୍ତି । ବସ୍ତୁତଃ ସେମାନଙ୍କ ଅଭିବୃଦ୍ଧି ନିୟନ୍ତ୍ରଣ ଉପରେ ନିର୍ଭର କରେ ।

ଧର୍ମ ଏବଂ ରାଜନୀତିରେ ନିୟନ୍ତ୍ରଣର ହତିଆର ଭାବରେ 'ଭୟ'ର ସବୁଠୁଁ ଅଧିକ ବ୍ୟବହାର ହୁଏ । ଧର୍ମ ଯେତେବେଳେ ଏକ ସାମାଜିକ ଇନଷ୍ଟିଚ୍ୟୁସନ ହୋଇ ଉଠେ, ସେତେବେଳେ ନିୟନ୍ତ୍ରଣ ଆବଶ୍ୟକ ପଡ଼େ । ଲକ୍ଷ କଲେ ଜାଣିବେ, ବ୍ୟବହାରିକ ସ୍ତରରେ ଭକ୍ତି ନୁହଁ, ଭୟ ସବୁଠୁ କାର୍ଯ୍ୟକର ନିୟାମକ । ଈଶ୍ୱରଙ୍କର ଅସ୍ତିତ୍ୱ ପ୍ରମାଣ କରିହୁଏ ନାହିଁ କିନ୍ତୁ ଈଶ୍ୱରଙ୍କର ଶାସ୍ତିର ଗଳ୍ପରେ ଈଶ୍ୱରଙ୍କ ଉପରେ ବିଶ୍ୱାସ ଜନ୍ମେଇ ହୁଏ । ତେବେ ଏହା ଫଳରେ ଈଶ୍ୱର ଆଉ କରୁଣାମୟ, ରକ୍ଷାକର୍ତ୍ତା ହେଇ ରହନ୍ତି ନାହିଁ । ସେ ହେଇ ଉଠନ୍ତି ଜଣେ ଅଦୃଶ୍ୟ ପୋଲିସ୍ ଯାହାଙ୍କ ହାତରେ ଗୋଟେ ଲାଠି ଅଛି, ସେ ଚାହିଁଲେ ଜଣକୁ ଦଣ୍ଡ ଦେଇପାରନ୍ତି । ତାଙ୍କ ହାତରେ ଗୋଟେ ଚାବିକାଠି ଅଛି ତାହା ଜଣେ ଲୋକକୁ ସ୍ୱର୍ଗ କିମ୍ବା ନର୍କକୁ ଜଣକୁ ପଠେଇ ପାରେ ।

ରାଜନୀତି କ୍ଷେତ୍ରରେ ବି ଭୟ ତିଆରି କରାଯାଏ ନିୟନ୍ତ୍ରଣ ପାଇଁ । ଏହା ଦୁଇଟି ଉପାୟରେ ସୃଷ୍ଟି ଓ ବ୍ୟବହାର କରାଯାଏ । ଏ ଦୁଇଟି ଯାକ ମଣିଷ ଭିତରେ ଥିବା ଆଦିମ ଜୈବିକ (biological) ଏବଂ ମନସ୍ତାତ୍ତ୍ୱିକ (psychological) ପ୍ରବୃତ୍ତିକୁ ବ୍ୟବହାର କରେ । ପ୍ରଥମ: ଭୟ ମଣିଷକୁ ଏମିତି କାମ କରିବାକୁ ବାଧ୍ୟ କରିଦିଏ, ଯାହା ସେ ସ୍ୱାଭାବିକ ଅବସ୍ଥାରେ କରନ୍ତା ନାହିଁ । ଦ୍ୱିତୀୟ: ଭୟ ମଣିଷକୁ ଯୂଥବଦ୍ଧ କରିଦିଏ ଏବଂ ଅନ୍ୟ ଦଳକୁ ଶତ୍ରୁ ବୋଲି ଭାବିବାକୁ ପ୍ରେରିତ କରେ । ଭୟ ମଣିଷର ସ୍ୱାଭାବିକ ଚିନ୍ତା କରିବାର, ଯୁକ୍ତି କରିବାର କ୍ଷମତା କମେଇ ଦିଏ ଆଉ ତାକୁ ଆଦିମ ମଣିଷ ସ୍ତରକୁ ନେଇଯାଏ । ସେତେବେଳେ ନିଜକୁ ଏବଂ ନିଜ ଦଳର ସଦସ୍ୟମାନଙ୍କୁ ଅନ୍ୟ ଦଳର ଆକ୍ରମଣରୁ ବଞ୍ଚେଇବା, ଏବଂ ଅନ୍ୟ ଦଳର ସଦସ୍ୟମାନଙ୍କୁ ମାରିବା ହୋଇଉଠେ ତାର ପ୍ରାଥମିକତା ।

ସଭ୍ୟତା ମଣିଷର ଆରୋପିତ ଭୟକୁ ଜୟ କରିବାର ଦୀର୍ଘ ଯାତ୍ରା । ଭୟକୁ ଦୂର କରି, ପ୍ରଶ୍ନକରି, ଯୁକ୍ତିର ଆଲୋକରେ ପଥ ଖୋଜି ସତ୍ୟ ଆସେ । ସଭ୍ୟତାର ଅଗ୍ରଗତି ହୁଏ ।

ତେଣୁ ଭୟ ନୁହଁ ପ୍ରଶ୍ନ କରନ୍ତୁ । ଶାସକ, ପ୍ରଶାସନ, ଧର୍ମ, ଈଶ୍ୱର, ପ୍ରଚଳିତ ଧାରଣା, ... ସମସ୍ତଙ୍କୁ, ସବୁକିଛିକୁ ପ୍ରଶ୍ନ କରନ୍ତୁ । ପ୍ରଶ୍ନରେ ହିଁ ଭୟ ଯିବ । ଯେଉଁମାନେ ପ୍ରଶ୍ନ କରନ୍ତି ନାହିଁ, ଭୟ ସେମାନଙ୍କୁ ଅଧିକ ଗ୍ରାସ କରେ ।

## ପୁରୀରେ 'ସ୍ମାର୍ଟ' ମିଟରର ଝଟକା

# ସ୍ମାର୍ଟ ମିଟର ନାଁରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲୁଟୁଛି କମ୍ପାନୀ

**ପୁରୀ:** ସମୁଦ୍ରକୂଳ ସହର ପୁରୀରେ ବିଦ୍ୟୁତ୍ ବିତରଣ କମ୍ପାନୀ ଦ୍ୱାରା ଲଗାଯାଉଥିବା ସ୍ମାର୍ଟ ମିଟର ଏବେ ଗ୍ରାହକମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଡିଜିଟାଲ୍ ସେବା ଏବଂ ସଠିକ୍ ବିଲିଂର ପ୍ରତିଶ୍ରୁତି ନେଇ ଆସିଥିବା ଏହି ନୂତନ ବ୍ୟବସ୍ଥା ବର୍ତ୍ତମାନ ଉପଭୋକ୍ତାମାନଙ୍କ ପାଇଁ 'ହୋସ୍ ଉଡ଼ାଇବା' ଭଳି ପରିସ୍ଥିତି ସୃଷ୍ଟି କରିଛି। ଅତ୍ୟଧିକ ବିଦ୍ୟୁତ୍ ବିଲ୍, ଜବରଦସ୍ତ ମିଟର ସ୍ଥାପନ, ଏବଂ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ଭଳି ବହୁବିଧ ସମସ୍ୟା ନେଇ ସହରରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି। ନିଶ୍ଚିତ ଭାବରେ, ଆପଣଙ୍କ ଅନୁରୋଧ ଅନୁଯାୟୀ ଅତ୍ୟଧିକ ବିଲ୍‌ର ବୋଝ:ବିଶେଷ କରି ସ୍ମାର୍ଟ ମିଟର ଲଗାଯିବା ପରେ ଅଧିକ ବିଦ୍ୟୁତ୍ ବିଲ୍ ଆସିବା ନେଇ ଗ୍ରାହକମାନେ ଚିନ୍ତାରେ ଅଛନ୍ତି। ପୂର୍ବରୁ ଯେଉଁ ଉପଭୋକ୍ତାମାନଙ୍କର ବିଲ୍ ମାସକୁ ୫୦୦ରୁ ୮୦୦ ଟଙ୍କା ଆସୁଥିଲା, ସେମାନଙ୍କର ଏବେ ହଠାତ୍ ୧୫୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ବିଲ୍ ଆସୁଥିବା ଅଭିଯୋଗ ହେଉଛି। ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, "ଆମେ ଯେତିକି ବିଦ୍ୟୁତ୍ ବ୍ୟବହାର କରୁନାହୁଁ, ତା'ଠାରୁ ଦୁଇରୁ ତିନି ଗୁଣ ଅଧିକ ବିଲ୍ ଆସୁଛି। ମିଟର ଖୁବ୍ ଦ୍ରୁତ ଗତିରେ ଚାଲୁଛି। ଏହା କେବଳ ମିଟରର ତ୍ରୁଟି ଯୋଗୁଁ ହେଉଛି।" ଏହି ଅସ୍ୱାଭାବିକ ବିଲ୍ ବୃଦ୍ଧି ହେତୁ ସାଧାରଣ ତଥା ମଧ୍ୟବିତ୍ତ ପରିବାରମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଜବରଦସ୍ତ ସ୍ଥାପନ ଓ ପ୍ରି-ପେଡ୍ ବାଧ୍ୟତା:ଅନେକ ସ୍ଥାନରେ ବିତରଣ କମ୍ପାନୀର କର୍ମଚାରୀମାନେ ଗ୍ରାହକଙ୍କ ଇଚ୍ଛା ବିରୁଦ୍ଧରେ ଜବରଦସ୍ତ ସ୍ମାର୍ଟ ମିଟର ଲଗାଉଥିବା ଅଭିଯୋଗ ହୋଇଛି। ଗ୍ରାହକମାନଙ୍କୁ ପ୍ରି-ପେଡ୍ ମୋଡ୍ ବ୍ୟବହାର କରିବାକୁ ବାଧ୍ୟ କରାଯାଉଛି, ଯାହାକି ଦିନ ମଜୁରିଆ ଏବଂ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଜରୁରୀ ପରିସ୍ଥିତିରେ କିମ୍ବା ରାତିରେ ଟଙ୍କା ରିଚାର୍ଜ କରି ନ ପାରିଲେ ହଠାତ୍ ବିଦ୍ୟୁତ୍ କଟିଯିବାର ଭୟ ଲୋକଙ୍କୁ ବିବ୍ରତ କରୁଛି। ସେବା ଓ ଅଭିଯୋଗର ଅବ୍ୟବସ୍ଥା:ସ୍ମାର୍ଟ ମିଟର ସମ୍ବନ୍ଧୀୟ କୌଣସି ଅଭିଯୋଗର ସଠିକ୍ ସମାଧାନ ନ ହେବା ମଧ୍ୟ ଅସନ୍ତୋଷର ମୁଖ୍ୟ କାରଣ। ଅନେକ ସମୟରେ ଉପଭୋକ୍ତାମାନେ ଅଭିଯୋଗ କେନ୍ଦ୍ରରେ ଅପେକ୍ଷା କରି ନିରାଶ ହେଉଛନ୍ତି କିମ୍ବା ସେମାନଙ୍କର ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନାହିଁ। ବିଦ୍ୟୁତ୍ କାଟ୍ ସମସ୍ୟା ମଧ୍ୟ ବାରମ୍ବାର ଘଟୁଛି, ଯାହା ସ୍ମାର୍ଟ ମିଟର ଲଗାଇବାର ମୂଳ ଉଦ୍ଦେଶ୍ୟକୁ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉପଭୋକ୍ତା ମଞ୍ଚର ହସ୍ତକ୍ଷେପ:ପରିସ୍ଥିତି ଏପରି ହୋଇଛି ଯେ, ପୁରୀ ଜିଲ୍ଲା ବିଦ୍ୟୁତ ଉପଭୋକ୍ତା ସୁରକ୍ଷା ମଞ୍ଚ ପକ୍ଷରୁ ଏହି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ ବିତରଣ କମ୍ପାନୀର ଏହି ସ୍ୱେଚ୍ଛାଚାରୀ ଆଚରଣ ଉପଭୋକ୍ତାଙ୍କୁ ଶୋଷଣ କରୁଛି ଏବଂ ଲୋକଙ୍କୁ ଭୟଭୀତ କରାଇ ସ୍ମାର୍ଟ ମିଟର ବସାଉଛି। ଏପରିକି ପୂର୍ବରୁ ଲାଗିଥିବା ଭଲ ମିଟରଗୁଡ଼ିକୁ ଖରାପ ଦର୍ଶାଇ ଜୋରିମାନା ଲଗାଯାଉଥିବା ଅଭିଯୋଗ ମଧ୍ୟ ହୋଇଛି। ସରକାରଙ୍କ ପ୍ରତି ଦାବି:ସାଧାରଣ ଲୋକେ ତୁରନ୍ତ ରାଜ୍ୟ ସରକାର ଏବଂ ବିଦ୍ୟୁତ୍ ବିଭାଗର ହସ୍ତକ୍ଷେପ ଲୋଡ଼ିଛନ୍ତି। ସ୍ମାର୍ଟ ମିଟରର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକାରିତାକୁ ତୁରନ୍ତ ଯାଞ୍ଚ କରିବା, ଅସ୍ୱାଭାବିକ ବିଲ୍‌ଗୁଡ଼ିକୁ ରଦ୍ଦ କରିବା, ଏବଂ ଜବରଦସ୍ତ ମିଟର ସ୍ଥାପନ ବନ୍ଦ କରିବା ପାଇଁ ଦାବି ଜୋର୍ ଧରିଛି। 'ସ୍ମାର୍ଟ' ବ୍ୟବସ୍ଥା ନାଁରେ ଗ୍ରାହକ ଶୋଷଣ ବନ୍ଦ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବାର ସମ୍ଭାବନା ରହିଛି ଏଥିପାଇଁ ପୁରୀ ଅଧିବକ୍ତା ସଂଘ ଆଗକୁ ଆସି ଆନ୍ଦୋଳନର ଦାଇତ୍ୱ ନେବାପାଇଁ ପୁରୀର ବିଦ୍ୟୁତ ଉପଭୋକ୍ତା ମାନେ ଦାବି କରିଛନ୍ତି ।

## ଛତୁ ଫୁଟିଲା ଭଳି ବେଆଇନ ନିର୍ମାଣ

# କୁମ୍ଭକର୍ଣ୍ଣ ନିଦ୍ରାରେ ପୁରୀ ପୌରପାଳିକା !

**ପୁରୀ:** ଶ୍ରୀକ୍ଷେତ୍ର ପୁରୀ ସହରର ଗଳି କନ୍ଦିରେ ଏବେ ଯେଉଁ ଦୃଶ୍ୟ ଦେଖିବାକୁ ମିଳୁଛି, ତାହା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଐତିହ୍ୟ ଓ ସଂସ୍କୃତିର ଏହି ପବିତ୍ର ନଗରୀରେ ନିୟମକୁ ଫୁ କରି ବହୁ ସ୍ଥାନରେ ଛତୁ ଫୁଟିଲା ଭଳି ବେଆଇନ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଅଥଚ, ସହରର ସୌନ୍ଦର୍ଯ୍ୟ ଓ ନିୟମର ରକ୍ଷକ ଥିବା ପୁରୀ ପୌରପାଳିକା କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ବେଆଇନ ନିର୍ମାଣ ସମ୍ପର୍କ ରେ ପୁରୀ ପୌରପାଳିକାର ଅଧିକାରୀଙ୍କୁ ଅବଗତ କରାଗଲେ ମଧ୍ଯ କୌଣସିପ୍ରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ: କାହିଁକି ନୀରବ ପ୍ରଶାସନ ?ପୁରୀର ବଡ଼ଦାଣ୍ଡର ଆଖପାଖ ଅଞ୍ଚଳ ହେଉ ଅବା ଚକ୍ରତୀର୍ଥ, ବଳିଆପଣ୍ଡା ଭଳି ସମ୍ବେଦନଶୀଳ ସମୁଦ୍ରକୂଳ ନିୟନ୍ତ୍ରଣ ଜୋନ୍ ଅଞ୍ଚଳ, ସବୁଠି ବଡ଼ ବଡ଼ କୋଠା, ଆପାର୍ଟମେଣ୍ଟ ଓ ହୋଟେଲଗୁଡ଼ିକ ବିନା ଅନୁମୋଦନରେ କିମ୍ବା ଅନୁମୋଦିତ ନକ୍ସାକୁ ଉଲ୍ଲଙ୍ଘନ କରି ତିଆରି ହେବାରେ ଲାଗିଛି।କେଉଁଠି ୪ ମହଲା ପାଇଁ ଅନୁମତି ଥିବାବେଳେ ୬ କିମ୍ବା ୧୦ ମହଲା ବିଶିଷ୍ଟ କୋଠା ଛିଡ଼ା ହେଉଛି। (ଉଦାହରଣ ସ୍ୱରୂପ, କିଛି ବଡ଼ ଆପାର୍ଟମେଣ୍ଟର ଉପର ମହଲା ଭାଙ୍ଗିବାକୁ ଓରେରା ଭଳି ସଂସ୍ଥା ନିର୍ଦ୍ଦେଶ ଦେବା ପରେ ମଧ୍ୟ ପୌରପାଳିକା କିମ୍ବା ପୁରୀ-କୋଣାର୍କ ବିକାଶ ପ୍ରାଧିକରଣ ପକ୍ଷରୁ ଠିକ୍ ସମୟରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଅଭିଯୋଗ ହେଉଛି।ଅନେକ ସ୍ଥାନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଏବଂ ସରକାରୀ ଲିଜ୍ ଜମି ଉପରେ ମଧ୍ୟ ବେଆଇନ ଜବରଦଖଲ ଓ ନିର୍ମାଣ ଚାଲିଥିବାର ଖବର ସାମ୍ନାକୁ ଆସୁଛି। ଲିଜ୍ ଅବଧି ସରିଯିବା ପରେ ମଧ୍ୟ କେତେକ ଲିଜ୍ଧାରୀ ମରାମତି ନାଁରେ ବେଆଇନ ନିର୍ମାଣ କରୁଛନ୍ତି।ସହରର ଭିତର ଗଳି ଏବଂ ସଂକୀର୍ଣ୍ଣ ରାସ୍ତା କଡ଼ରେ ବିନା ପ୍ଲାନ୍‌ରେ ବହୁମହଲା କୋଠା ନିର୍ମାଣ ହେବା ଫଳରେ ଅଗ୍ନି ନିରାପତ୍ତା ଏବଂ ପରିବହନ ବ୍ୟବସ୍ଥା ବିପଦରେ ପଡୁଛି। ପୌରପାଳିକାର ଦାୟିତ୍ୱହୀନତା: ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ନିୟମ ଅନୁସାରେ, ପୁରୀ ସହରାଞ୍ଚଳରେ ହେଉଥିବା ପ୍ରତ୍ୟେକ ନିର୍ମାଣ ଉପରେ ନଜର ରଖିବା ଓ ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ କରିବା ପୁରୀ ପୌରପାଳିକା ଓ ପିକେଡିଏର ମୁଖ୍ୟ ଦାୟିତ୍ୱ। କିନ୍ତୁ କ୍ଷେତ୍ର ଅଧିକାରୀମାନେ ଏହି ବେଆଇନ କାର୍ଯ୍ୟକୁ ଦେଖି ମଧ୍ୟ ନ ଦେଖିଲା ପରି ରହିବା, ପ୍ରଶାସନ ଓ ନିର୍ମାଣକାରୀଙ୍କ ମଧ୍ୟରେ ଏକ ଅସାଧୁ ମେଣ୍ଟ ଥିବାର ସନ୍ଦେହ ସୃଷ୍ଟି କରୁଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସହରବାସୀ ଅଭିଯୋଗ କରୁଛନ୍ତି ଯେ, ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କଠୋର ପଦକ୍ଷେପ ନିଆଯାଉନାହିଁ। କିଛି କ୍ଷେତ୍ରରେ ନାମକୁ ମାତ୍ର 'କାର୍ଯ୍ୟ ବନ୍ଦ' ନୋଟିସ ଦିଆଯାଇ କେବଳ ଔପଚାରିକତା ସାରି ଦିଆଯାଉଛି। ଏପରି ବେଆଇନ ନିର୍ମାଣ ଯୋଗୁଁ ସହରର ଭିତ୍ତିଭୂମି ଉପରେ ଚାପ: ଜଳଯୋଗାଣ, ବିଜୁଳି ଓ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି। ଟ୍ରାଫିକ୍ ସମସ୍ୟା: ରାସ୍ତା କଡ଼ରେ ଜବରଦଖଲ ଏବଂ ନିୟମହୀନ ନିର୍ମାଣ ଯୋଗୁଁ ସଂକୀର୍ଣ୍ଣ ରାସ୍ତାରେ ଟ୍ରାଫିକ୍ ଜାମ୍ ନିତିଦିନିଆ ଘଟଣା ପାଲଟିଛି। ଆଗକୁ କ'ଣ ? ପୁରୀରେ ବେଆଇନ ନିର୍ମାଣ ଉପରେ ହାଇକୋର୍ଟ ଓ ଓରେରା ଭଳି ସଂସ୍ଥା ଅନେକ ସମୟରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ପୌରପାଳିକା ସ୍ତରରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନରେ ଢିଲା ରହୁଥିବା ଅନୁଭବ ହେଉଛି।ଏହି ପରିସ୍ଥିତିରେ, ଯେତେବେଳେ ସମଗ୍ର ବିଶ୍ୱର ଦୃଷ୍ଟି ଶ୍ରୀକ୍ଷେତ୍ର ଉପରେ ରହିଛି, ପୁରୀ ପୌରପାଳିକା ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ନିଦ୍ରା ଭାଙ୍ଗି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମସ୍ତ ବେଆଇନ ନିର୍ମାଣକୁ ଚିହ୍ନଟ କରି ଉଚ୍ଛେଦ କରିବାର ଆବଶ୍ୟକତା ରହିଛି। ନଚେତ୍, ଏହି ବେଆଇନ ନିର୍ମାଣ ଧୀରେ ଧୀରେ ସାରା ସହରକୁ କବଳିତ କରିବା ସହ ଏହାର ଐତିହ୍ୟକୁ ବିପଦରେ ପକାଇବ।

# SHRI JAGANNATH AND ADIGURU SHANKARACHARYA

The date and time of revelation of Shri Jagannath in the present form is unknown to gods, demons and humans. Lord Jagannath is described in Rig Veda, the oldest text. It has 1000 hymns addressed to gods to propitiate divinities.It was completed in 12th century BC. It appears Lord Jagannath is older than oldest text. Before the appearance of wood (Daru) quartet stone idol of Lord Nila Madhav was worshipped on Blue Hill. He bestowed deliverance. In Bamadev Samhita and Niladri Mahodaya the chronological background of disappearance of Nilamadhav and descent of Lord Jagannath with his siblings is nderscored. "Purusottam Jagannath is the sovereign Lord of universe. He existed before time and space. He is the source of matter and energy : omnipotent, omnipresent and omniscience." King Indradyumna the fifth generation of Lord Brahma was a devout Lord Visnuworshipper in Krita (Satya) yuga. In a dialogue between Lord Shiva and Goddess Parvati it was reiterated that five-faced Brahma was born from Lord Narayan's navel lotus and there and then emerged Madhav, worshipped as Nilamadhav in Purusottam Kshetra. Sacred Purusottam Kshetrais the best place on earth where Lord Brahma is settled. He performed oblation (Yajna) and Nilamadhav came out. It is difficult to define the merit and excellence of the blessed Purusottam or Sankha Kshetra. It is Utkal in Bharat Varsha where this holy land lies. People living here are pious, shy and obedient. Brahmins are well versed in scriptures, rituals and maintain life of purity. Once king Indradyumna of the city of Abanti in Malab Kingdom heard adulation of Purusottam Kshetra from a beaming nonagenarian with tangled locks. The old man gave out comprehensive information and mysteriously disappeared. It evoked interest in king. He deputed younger brother of the royal priest Vidyapati on a fact-finding-mission to Purusottam Kshetra. Vidyapati rightly reached the destination. He befriended tribal chieftain, a devotee of Lord Vishnu, for that Lord Nilamadhav, Viswavasu. It was an arduous work, but Vidyapati gained holy darshan of Lord Nilamadhav and was captivated. On his return to Abanti city he placed his report verbally before the king. The king was overwhelmingly elated and appreciated Vidyapati's efforts. Now King Indradyumna set out to Purusottam Kshetra with an entourage of subjects, kith and kin, military-men and above all saint of gods Narada giving charges of the state to prince Birabhadra, his son. But on reaching Purusottam Kshetra the king was crestfallen with the news that Lord Nilamadhav had disappeared in a devastating sand storm the previous night. Now Debarshi Narada told the king what transpired to Lord Brahma elaborately about the revelation of Lord Jagannath. This gave the king some comforts. Events took place very fast. The king dreamt of a sandal-wood tree emitting fragrance with conch and wheel marks afloat at sea-shore. It likened the perfect image of Lord Jagannath. The king was extremely happy. The holy tree was brought with pomp to the erected house where yajna was to be performed. In the meantime a fragile old carpenter appeared from nowhere and built the sacred idols in a closed door house in fifteen days. The deities, the proper idols of Brahma, appeared adiantly on opening of the doors, but the old hag (who believed to be none other than Lord Jagannath himself) disappeared. This episode prolonged. King Indradyumna went to Brahmalok with Debarshi Narada and returned with Lord Brahma after aeon who sanctified the temple and installed the quartet on the jewel-altar after performing scriptural rituals.2 Niladri Mahodaya, composed in later period has almost the similar description. Skanda Puran stated that the old carpenter built out of wood (Daru) the images of Lord Jagannath, Lord Balabhadra, Devi Subhadra and Chakraraj Sudarshan with conch, wheel, mace and lotus in their hands.3Opinions differed on the exact period of king Indradyumna's rule who was instrumental in carving in sacred wood (Daru) the idols in the present form. Pandit Suryanarayan Dash says, "Some people opine Mahabharat was composed in 5th or 6th century BC. Some others observed that it

Parikshit Mishra

was 1st or 2nd century BC. Thus, it has to be recognised that Indradyumna existed several centuries Before Christ."4

It was possible many temples were built to accommodate the deities but vagaries of nature crumbled them. Pious Kings rebuilt them. The size of the temple was unequal. Attacks of religious antagonists could have destroyed the temples. Man doesn't know the prehistoric status. The temples also faced the attacks of Islamic fundamentalists who were crazy conoclasts. Biographies of Adiguru Shankaracharya carry varied period of his life including dates of his birth and death. Records of Dwaraka, Govardhan and Badrinath shrines showed that the saint was born in 509 B.C. and died in 477 BC. This conformed to the writings in Hindu legends (Puranas). Commentator Anandagiri maintained that the savant was born in 44 BC and passed away in 12 BC. Venkateswar believed the Acharya lived a long life of 92 years, born in 805 AD and died in 897 AD without which he could not have amassed depthless knowledge and produced over 300 texts including huge commentaries, hilosophical exposition, hymns and psalms. He laid the foundation of Adwait Vedanta School of thought. He perambulated the whole of India more than once, held religio philosophical discourses, won debates with his superior knowledge, led by example a pure and austere life of a true sanyasin and established four mutts in four corners of India. Shri Shankar was born to Shivguru (Father) and Aryamba (Mother) at Kaladi in Kerala in a devout Brahmin family.He died at the young age of 32 years at Kedarnath. He was also a child prodigy mastering Veda, Vedanta, Upanishads and Puranas at very early age. Some texts state the place of his death as Kanchipuram. It could be in Tamil Nadu or Kerala.7 Scholars and philosophers such as Max Muller Macdonnel, Pathak, Deussen and S.Radhakrishnan asserted that Shri Shankar was born in 788 AD and departed in 820 AD. He lived a small period of life of only 32 years, but etched his name in history in golden letters. His superior philosophical and spiritual works provided teeth to the interpretation of Veda, Vedant, Upanishads and Puranas.8Shankaracharya perambulated the whole of Bharat Varsha more than once barefoot with his disciples, passing through the difficult terrain aeon ago. He held religious discussions in different centres of learning and demonstrated his depth, defeated his rival pundits in intellectual, philosophical and spiritual debates. He founded shrines (Mutts) and reached Utkal. Jajanagna (the present Jajpur) was the capital of Utkal. Mahabhaba Gupta Jajati Keshari held the reins of administration. Reaching Jajpur Shri Shankar had a holy dip in the sacred waters of the river Baitarani. He had the Darshan of Yajna Varah. The king received the Acharya with utmost love and respect. The Acharya asked the king whereabouts of Lord Jagannath. The king expressed his ignorance and sent an emissary to Shrikshetra to gather news from the sarvitors. The emissary returned with information that the idols were shifted to Sonepur as the yavans attacked the temple.

As recorded in the Madalapanji in the second year of rule of Shovan Dev, Raktabahu of Delhi attacked the temple at Puri. The priests took away the holy idols (Parameswar), buried them at Sonepur and planted a banyan tree over it. The idols were left there for long 144 years. During this period hostile Afghans and Moguls ruled India. Yavana invasion panicked servants of Lord Jagannath. At the behest of the Acharya King Jajati Keshari moved to Sonepur. It was back-breaking experience. The earth at the root of the banyan tree was dug deep, the Daru was lost but Brahma matter was in tact. At Sankha Kshetra the Acharya and the king executed their plan. New idols were carved in neem wood (Daru) and ceremonially placed at Ratnabedi, performing scriptural rituals.9 Some others maintained that the holy idols were completely lost. The sacred salagrams were collected from the Ganduki river of Nepal and new images were built. "The wood cutters were engaged to cut down the tree and remove the Lord safely from the cave. The Lords were removed and examined by Shankar who found that the Brahmas were getting destroyed, worm-stricken. Then he sent one Bharati Acharya to Nepal whose Hindu king cooperated with Bharati in finding out lively salagrams from the river Ganduki which were placed in the Brahmas of the Daru icons." At the instance of the Acharya King of Nepal was decorated with a prestigious title of Pattamahanayak and held the right to worship the Lord directly. Three deities were re-installed on Ratnasimhasan.10 Adi Shankarachary as established Govardhan Matha on the sea-shore, brought accord between Shaivites and Vaisnavites,introduced smarta rites and rice Mahaprasad of Lord Jagannath. He was also unifier of Hari, Hara and Shakti cults. He could see the integration at Lord Jagannath. He composed Jagannathastaka, stostras or Lord Shiva and Visnu, in praise of the Lords. He appointed his beloved disciple Padmapada as the head of Govardhan Matha. Great soul Shri Adi Shankaracharya's praise of the Lord in "Kadachit Kalindi tata Bipina Sangita Karabo etc." adorns lips of every devotee at Shree Kshetra.

## ନୀତିଶିକ୍ଷା

### ପ୍ରକୃତ ସମ୍ରାଟ

ଭବତୋଷ ତ୍ରିପାଠୀ



ଚୀନ ଦେଶର ବିଖ୍ୟାତ ଦାର୍ଶନିକ କନ୍‌ଫୁସିୟସ୍‌ଙ୍କ ବିଷୟରେ ଗୋଟିଏ କାହାଣୀ ଅଛି । ଦିନେ ସେ ଜଙ୍ଗଲ ଭିତରେ ଏକୁଟିଆ ବସିଥିଲେ ଏବଂ ସେହି ରାସ୍ତା ଅତିକ୍ରମ କରି ତତ୍‌କାଳୀନ ସମ୍ରାଟ ଯାତ୍ରା କରୁଥିଲେ । ଜଣେ ବୃଦ୍ଧ ବ୍ୟକ୍ତି ପ୍ରଫୁଲ୍ଲିତ ବଦନରେ ଏକାନ୍ତ ଭାବେ ବସିଥିବା ଦେଖି, ସେ ପ୍ରଶ୍ନକଲେ,"ଆପଣ କିଏ ?" କନଫୁସିୟସ୍ ଉତ୍ତର ଦେଲେ, - " ମୁଁ ସମ୍ରାଟ ।"

ସମ୍ରାଟ ଆଚମ୍ବିତ ହୋଇ କହିଲେ, -" ଆପଣ ସମ୍ରାଟ ! କିନ୍ତୁ ଆପଣତ ଜଣେ ସମ୍ରାଟ ପରି ଦେଖାଯାଉ ନାହାନ୍ତି। ଆପଣଙ୍କର କେହି ଅନୁଚର ବା ଅଙ୍ଗରକ୍ଷୀ ଆପଣଙ୍କ ନିକଟରେ ନାହାନ୍ତି । ବରଂ ଆପଣଙ୍କୁ ଯିଏ ଦେଖିବ କହିବ ଆପଣ ଜଣେ ଗରିବ ଭିକାରୀ । ତତ୍ ସହିତ ଆପଣଙ୍କର କିଛି ବି ଧନ ନାହିଁ ଅଥଚ ଆପଣ ଦାବି କରୁଛନ୍ତି ଯେ ଆପଣ ଜଣେ ସମ୍ରାଟ ?"

ଏହାଶୁଣି କନଫୁସିୟସ୍ ସମ୍ରାଟଙ୍କୁ କିଛି କ୍ଷଣ ଚାହିଁଲେ । ତା'ପରେ କହିଲେ, -"ହଁ, ଏହା ସତ୍ୟ ! ମୁଁ ଜଣେ ସମ୍ରାଟ । ଆପଣ କିଛି ଅନୁଚର ଓ ଚାକର ଦରକାର କରନ୍ତି କାରଣ ଆପଣ ଦୁର୍ବଳ । ଆପଣଙ୍କ କାର୍ଯ୍ୟ ଆପଣ ନିଜେ କରିବାକୁ ଅକ୍ଷମ । ମୁଁ ମୋ ଦ୍ୱାରା ଯାହା ସମ୍ଭବ ସବୁ ନିଜେ ହିଁ କରିଥାଏ । ତେଣୁ ମୋର କାହାଠାରୁ ସାହାଯ୍ୟ ଦରକାର ପଡ଼େ ନାହିଁ । ଆପଣଙ୍କର ସୈନ୍ୟବଳ ଦରକାର କାରଣ ଆପଣ ଶତ୍ରୁକୁ ଭୟ କରନ୍ତି । ମୋର କେହି ଶତ୍ରୁ ନାହାନ୍ତି, ତେଣୁ ମୋର ସୈନ୍ୟବଳ ଦରକାର ନାହିଁ । ଆପଣ ଆପଣଙ୍କର ସମ୍ପତ୍ତି ଅଛି ବୋଲି ଗର୍ବ କରନ୍ତି । ଆପଣ ଅର୍ଥ ଇଚ୍ଛା କରନ୍ତି କାରଣ ଆପଣ ଗରିବ । ଯାହାହେଲେବି ମୁଁ ଗରିବ ନୁହେଁ । ତେଣୁ ମୋର ଅର୍ଥର ଆବଶ୍ୟକତା ନାହିଁ ।"

ଏହିପରି ଦୁଇଜଣଙ୍କ ମଧ୍ୟରେ କଥୋପକଥନ ଚାଲିଥିଲା, ତହିଁ ଭିତରୁ ଜଣେ ଯିଏକି କିଛିକ୍ଷଣ ପାଇଁ ଏ ପାର୍ଥିବ ସଂସାରରେ ସମ୍ରାଟଙ୍କ ଅଭିନୟ କରୁଥିଲାବେଳେ ଅନ୍ୟଜଣେ ଯିଏକି ଅମରତ୍ୱ ରାଜ୍ୟରେ ନିଜକୁ ଜଣେ ଆଧ୍ୟାତ୍ମିକ ସମ୍ରାଟ ଭାବେ ସଜାଡ଼ି ପାରିଥିଲେ ।

ମର୍ମବାଣୀ: ଜଣେ ଯେତେବେଳେ ଉପଲବ୍ଧି କରେ ଯେ, ସେ ହିଁ ଭଗବାନଙ୍କ ସନ୍ତାନ ଯିଏକି ସକଳ ଧନ ସମ୍ପତ୍ତି, ବଳ, ଶକ୍ତି ଓ ଆନନ୍ଦର ଦାତା, ସେତେବେଳେ ସେ ନିଜର ମହତ ଗୁଣର ପରିଚୟ ପାଇ ନିଜକୁ ଜଣେ ପ୍ରକୃତ ସମ୍ରାଟ ଭାବି ଗର୍ବ କରିପାରେ । ପ୍ରକୃତ ସମ୍ରାଟ ସିଏ ଯାହାର କିଛି ବି ଆବଶ୍ୟକ ନଥାଏ ।

# ପୁରୀ ଜିଲ୍ଲା ସ୍ତରୀୟ ସମ୍ବିଧାନ ଦିବସ ପାଳିତ

ପୁରୀ: ସମ୍ବିଧାନ ହେଉଛି ଆମ ଦେଶର ସର୍ବୋଚ୍ଚ ଆଇନ। ଯାହା ସରକାର ଓ ନାଗରିକଙ୍କ ଅଧିକାର ଏବଂ କର୍ତ୍ତବ୍ୟ ପାଇଁ ଢାଞ୍ଚା ସ୍ଥାପନ କରିଥାଏ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ଯ ଜ୍ୟୋତି ପରିଡା। ଓସ୍ୱାନ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇ ଥିଲା। ଓସ୍ୱାନ ମୋଡରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସମସ୍ତ ବ୍ଲକ ଓସ୍ୱାନ ହଲରେ ବିଡ଼ିଓ, ତହସିଲଦାର ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।ଏହି ଅବସରରେ ଜିଲ୍ଲାପାଳ ଆମ ସମ୍ବିଧାନ ର ପ୍ରସ୍ତୁତି,ଗରୀମା ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ଆମ ସମ୍ବିଧାନ ବିଶ୍ୱ ର ସବୁଠାରୁ ଦୀର୍ଘ ଲିଖିତ ଜାତୀୟ ସମ୍ବିଧାନ ବୋଲି କହିଥିଲେ। ଏହି ଶପଥ ପାଠ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ,ବିବେକାନନ୍ଦ ସାହୁ, ସହଦେବ ସାହୁ, ଅନୁସ୍ରବ ଗନ୍ତାୟତ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା,ଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ତହସିଲଦାର, ବିଡ଼ିଓ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଶପଥ ପାଠ କରିଥିଲେ।

## ।। ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ।।




**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରୀପାଠୀ ଶର୍ମା**
ଶ୍ରୀ ଲୋକନାଥ ରୋଡ, ହାତୀଶାଳ
ପୁରୀ : ୭୯୭୮୪୬୪୬୩୯




**ମେଷ ରାଶି** - ଏହି ମାସଟି ଆପଣଙ୍କର ଶୁଭାଶୁଭ ମିଶ୍ରିତ ରହିବ. ଦେହ କିଛି ସମୟ ଅସୁସ୍ଥ ରହିପାରେ.ଆୟ ଠାରୁ ବ୍ୟୟ ଅଧିକ.ପାରିବାରିକ ଜୀବନରେ ଦୁଃଖ ରହିପାରେ. ବ୍ୟବସାୟରେ ଅଳ୍ପ ଲାଭ. ବିଦ୍ୟାର୍ଥୀମାନେ ପଢାରେ ମନ ଦେବେନାହିଁ।

**ବୃଷ ରାଶି** - ଏହି ମାସଟି ଆପଣଙ୍କର ସମସ୍ୟା ବହୁଳ ହୋଇପାରେ.ଦେହ ସାଧାରଣତଃ ଭଲ ରହିବ.ଆୟ ଅଳ୍ପ ପରିମାଣରେ ହେବ.ପାରିବାରିକ ଜୀବନରେ ସୁଖଦୁଃଖ ମିଶି କଟିବ.ବ୍ୟବସାୟରେ କିଛି କ୍ଷତି ହୋଇପାରେ. ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ।

**ମିଥୁନ ରାଶି** - ଏହି ମାସଟି ଆପଣଙ୍କର ଅତ୍ୟନ୍ତ ଭଲରେ କଟିବ.ଦେହ ଓ ମନ ପ୍ରାୟ ଭଲ ରହିବ.ଆୟ ଭଲ ହେବ.ପାରିବାରିକ ଜୀବନ ହସଖୁସିରେ କାଟିବେ.ବ୍ୟବସାୟରେ ଭଲ ଲାଭ ହେବ. ବିଦ୍ୟାର୍ଥୀମାନେ ପଢ଼ାରେ ଶୁଭଫଳ ପାଇବେ।

**କର୍କଟ ରାଶି** - ଏହି ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ରହିବ. ଦେହ ଓ ମନ ଭଲ ରହିପାରେ. ଆୟ ମଧ୍ୟମ ଧରଣର ହେବ. ପାରିବାରିକ ଜୀବନ ଅଳ୍ପ ଖୁସିରେ କାଟିବେ. ବ୍ୟବସାୟରେ ସାମାନ୍ୟ ଲାଭ ହେବ. ବିଦ୍ୟାର୍ଥୀମାନେ ପଢାପଢିରେ ସମ୍ମାନ ପାଇବେ।

**ସିଂହ ରାଶି** - ଏହି ମାସଟି ଆପଣଙ୍କର ଫଳ ଉତ୍ତମ ରହିବ.ଦେହ ଓ ମନ ସାଧାରଣତଃ ଭଲ ରହିବ.ଆୟ ଉତ୍ତମ ପରିମାଣରେ ହେବ. ପାରିବାରିକ ଜୀବନ ହସଖୁସିରେ କାଟିବେ. ବ୍ୟବସାୟରେ ଲାଭ ହେବ. ବିଦ୍ୟାର୍ଥୀମାନେ ପଢାପଢିରେ ଉଚ୍ଚଫଳ ପାଇବେ।

**କନ୍ୟା ରାଶି** - ଏହି ମାସଟି ଆପଣଙ୍କର ଅତି ଭଲରେ କଟିବ. ଦେହ ଓ ମନ ଉତ୍ତମ ରହିବ. ଆୟ ଭଲ ହେବ. ପାରିବାରିକ ଜୀବନ ହସଉଲ୍ଲାସ ରେ ଶାନ୍ତିପୂର୍ଣ୍ଣ ଭାବେ କାଟିବେ. ବ୍ୟବସାୟରେ ଭଲ ଲାଭ ହେବ.ବିଦ୍ୟାର୍ଥୀମାନେ ପଢ଼ାରେ ସୁଫଳ ପାଇବେ।

**ତୁଳା ରାଶି** - ଏହି ମାସଟି ଆପଣଙ୍କର ଫଳ ମଧ୍ଯମ ଧରଣର ରହିବ. ଦେହ ଓ ମନ ପ୍ରାୟ ଭଲ ରହିବ.ଆୟ ମଧ୍ୟମ ଧରଣର ହେବ. ପାରିବାରିକ ଜୀବନ ସୁଖଶାନ୍ତିରେ କାଟିବେ. ବ୍ୟବସାୟରେ ଅଳ୍ପ ଲାଭ ହେବ. ବିଦ୍ୟାର୍ଥୀମାନେ ପରିଶ୍ରମ କରିବେ ଏବଂ ଶୁଭଫଳ ପାଇବେ।

**ବିଛା ରାଶି** - ଏହି ମାସଟି ଆପଣଙ୍କର ସେତେ ଶୁଭଦାୟକ ନୁହେଁ.ଦେହ ଭଲ ରହିବ. ଆୟ ଅପେକ୍ଷା ବ୍ୟୟ ଅଧିକ ହେବ. ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେଇପାରେ. ବ୍ୟବସାୟରେ କ୍ଷତି ହୋଇପାରେ. ବିଦ୍ୟାର୍ଥୀମାନେ ପଢ଼ାରେ ମନଯୋଗ ଦେବେନାହିଁ।

**ଧନୁ ରାଶି** - ଏହି ମାସଟି ଆପଣଙ୍କର ମିଶ୍ରିତ ଶୁଭାଶୁଭ ଫଳଦାୟକ ରହିବ.ଦେହ ଭଲ ରହିବ ନାହିଁ.ଆୟ ଅପେକ୍ଷା ବ୍ୟୟ ବହୁଳ ହେବ.ପାରିବାରିକ ଜୀବନରେ କିଛି ଅଶାନ୍ତି ହୋଇପାରେ. ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ. ବିଦ୍ୟାର୍ଥୀମାନେ ପଢାପଢିରେ ପଛେଇ ଯାଇପାରନ୍ତି।

**ମକର ରାଶି** - ଏହି ମାସଟି ଆପଣଙ୍କର ଭଲରେ କଟିବ.ଦେହ ଭଲ ଓ ମନ ପ୍ରଫୁଲିତ ରହିବ.ଆୟ ଭଲ ହେବ.ପାରିବାରିକ ଜୀବନ ଖୁସିରେ କାଟିବେ. ବ୍ୟବସାୟରେ ଲାଭ କ୍ଷତି ମିଶ୍ରିତ ରହିବ. ବିଦ୍ୟାର୍ଥୀମାନେ ପଢାପଢିରେ ଆବଶ୍ୟକ ଅନୁଯାୟୀ ପରିଶ୍ରମ କରି ସୁଫଳ ପାଇବେ।

**କୁମ୍ଭ ରାଶି** - ଏହି ମାସଟି ଆପଣଙ୍କର ଅତ୍ୟୋତ୍ତମ ରହିବ. ଦେହ ଓ ମନ ଭଲ ରହିବ. ଆୟ ସାଧାରଣତଃ ଉତ୍ତମ ହେବ. ପାରିବାରିକ ଜୀବନ ଉଲ୍ଲାସର ସହ କାଟିବେ. ବ୍ୟବସାୟରେ ଭଲ ଲାଭ ପାଇବେ. ବିଦ୍ୟାର୍ଥୀମାନେ ପଢ଼ାପଢିରେ ମଧ୍ୟମ ଧରଣର ଫଳ ପାଇବେ।

**ମୀନ ରାଶି** - ଏହି ମାସଟି ଆପଣଙ୍କର ମଧ୍ୟମ ଧରଣର ହେବ. ଦେହ ଭଲ ରହିଲେ ମଧ୍ୟ ମନ ଠିକ ରହିବନାହିଁ.ଆୟ ଅଳ୍ପ ହେବ. ପାରିବାରିକ ଜୀବନରେ ଅଳ୍ପ ଖୁସି ପାଇବେ. ବ୍ୟବସାୟରେ ଉତ୍ତମ ଲାଭ ପାଇବେ. ବିଦ୍ୟାର୍ଥୀମାନେ ପଢାପଢିରେ ଆଶା ଅନୁଯାୟୀ ଫଳ ନପାଇପାରନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### 'ଆଚରଣ, ଉଚ୍ଚାରଣରେ ...

ପାରିତ କରିଛି। ସପ୍ତଦଶ ବିଧାନସଭା ବହୁତ କମ୍ ସମୟ ମଧ୍ୟରେ ଅନେକ ଫଳପ୍ରଦ ବୈଠକ ସମ୍ପାଦନ କରିବା ଖୁସିର କଥା। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ବହୁତ ଭଲ କାମ କରିଛି। ଓଡ଼ିଶା ଚାଷ ଓ ଚାଷୀର ରାଜ୍ୟ। ଧାନକିଣା ଉପରେ ସରକାର ସବ୍‌ସିଡି ଦେବା ଏକ ଉତ୍ତମ ପଦକ୍ଷେପ। ସୁଭଦ୍ରା ଯୋଜନାକୁ ଉପଯୋଗ କରି ଅନେକ ମହିଳା ଲକ୍ଷପତି ଦିଦି ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି। ପ୍ରକୃତି ଓଡ଼ିଶାକୁ ସମସ୍ତପ୍ରକାର ଦାନ ଦେଇ ଆଶୀର୍ବାଦ କରିଛି। ଏହି ରାଜ୍ୟ ପ୍ରଚୁର ଖଣିଜ ଭଣ୍ଡାର, ଜଙ୍ଗଲ ଏବଂ ଜଳସମ୍ପଦ ସହିତ ମାନବ ସମ୍ବଳରେ ଆଶୀର୍ବାଦପ୍ରାପ୍ତ। ଓଡ଼ିଶାର ପରିବେଶ କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଅତ୍ୟନ୍ତ ଅନୁକୂଳ। ଏହି ସମସ୍ତ ସୁବିଧାର ଉପଯୋଗ କରି ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରାଯାଇପାରିବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟା ଏକ ନୂତନ ରୂପ ନେଉଛି। ଓଡ଼ିଶାର ପ୍ରଗତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ। ଓଡ଼ିଶା ଦ୍ରୁତ ପ୍ରଗତି କରୁଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆ ଗୋଷ୍ଠୀର ବିକାଶ, ଗୃହ ନିର୍ମାଣ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କ୍ଷେତ୍ରରେ ଅନେକ ନୂତନ ପଦକ୍ଷେପ ଗ୍ରହଣ କରିଥିବାରୁ ସେ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। ରାଷ୍ଟ୍ରପତି କହିଥିଲେ, ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରାଯିବ। ଯଦି ସମସ୍ତ ଅଂଶୀଦାରମାନେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏକାଠି କାମ କରିପାରିବେ, ତେବେ ଏହା ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାରେ ଓଡ଼ିଶାର ସର୍ବୋତ୍ତମ ଅବଦାନ ହେବ। ସମସ୍ତେ 'ପ୍ରଥମେ ରାଷ୍ଟ୍ର' ମନୋଭାବ ସହିତ କାମ କରିବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ।

### ୧୭,୪୪୦ କୋଟିର ...

କରାଯିବ। ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଅଧୀନରେ ଆବଣ୍ଟନ ବାବଦକୁ ଜାତୀୟ ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠିରେ ଉପଲବ୍ଧ ରାଶି ଦ୍ୱାରା ମଧ୍ୟ ଭରଣା କରାଯିବ। ଅତିରିକ୍ତ ବଜେଟରେ ୧୭,୪୪୦ କୋଟି ଟଙ୍କାରୁ ୧୨୩୨ କୋଟି ଟଙ୍କା ସହବନ୍ଧିତ ସମ୍ବଳ ମାଧ୍ୟମରେ ଓ ଅବଶିଷ୍ଟ ରାଶି ବର୍ଷ ଶେଷରେ ପାଣ୍ଠି ସମର୍ପଣ ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଛନ୍ତି। ରାଜ୍ୟର ଲୋକପ୍ରିୟ ଯୋଜନା ସୁଭଦ୍ରା ପାଇଁ ଅତିରିକ୍ତ ବଜେଟରେ ୨୯୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଧାନ କ୍ରୟ ପାଇଁ ରିଭଲ୍‌ଭିଂ ପାଣ୍ଠି ବାବଦରେ ୩୦୦୦ କୋଟି ଟଙ୍କା ଦିଆଯାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିହାତି ପାଇଁ ୧୩୨୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଚାଷୀଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କା ଦିଆଯାଇଛି। ସେହିପରି ମମତା ଯୋଜନା ପାଇଁ ୧୪୨ କୋଟି ଟଙ୍କା, ମିସନ୍ ଶକ୍ତିକୁ ୪୦୫ କୋଟି, ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ୨୦୦ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିସନ୍ ଲାଗି ୯୫୪ କୋଟି, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୪୦ କୋଟି, ପାଇପ୍ ଜଳଯୋଗାଣ ପାଇଁ ୧୧୬ କୋଟି, ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୫୭ କୋଟି, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ ପାଇଁ ୪୦ କୋଟି, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ଗ୍ରାହକ କଲ୍ୟାଣ ପାଇଁ ୪୩୨୯ କୋଟି, ଶିକ୍ଷା କ୍ଷେତ୍ରକୁ ୨୩୨୭ କୋଟି, ଭିତ୍ତିଭୂମି ବିକାଶ ପାଇଁ ୧୯୫୫ କୋଟି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି, ମହିଳା ଓ ଶିଶୁ ବିକାଶ ପାଇଁ ୧୫୮୮ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ରକୁ ୧୧୬୪ କୋଟି, ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ପାଇଁ ୫୩୧ କୋଟି, ଶିଳ୍ପ ବିକାଶକୁ ୩୩୭ କୋଟି ଏବଂ ଓଡ଼ିଆ ଭାଷା ସାହିତ୍ୟ ପାଇଁ ୩୬୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲା ପରିଷଦ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅତିରିକ୍ତ ବଜେଟ୍‌ରେ ୪୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୫ କୋଟି ଟଙ୍କା ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୧୪ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପାଇଁ ୧୩ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ରାସ୍ତା ଓ ସେତୁଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କ କଲ୍ୟାଣ ପାଇଁ ପ୍ରାଣୀସମ୍ପଦ ସମୃଦ୍ଧି ଯୋଜନାକୁ ୧୩୭ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାକୁ ୯୧ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାକୁ ୧୧୭ କୋଟି ଟଙ୍କା, ଚାଷୀଙ୍କୁ ଋଣ ଛାଡ଼ ଲାଗି ସମବାୟ ବ୍ୟାଙ୍କ ଓ ପ୍ୟାକ୍ସଗୁଡ଼ିକ ପାଇଁ ୩୦୦ କୋଟି ଟଙ୍କାର ବ୍ୟୟବରାଦ ଧାର୍ଯ୍ୟ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିସନ୍ ପାଇଁ ୯୯୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ୫୦ କୋଟି, ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ୧୩ କୋଟି, ଏସ୍‌ସିବି ମେଡିକାଲ କଲେଜରେ ନୂଆ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ମହିଳା ଓ ଶିଶୁ ସଶକ୍ତୀକରଣକୁ ଦୃଷ୍ଟିରେ ରଖି ମମତା ଯୋଜନାକୁ ୧୪୨ କୋଟି ଟଙ୍କା, କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ ବାବଦରେ ୪୧ କୋଟି ଟଙ୍କା, ଯଶୋଦା-ଆଶୀର୍ବାଦ ଅଧୀନରେ ୧୧ କୋଟି ଟଙ୍କା, ଶକ୍ତି ସଦନ (ସାମର୍ଥ୍ୟ) ପାଇଁ ୩୩ କୋଟି ଟଙ୍କା ଓ ଜାତୀୟ ଗ୍ରାମୀଣ ଜୀବିକା ମିସନ୍‌କୁ ୪୨୬ କୋଟି ଟଙ୍କା ଦିଆଯାଇଛି। ପିଏମ୍ ପୋଷଣ ଅଧୀନରେ ୩୯୨ କୋଟି ଟଙ୍କା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୨୦ କୋଟି, ସମଗ୍ର ଶିକ୍ଷାରେ ରାଜ୍ୟ ସହାୟତା ବାବଦକୁ ୩୦୭ କୋଟି, ପଞ୍ଚଶଖା ଶିକ୍ଷାସେତୁ ଯୋଜନା ପାଇଁ ୫୧ କୋଟି ଏବଂ କ୍ରୀଡ଼ା ପାଇଁ ୩୨ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ୨୧୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ପାଇଁ ୧୪୭ କୋଟି ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ନିର୍ମାଣ ପାଇଁ ୩୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।ଜଙ୍ଗଲ ଓ ପରିବେଶ କ୍ଷେତ୍ରରେ ବୃକ୍ଷରୋପଣ କ୍ଷତିପୂରଣ ପାଣ୍ଠି ପାଇଁ ୨୪୨ କୋଟି ଟଙ୍କା, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିକାଶ ଓ ସୌନ୍ଦର୍ଯ୍ୟୀକରଣ ପାଇଁ ୮୦ କୋଟି ଟଙ୍କା, ଇକୋ ଟୁରିଜିମ୍ ବିକାଶ ପାଇଁ ୮୦ କୋଟି ଟଙ୍କା, ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ପାଇଁ ୨୫ କୋଟି ଟଙ୍କା, ହାତୀ ଚଲାପଥ ପରିଚାଳନା ପାଇଁ ୨୫ କୋଟି ଟଙ୍କା, ଗ୍ରିନ୍ କ୍ଲାଇମେଟ୍ ପାଣ୍ଠିକୁ ୩୧ କୋଟି ଟଙ୍କା, ସବୁଜ ମହାନଦୀ ମିସନ୍‌କୁ ୨୯ କୋଟି ଟଙ୍କା ଓ ରାଜ୍ୟରେ ସବୁଜିମା ବଢ଼ାଇବା ପାଇଁ ଅତିରିକ୍ତ ବଜେଟ୍‌ରେ ୧୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ରରେ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାକୁ ୧୦୦ କୋଟି ଟଙ୍କା, ସଂସ୍କୃତି ନିର୍ଦ୍ଦେଶାଳୟକୁ ୩୦ କୋଟି ଟଙ୍କା, କଳାମଣ୍ଡଳ ପାଇଁ ୯୦ କୋଟି ଟଙ୍କା, ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହନ ପାଇଁ ୬୦ କୋଟି ଟଙ୍କା, ରବୀନ୍ଦ୍ର ମଣ୍ଡପ ଓ କଳା ମଣ୍ଡପର ନବୀକରଣ ପାଇଁ ୧୦ କୋଟି ଟଙ୍କା, ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ପାଇଁ ୬ କୋଟି ଟଙ୍କା, ପର୍ଯ୍ୟଟନ ସୂଚନା ଓ ପ୍ରସାର ପାଇଁ ୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାକୁ ୧୦୦ କୋଟି ଟଙ୍କା, ଅମୃତ ପ୍ରକଳ୍ପ ୨.୦ ପାଇଁ ୬୪ କୋଟି ଟଙ୍କା, ସୁଜଳ ଯୋଜନାକୁ ୫୦ କୋଟି ଟଙ୍କା, ବର୍ଷା ଜଳ ନିଷ୍କାସନ ପାଇଁ ୩୦ କୋଟି ଟଙ୍କା ଓ ଆହାର ଯୋଜନାକୁ ୧୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

### ରାମମନ୍ଦିରରେ ...

ଏହି ପତାକା ଏକ ସଂକଳ୍ପ, ଏକ ବିଜୟ ଓ ସଂଘର୍ଷର କାହାଣୀକୁ ଦର୍ଶାଉଛି। ଆଗାମୀ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଏହା ଭଗବାନ ରାମଙ୍କ ମୂଲ୍ୟବୋଧର ଉଦ୍‌ଘୋଷଣା କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଭଗବାନ ରାମଙ୍କ ଭକ୍ତମାନଙ୍କୁ ଅଭିନନ୍ଦନ ଜଣାଇବା ସହ ମନ୍ଦିର ନିର୍ମାଣରେ କୌଣସି ପ୍ରକାରେ ଯୋଗଦାନ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ରାମ ଭେଦଭାବ କରନ୍ତି ନାହିଁ ଏବଂ ଆମେ ମଧ୍ୟ ସମାନ ଭାବନା ସହିତ ଆଗକୁ ବଢ଼ୁଛୁ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ୨୦୪୭ ସୁଦ୍ଧା ଯେତେବେଳେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ, ଆମକୁ ଏକ ବିକଶିତ ତଥା ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିବାକୁ ପଡ଼ିବ।

ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ପ୍ରମୁଖ ଯୋଗ ଦେଇଥିଲେ।

### ଭିନ୍ନ ଏକ ପ୍ରତିବାଦ: ରାସ୍ତା, ...

ସହ ବିଚାର କରିବା ଆବଶ୍ୟକ। ଭକ୍ତଟିଏ ନିଜର ଭକ୍ତି ପାଇଁ ପ୍ରତିବାଦ କରିବା, ଏହା ହିଁ ପ୍ରମାଣିତ କରୁଛି ଯେ ଏହି ବିଷୟଟି କେତେ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ।

**ନୀତି ନିର୍ଦ୍ଧାରକଙ୍କ ପ୍ରତି ଆହ୍ୱାନ**

ଶ୍ରୀଜଗନ୍ନାଥ ଧାମ, ପୁରୀ, କେବଳ ଓଡ଼ିଶା କିମ୍ବା ଭାରତର ନୁହେଁ, ଏହା ସମଗ୍ର ବିଶ୍ୱର ଏକ ଆଧ୍ୟାତ୍ମିକ କେନ୍ଦ୍ର। ମହାପ୍ରଭୁଙ୍କ ନୀତିକାନ୍ତି ଓ ସୁପରିଚାଳନା ଯେତିକି ଗୁରୁତ୍ୱପୂର୍ଣ୍ଣ, ସ୍ଥାନୀୟ ଭକ୍ତଙ୍କର ଭାବନା ଏବଂ ସୁଲଭ ଦର୍ଶନର ପାରମ୍ପରିକ ଅଧିକାରକୁ ସମ୍ମାନ ଦେବା ମଧ୍ୟ ସେତିକି ହିଁ ଜରୁରୀ। ପ୍ରଶାସନ ତରଫରୁ ଏହି ପ୍ରତିବାଦକୁ କେବଳ ଆଇନଶୃଙ୍ଖଳା ଦୃଷ୍ଟିରୁ ଦେଖା ନ ଯାଇ, ଏହାକୁ ଭକ୍ତି ଓ ସଂସ୍କୃତିର ଦୃଷ୍ଟିକୋଣରୁ ଅନୁଧ୍ୟାନ କରାଯିବା ଆବଶ୍ୟକ। ଶ୍ରୀମନ୍ଦିର ପରିଚାଳନା କମିଟି, ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ତୁରନ୍ତ ପୁରୀ ସହରବାସୀଙ୍କ ପ୍ରତିନିଧିମାନଙ୍କ ସହ ଏକ ଖୋଲା ଆଲୋଚନା କରି ଏକ ସନ୍ତୁଳିତ ନିଷ୍ପତ୍ତି ନିଅନ୍ତୁ। ପୁରୀବାସୀଙ୍କ ଦାବି ବସ୍ତୁତଃ ଏକ ସାମାଜିକ ସ୍ୱୀକୃତି। ସହରର ଲୋକମାନେ ହିଁ ମହାପ୍ରଭୁଙ୍କର ଦୈନନ୍ଦିନ ସେବା, ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି। ତେଣୁ, ସେମାନଙ୍କୁ ବିଶେଷ ସମ୍ମାନ ଦେବା ଏକ ପ୍ରଶଂସନୀୟ ପଦକ୍ଷେପ ହେବ। ଏହା ଦ୍ୱାରା, ସମଗ୍ର ବିଶ୍ୱର ପର୍ଯ୍ୟଟକମାନଙ୍କ ସୁବିଧା ଅବ୍ୟାହତ ରହିବା ସହ, ପୁରୀର ସ୍ଥାନୀୟ ଭକ୍ତଙ୍କ ଭାବନାତ୍ମକ ତୃପ୍ତି ମଧ୍ୟ ମିଳିପାରିବ। ଯେଉଁ ଦେଶରେ 'ଭାବ'କୁ ଈଶ୍ୱରଙ୍କର ମାଧ୍ୟମ ବୋଲି କୁହାଯାଏ, ସେଠାରେ ଭକ୍ତିର ସୁରକ୍ଷା ପାଇଁ ହେଉଥିବା ପ୍ରଥମ ପ୍ରତିବାଦଟିକୁ ଉଚିତ୍ ସମ୍ମାନ ଏବଂ ସମାଧାନ ମିଳିବା ଦରକାର। ଏହା କେବଳ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ନୁହେଁ, ଏହା ଭାରତୀୟ ସଭ୍ୟତାର ଆତ୍ମାକୁ ସୁରକ୍ଷା ଦେବା ସହିତ ସମାନ। ଆଶା କରାଯାଉଛି, ପ୍ରଶାସନ ଖୁବ୍ ଶୀଘ୍ର ଏହି ଭାବଗତ ଦାବି ପ୍ରତି ସମ୍ବେଦନଶୀଳ ହେବ ଏବଂ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବ, ଯାହା ଫଳରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା କୃତ୍ରିମ ବାଧା ଦୂର ହୋଇପାରିବ।

# ୧୨ବିଭାଗରେ ନିଯୁକ୍ତି ପାଇଲେ ୭,୨୯୩ ଜଣ




**ଭୁବନେଶ୍ୱର:** ଆପଣମାନେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାଧୁତାପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଜରିଆରେ ସରକାରୀ ଚାକିରିରେ ଯୋଗ ଦେଉଛନ୍ତି। ତେଣୁ ଆପଣମାନେ କର୍ତ୍ତବ୍ୟ ପଥରେ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସଂକଳ୍ପବଦ୍ଧ ହେବେ। ନୂଆ କରି ସରକାରୀ ଚାକିରି ପାଇଥିବା ୧୨ ବିଭାଗର ୭୨୯୩ଜଣ ନବନିଯୁକ୍ତଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଦ୍ୱାଦଶ ନିଯୁକ୍ତି ମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୫ ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଉପଦେଶ ଦେବା ଛଳରେ ଚେତାଇ ଦେଇଛନ୍ତି ଯେ ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳ ନୀତି ଆପଣେଇଛି। ତେଣୁ ଦୁର୍ନୀତିକୁ ବିଷ ମନେ କରି ତା'ଠୁ ଯେତେ ଅଧିକ ସମ୍ଭବ ଦୂରରେ ରୁହନ୍ତୁ। ନଚେତ୍ ଏହା ନିଜ ପାଇଁ ଓ ନିଜ କ୍ୟାରିଅର ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ। ଆପଣଙ୍କ ପ୍ରତ୍ୟେକ ପଦକ୍ଷେପ ଯେପରି ଓଡ଼ିଶା ଏବଂ ରାଜ୍ୟବାସୀଙ୍କ ଉନ୍ନତିରେ ସହାୟକ ହେବ ତାକୁ ଦୃଷ୍ଟିରେ ରଖି କାମ କରିବେ।

ଏହା ସହ ଚାରିଟି ପରାମର୍ଶ ଦେଇ ସେ କହିଥିଲେ, ଆପଣମାନେ ଜନସାଧାରଣଙ୍କୁ ସହୃଦୟତାପୂର୍ଣ୍ଣ ଓ ନ୍ୟାୟପୂର୍ଣ୍ଣ ଭାବେ ସେବା ଯୋଗାଇଦେବେ। ନିଜର କାର୍ଯ୍ୟରେ ସବୁବେଳେ ଉତ୍କର୍ଷ ବଜାୟ ରଖିବା ପାଇଁ ଚେଷ୍ଟା କରିବେ। ନିଜର ଜ୍ଞାନର ପରିସୀମାକୁ ବୃଦ୍ଧି କରିବେ ଓ ସମୟ ଉପଯୋଗୀ କରିବେ। କାର୍ଯ୍ୟ କ୍ଷେତ୍ରରେ ସଚ୍ଚୋଟତା ଓ ସ୍ୱଚ୍ଛତା ବଜାୟ ରଖିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମେ ରାଜ୍ୟର ଯୁବବର୍ଗଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ସୃଷ୍ଟି ପାଇଁ ଭରସା ଦେଇଥିଲୁ। ନିୟମିତ ଭାବେ ନିଯୁକ୍ତି ମେଳା ଆୟୋଜନ କରି ଆମ କଥା ରଖୁଛୁ। ୨ ବର୍ଷରେ ୬୫ ହଜାର ସରକାରୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୧୭ ମାସ ଭିତରେ ଆଜିକୁ ମିଶାଇ ୧୨ଟି ନିଯୁକ୍ତିମେଳା ଜରିଆରେ ଆମେ ୩୭,୩୨୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛୁ। ଏତେ ସଂଖ୍ୟାରେ ସରକାରୀ ପଦ ପଦବିରେ ନିଯୁକ୍ତି ଏତେ କମ୍ ଦିନ ଭିତରେ ଆଗରୁ କେବେ ହୋଇନାହିଁ। ଦୁଇ ବର୍ଷ ଭିତରେ ଧାର୍ଯ୍ୟଲକ୍ଷ୍ୟ ଠାରୁ ଅଧିକ ହାସଲ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଏହାସହ ଔଦ୍ୟୋଗିକ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ପାଇଁ ଆମେ ପଦକ୍ଷେପ ନେଉଛୁ। ୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ମାଧ୍ୟମରେ ଦେଢ଼ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁନିଶ୍ଚିତ କରିଛୁ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନବନିଯୁକ୍ତଙ୍କୁ ସ୍ୱାଗତ କରି କହିଥିଲେ, ଆମ ସରକାର ଲୋକଙ୍କ ପାଇଁ କାମ କରୁଛି। ଆପଣମାନେ ଯେଉଁଠି ବି ନିଯୁକ୍ତି ପାଆନ୍ତୁ, ସେଠାକୁ ଯାଇ ଲୋକଙ୍କ ପାଇଁ ଆପଣମାନେ କାମ କରନ୍ତୁ। କର୍ତ୍ତବ୍ୟ କ୍ଷେତ୍ରରେ ରାଜ୍ୟବାସୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା କରୁଛୁ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ପ୍ରମୁଖ ନବନିଯୁକ୍ତମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏନ୍. ତିରୁମାଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଏନ୍‌ଏମ୍‌ର ଦୁଇ ଦିନିଆ କର୍ମଶାଳା




**ପୁରୀ:** ନର୍ସିଂ ନିର୍ଦ୍ଦେଶାଳୟ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ ତଥା ସରକାରୀ ସହକାରୀ ନର୍ସିଂ ମିଡୱାଇଫ ତାଲିମ କେନ୍ଦ୍ର (ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର), ପୁରୀର ସହଭାଗିତାରେ ରାଜ୍ୟ ସ୍ତରୀୟ ଦୁଇ ଦିନର ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏହି କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରରେ ବିସ୍ତୃତରେ ଅବଗତ କରାଇଥିଲେ । ନର୍ସିଂ ନିର୍ଦ୍ଦେଶକ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ ଓ ଡାକ୍ତର ଅମରେନ୍ଦ୍ର ସ୍ୱାଇଁ ମଧ୍ୟ କର୍ମଶାଳାରେ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ । ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଅଧକ୍ଷ ଡ. କୌଶିକ ଘୋଷ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅକ୍ଷୟ କୁମାର ଶତପଥି ଏବଂ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହି କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ନର୍ସିଂ ଶିକ୍ଷା ଏବଂ ସେବାରେ ନେତୃତ୍ୱର ବିସ୍ତାର ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ପରେ କାର୍ଯ୍ୟଭାର ଚାପ ପରିଚାଳନା, ଗୁଣବତ୍ତା ସେବା ବିଷୟରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କର୍ମଶାଳାରେ ଜାତୀୟ ସ୍ତର,ରାଜ୍ୟସ୍ତରର ଅନେକ ବିଖ୍ୟାତ ଶିକ୍ଷାବିତ (ନର୍ସିଂ ଶିକ୍ଷା) ତଥା ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ମାନେ ମଧ୍ୟ ଯୋଗଦାନଦେଇ ନର୍ସିଂ ଶିକ୍ଷା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସମସ୍ତ ଜିଲ୍ଲାର ନର୍ସିଂ ଶିକ୍ଷା ବିଜ୍ଞାନରେ ସ୍ନାତକ ଏବଂ ନର୍ସିଂ ଶିକ୍ଷା ବିଜ୍ଞାନରେ ମାଷ୍ଟର ଡିଗ୍ରୀର ମେଧାବୀ ଛାତ୍ର ଓ ଛାତ୍ରୀ ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ପୁରସ୍କାର କରାଯିବା ସହିତ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ ମଧ୍ୟ କରାଯାଇଥିଲା । କର୍ମଶାଳାରେ ରାଜ୍ୟସ୍ତରୀୟ ଅନେକ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।ପୁରୀ ନର୍ସିଂ ମିଡୱାଇଫ ତାଲିମ କେନ୍ଦ୍ରର ଅଧ୍ୟାପିକା ମାନେ କର୍ମଶାଳାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ପରିଶେଷରେ ସରକାରୀ ସହକାରୀ ନର୍ସ ମିଡୱାଇଫ ତାଲିମ କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ନୟନ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବଲପୁରରେ ଆୟୋଜିତ ଏକତା ଯାତ୍ରା ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଅନ୍ୟମାନେ




ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ର ଠାରେ ପିଏମ କୃଷକ ସମାନ ନିଧି ୨୧ ତମ କିସ୍ତି ରାଶି ପ୍ରଦାନ

## ଉତ୍କର୍ଷ ଇ ସେବା ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ




**ପୁରୀ/ନିମାପଡା:** ଉତ୍କର୍ଷ ନିମାପଡା- ୨୦୨୫ ର 'ବିଚାରମନ୍ଥନ ଅଧିବେଶନ' ରୁ ଉପନୀତ ପ୍ରଥମ ସୋପାନ ଭାବରେ ଉତ୍କର୍ଷ ଇ-ସେବା ନିମାପଡା ତହସିଲରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି। ଏହା ହେଉଛି ଜନସାଧାରଣଙ୍କୁ ଆବଶ୍ୟକ ସରକାରୀ ସେବାଗୁଡ଼ିକୁ ଶୀଘ୍ର, ସହଜ ଓ ପାରଦର୍ଶୀ ଭାବରେ ପହଞ୍ଚାଇବା ପାଇଁ ତିଆରି ହୋଇଥିବା ଡିଜିଟାଲ ସିଙ୍ଗଲ୍-ୱିଣ୍ଡୋ ପ୍ଲାଟଫର୍ମ ବୋଲି ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।ଏହି ପ୍ଲାଟଫର୍ମ ମାଧ୍ୟମରେ ଆୟ, ଜାତି, ବାସ ସାର୍ଟିଫିକେଟ, ମ୍ୟୁଟେସନ, ଜମି ସମ୍ପର୍କିତ ସୂଚନା,ଏବଂ ବିଭିନ୍ନ ୟୁଟିଲିଟି ଓ ଅଭିଯୋଗ ଗୁଡିକର ସୂଚନା ଓ ସେବା ଏକ ସ୍ଥାନରୁ ଉପଲବ୍ଧ ହୋଇ ପାରିବ। ଉତ୍କର୍ଷ ଇ -ସେବାର ମୂଳ ଲକ୍ଷ୍ୟ ସମୟ ବଞ୍ଚାଇବା, ସାଧାରଣ ଲୋକଙ୍କୁ ବିଭିନ୍ନ ଆବଶ୍ୟକୀୟ ସେବା ପାଇଁ ଅଫିସକୁ ବାରମ୍ବାର ଯିବା ଆସିବା କମାଇବା ବୋଲି ସେ କହିବା ସହ ଏହା ରାଜ୍ୟରେ ଡିଜିଟାଲ ଶାସନ ଓ ନାଗରିକ- କେନ୍ଦ୍ରିକ ସେବାର ଏକ ନୂଆ ଅଧ୍ୟାୟ ବୋଲି ଶ୍ରୀମତୀ ପରିଡା କହିଥିଲେ।

ଏହି କାର୍ଯ୍ୟକ୍ରମ ରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଭାରତୀୟ ଷ୍ଟେଟବ୍ୟାଙ୍କ ର ଆଞ୍ଚଳିକ ପରିଚାଳକ ଭରତ ଚରଣ ସାହୁ,ନିମାପଡା ତହସିଲଦାର ମନୋଜ କୁମାର ପ୍ରଧାନ,ବିଡ଼ିଓ ଡ ଅଭିଜିତ ଷଡ଼ଙ୍ଗୀ, ଏନ ଏ ସି ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଅତିରିକ୍ତ ତହସିଲଦାର ଭେଙ୍କେଟେଶ ରାଓ, ନିରଞ୍ଜନ ନାୟକ, ତହସିଲର ର ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

**ଧର୍ମନଗରୀ ପୁରୀରେ ବେଆଇନ ହୋଟେଲ ଓ ଲଜିଂର ବଢୁଥିବା ସମସ୍ୟା**

# ନୀରବଦ୍ରଷ୍ଟା ସାଜିଛି ପୁରୀ ପର୍ଯ୍ୟଟନ ବିଭାଗ

**ପୁରୀ:** ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମ ପୁରୀ ଦେଶ ବିଦେଶର ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ବେଳେ ଏହି ଐତିହ୍ୟ ସହରରେ ବେଆଇନ ଭାବେ ଚାଲିଥିବା ଅସଂଖ୍ୟ ହୋଟେଲ୍ ଓ ଲଜିଂ ସୁରକ୍ଷା ଏବଂ ନିରାପତ୍ତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଅନେକ ହୋଟେଲ ଓ ହୋମ-ଷ୍ଟେ' ସରକାରୀ ପଞ୍ଜୀକରଣ ବିନା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି - ଅଗ୍ନି ନିରୋଧକ ବ୍ୟବସ୍ଥା ବିନା ପରିଚାଳିତ ହେଉଛନ୍ତି। ଏହି ବେଆଇନ କାର୍ଯ୍ୟକଳାପ ସତ୍ତ୍ୱେ ପୁରୀ ପର୍ଯ୍ୟଟନ ବିଭାଗ ନୀରବଦ୍ରଷ୍ଟା ସାଜିଛି, ଯାହା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନିରାପତ୍ତାକୁ ଖୋଲା ଆହ୍ୱାନ: ବିନା ପଞ୍ଜୀକରଣ ଓ ଅଗ୍ନି ନିରାପତ୍ତାରେ ବ୍ୟବସାୟ ମିଳିଥିବା ତଥ୍ୟ ଅନୁଯାୟୀ, ପୁରୀରେ ଛୋଟ ବଡ଼ ପ୍ରାୟ ୩୦୦୦ ହୋଟେଲ, ଗେଷ୍ଟ ହାଉସ, ଲଜ୍ ଏବଂ ୨୦୦୦ରୁ ଅଧିକ ହୋମ-ଷ୍ଟେ' ରହିଛି। ସେଥିମଧ୍ୟରୁ ବହୁ ସଂଖ୍ୟକ ଅନୁଷ୍ଠାନ ପାଖରେ ମ୍ୟୁନିସିପାଲ କମର୍ସିଆଲ ଲାଇସେନ୍ସ କିମ୍ବା ଅଗ୍ନିଶମ ବିଭାଗରୁ ଅନାପତ୍ତି ପ୍ରମାଣପତ୍ର ନାହିଁ। ଅନେକ ଆବାସିକ ଘରକୁ ବେଆଇନ ଭାବେ ଲଜିଂ ୟୁନିଟରେ ପରିଣତ କରାଯାଇଛି। କେବଳ ସେତିକି ନୁହେଁ, ଅନେକ ପଞ୍ଜୀକୃତ ହୋଟେଲରେ ମଧ୍ୟ ଅଗ୍ନିଶମ ବ୍ୟବସ୍ଥା ନାହିଁ କିମ୍ବା ଯାହା ଅଛି ତାହା କାର୍ଯ୍ୟକ୍ଷମ ନୁହେଁ। ଅଗ୍ନିଶମ ବିଭାଗର ସୂତ୍ର ଅନୁସାରେ, ଅନେକ ହୋଟେଲର କୋଠା ନିର୍ମାଣ ଯୋଜନା ଅନୁମୋଦିତ ନିୟମ ଅନୁସାରେ ହୋଇନାହିଁ। ଜରୁରୀକାଳୀନ ପରିସ୍ଥିତିରେ ବାହାରିବା ପାଇଁ ପର୍ଯ୍ୟାପ୍ତ ନିଷ୍କାସନ ମାର୍ଗ, ଜଳ ଭଣ୍ଡାର ଓ ସତର୍କ ଘଣ୍ଟି ଭଳି ମୌଳିକ ସୁରକ୍ଷା ବ୍ୟବସ୍ଥା ଏସବୁ ସ୍ଥାନରେ ଦେଖିବାକୁ ମିଳୁନାହିଁ। ଏହିପରି ଅସୁରକ୍ଷିତ ପରିବେଶରେ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ରହୁଛନ୍ତି, ଯାହା ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରିପାରେ।

ପୋଲିସର କାର୍ଯ୍ୟାନୁଷ୍ଠାନ ଓ ପ୍ରଶାସନର ଦୋମୁହାଁ ନୀତି ଏଠାରେ ଉଲ୍ଲେଖଯୋଗ୍ୟ ଯେ, କିଛି ମାସ ତଳେ ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଟ୍ରାଭେଲ ଏଜେନ୍ସୀ ଓ ହୋମ-ଷ୍ଟେ' ଗୁଡ଼ିକର ପଞ୍ଜୀକରଣ ତଥା ଅତିଥିଙ୍କ ସୂଚନା ଦାଖଲ ପ୍ରକ୍ରିୟାର କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ପଞ୍ଜୀକୃତ ହୋଇ ନ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ମାତ୍ର ହୋଟେଲ ଓ ଲଜିଂଗୁଡ଼ିକରେ ବ୍ୟାପକ ଭାବେ ଚାଲିଥିବା ଅଗ୍ନି ନିରାପତ୍ତା ନିୟମର ଉଲ୍ଲଙ୍ଘନ ଏବଂ ବେଆଇନ କୋଠା ନିର୍ମାଣ ପ୍ରତି ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନର ଉଦାସୀନତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଣେ ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି, "ପୋଲିସ ଯଦି ନିରାପତ୍ତାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରୁଛି, ତେବେ ଜୀବନ ଓ ସମ୍ପତ୍ତି ପାଇଁ ସବୁଠୁ ବଡ଼ ବିପଦ ସାଜିଥିବା ଅଗ୍ନି ନିରାପତ୍ତା କ୍ଷେତ୍ରରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ? ପର୍ଯ୍ୟଟନ ବିଭାଗ କେବଳ ରାଜସ୍ୱ ସଂଗ୍ରହରେ ସୀମିତ ନ ରହି ପ୍ରକୃତ ନିୟମ ପାଳନ ଉପରେ ଗୁରୁତ୍ୱ ଦେବା ଉଚିତ୍।" ଜରୁରୀ ପଦକ୍ଷେପର ଆବଶ୍ୟକତା ପୁରୀ ପରି ଏକ ସମ୍ବେଦନଶୀଳ ତୀର୍ଥସ୍ଥଳୀରେ ପର୍ଯ୍ୟଟକଙ୍କ ସୁରକ୍ଷା ସର୍ବାଧିକ ଗୁରୁତ୍ୱ ବହନ କରେ। ଅନିୟନ୍ତ୍ରିତ ଭାବେ ବଢ଼ୁଥିବା ବେଆଇନ ଲଜିଂ ୟୁନିଟ୍ ଏବଂ ଅଗ୍ନି ନିରାପତ୍ତା ନଥିବା ପ୍ରତିଷ୍ଠାନ ଉପରେ ତୁରନ୍ତ ରୋକ ଲଗାଇବା ଆବଶ୍ୟକ। ଜିଲ୍ଲା ପ୍ରଶାସନ ତୁରନ୍ତ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ କରି ଅଗ୍ନି ନିରାପତ୍ତା ନଥିବା ସମସ୍ତ ହୋଟେଲ ଓ ଲଜିଂକୁ ସିଲ୍ କରିବା ସହିତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍। ପର୍ଯ୍ୟଟନ ବିଭାଗ ଓ ଅଗ୍ନିଶମ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ନିୟମିତ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସମୟର ଆହ୍ୱାନ। ନଚେତ୍, ଯେକୌଣସି ଦୁର୍ଘଟଣା ପାଇଁ କେବଳ ଅବହେଳା କରିଥିବା ପ୍ରଶାସନ ହିଁ ଦାୟୀ ରହିବ।

‘ବିଏସ୍‌ଏଫ୍’ର ହୀରକ ଜୟନ୍ତୀ ସମାରୋହକୁ ସମ୍ବୋଧିତ କଲେ ଶ୍ରୀ ଅମିତ ଶାହ

# ବିଏସ୍‌ଏଫ୍‌ର କେବଳ ଗୋଟିଏ ଲକ୍ଷ୍ୟ ରହିଛି ଭାରତର ସୁରକ୍ଷା: ଶାହ

ଭୁଜ (ଗୁଜରାଟ): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଗୁଜରାଟର ଭୁଜଠାରେ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ର ହୀରକ ଜୟନ୍ତୀ ସମାରୋହକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ଶ୍ରୀ ହର୍ଷ ସଂଘବୀ, ବିଏସ୍‌ଏଫ୍ ମହାନିର୍ଦ୍ଦେଶକ ଦଲଜିତ ସିଂହ ଚୌଧୁରୀ ଏବଂ ଅନ୍ୟ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଗତ ଛଅ ବର୍ଷ ମଧ୍ୟରେ ବିଏସ୍‌ଏଫ୍ କେବଳ ଭାରତର ଜନସାଧାରଣଙ୍କୁ ନୁହେଁ, ବରଂ ସମଗ୍ର ବିଶ୍ୱକୁ ଏହା ସ୍ୱୀକାର କରିବାକୁ ବାଧ୍ୟ କରିଛି ଯେ, ଯେ ପର୍ଯ୍ୟନ୍ତ ବିଏସ୍‌ଏଫ୍ ପହରା ଦେଉଛି, ଶତ୍ରୁ ଭାରତର ଏକ ଇଞ୍ଚ ଜମି ଉପରେ ନଜର ମଧ୍ୟ ପକାଇ ପାରିବ ନାହିଁ।

ସେ କହିଥିଲେ ଯେ ବିଏସ୍‌ଏଫର ସାହସୀ ସୈନିକମାନେ ଅସାଧାରଣ ବୀରତ୍ୱ, କୌଶଳ ଏବଂ ନିଜ ଜୀବନ ପ୍ରତି ସମ୍ପୂର୍ଣ୍ଣ ଅଣଦେଖା ସହିତ ‘ପ୍ରଥମ ପ୍ରତିକ୍ରିୟାଶୀଳ’ ହେବାର ଦାୟିତ୍ୱ ନିର୍ବାହ କରିଛନ୍ତି- ଏପରିକି ଅନେକ ସର୍ବୋଚ୍ଚ ବଳିଦାନ ମଧ୍ୟ ଦେଇଛନ୍ତି। ଦେଶର ଗୃହମନ୍ତ୍ରୀ ଭାବେ ଏହା ତାଙ୍କୁ ଅପାର ଗର୍ବ ଏବଂ ସମ୍ମାନରେ ପରିପୂର୍ଣ୍ଣ କରିଥାଏ। ଶ୍ରୀ ଶାହ ବିଏସ୍‌ଏଫ୍ କର୍ମଚାରୀଙ୍କୁ କହିଥିଲେ ଯେ କେବଳ ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀ ନୁହେଁ, ସମଗ୍ର ଦେଶ ସେମାନଙ୍କ ସାହସିକତାକୁ ଅଭିବାଦନ ଜଣାଉଛି, ସେମାନଙ୍କ ସାମର୍ଥ୍ୟ ଉପରେ ଅତୁଟ ବିଶ୍ୱାସ ରହିଛି ଏବଂ ଦେଶର ସୁରକ୍ଷା ପାଇଁ ସେମାନଙ୍କ ଅତୁଟ ସଂକଳ୍ପ ଯୋଗୁଁ ଶାନ୍ତିରେ ଶୋଇଛି- ଏହା ଯେକୌଣସି ବାହିନୀ ପାଇଁ ଅତ୍ୟନ୍ତ ଗର୍ବର ବିଷୟ।

କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ ଏପର୍ଯ୍ୟନ୍ତ, ୨୦୧୩ ମସିହାରେ ସୀମା ସୁରକ୍ଷା ବାହିନୀର ବୀର ସୈନିକମାନେ ଦେଶର ସୀମାକୁ ଅଲଙ୍ଘନୀୟ ଏବଂ ସୁରକ୍ଷିତ ରଖି ନିଜ ଜୀବନର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ସେ କହିଥିଲେ ଯେ ବିଏସ୍‌ଏଫ୍ କର୍ମଚାରୀମାନେ କେବେ ବି ପଛକୁ ଫେରି ଚାହିଁନାହାନ୍ତି- କେବଳ ସୀମା ସୁରକ୍ଷା କ୍ଷେତ୍ରରେ ନୁହେଁ। ବରଂ ମିଳିତ ଜାତିସଂଘର ଅନେକ ଶାନ୍ତିରକ୍ଷା ମିସନରେ ଏବଂ ଦେଶ ମଧ୍ୟରେ ଅଗଣିତ ଆଭ୍ୟନ୍ତରୀଣ ଜରୁରୀକାଳୀନ ପରିସ୍ଥିତିରେ, ତାହା ଆତଙ୍କବାଦର ମୁକାବିଲା କରିବା ହେଉ କିମ୍ବା ନକ୍ସଲବାଦର ମୂଳୋତ୍ପାଟନ ପାଇଁ ଜାତୀୟ ଲକ୍ଷ୍ୟ ହାସଲ କରିବା ହେଉ। ସେମାନେ ସର୍ବଦା କର୍ତ୍ତବ୍ୟକୁ ସବୁଠୁଁ ଉର୍ଦ୍ଧ୍ୱରେ ରଖି ଆଗକୁ ବଢ଼ିଛନ୍ତି। ଶ୍ରୀ ଶାହ କହିଥିଲେ ଯେ ଏହି କାରଣରୁ ହିଁ ଆଜି ଭାରତର ଉଭୟ ପୂର୍ବ ଏବଂ



ପଶ୍ଚିମ ସୀମା ଦୃଢ଼, ଅତୁଟ ଏବଂ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି। ଏହାର ସବୁଠାରୁ ବଡ଼ ଶ୍ରେୟ ବିଏସ୍‌ଏଫର ସାହସୀ ସୈନିକମାନଙ୍କୁ ଦିଆଯାଇଥାଏ।

ଶ୍ରୀ ଅମିତ ଶାହ କହିଥିଲେ ଯେ କଚ୍ଛର ଏହି ବୀର ଭୂମି ଅଦମ୍ୟ ସାହସର ପ୍ରତୀକ। ସେ କହିଥିଲେ ଯେ ଶତାବ୍ଦୀ ଶତାବ୍ଦୀ ଧରି ପ୍ରତିକୂଳ ପାଣିପାଗ ଏବଂ ପରିସ୍ଥିତି ସତ୍ତ୍ୱେ କଚ୍ଛର ଲୋକମାନେ ଏହି ଅଞ୍ଚଳକୁ ଧୈର୍ଯ୍ୟ ଏବଂ ସହନଶୀଳତା ସହିତ ପୋଷଣ କରିଛନ୍ତି ଏବଂ ଏହାକୁ ବିକାଶର ଶୀର୍ଷରେ ପହଞ୍ଚାଇଛନ୍ତି। ସେ କହିଥିଲେ ଯେ ୧୯୭୦ ଦଶକରୁ ଆଜି ପର୍ଯ୍ୟନ୍ତ କଚ୍ଛର ଲୋକମାନେ ପ୍ରତ୍ୟେକ ଆକ୍ରମଣର ଦୃଢ଼ ପ୍ରତିରୋଧ କରିଛନ୍ତି-ସମଗ୍ର ଦେଶ ଏହାର ସାକ୍ଷୀ ରହିଛି। ଶ୍ରୀ ଶାହ କହିଥିଲେ ଯେ ଅନେକ ଯୁଦ୍ଧରେ କଚ୍ଛର ଲୋକମାନେ ସେନା ଏବଂ ବିଏସ୍‌ଏଫ୍ ସହିତ କାନ୍ଧରେ କାନ୍ଧ ମିଶାଇ ଯାତ୍ରା କରିଥିଲେ ଏବଂ ଏକ ଅସାଧାରଣ ଭୂମିକା ଗ୍ରହଣ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ଅଞ୍ଚଳର ସାହସୀ ମହିଳାମାନେ ଯୁଦ୍ଧ ସମୟରେ ଏୟାରଷ୍ଟ୍ରିପ୍ ମରାମତି କରି ଏବଂ କିଛି ଘଣ୍ଟା ମଧ୍ୟରେ ସେଗୁଡ଼ିକୁ ପୁଣି କାର୍ଯ୍ୟକ୍ଷମ କରି ଦେଶକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ କଚ୍ଛ ଭୂମି ଶତାବ୍ଦୀର ସବୁଠାରୁ ଭୟଙ୍କର ଭୂକମ୍ପକୁ ସହିଛି। କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ କଚ୍ଛ ଭୂମି ଶତାବ୍ଦୀର ସବୁଠାରୁ ଭୟଙ୍କର ଭୂକମ୍ପକୁ ସହିଛି। ସେ ଆଜି ଗର୍ବର ସହ ଘୋଷଣା କରିଛନ୍ତି ଯେ କଚ୍ଛର ଲୋକଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁଁ ଏହି ଅଞ୍ଚଳ କେବଳ ଭୂମିକମ୍ପରୁ ମୁକୁଳିନାହିଁ, ବରଂ ପୂର୍ବ ଅପେକ୍ଷା ୧୦୦ ଗୁଣ ଅଧିକ ସୁନ୍ଦର ଏବଂ ବିକଶିତ ହୋଇଛି-ଯାହା କଚ୍ଛର ଲୋକଙ୍କ ଅଦମ୍ୟ ଉତ୍ସାହ ଏବଂ ନମନୀୟତାର ଏକ ଉଜ୍ଜ୍ୱଳ ଉଦାହରଣ।

କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ୧୯୬୫ ଡିସେମ୍ବର ୧ ତାରିଖରେ ଏହାର ପ୍ରତିଷ୍ଠା ପରଠାରୁ ସୀମା ସୁରକ୍ଷା ବାହିନୀ ସଫଳତାର ସହ ଉତ୍କର୍ଷତାର ପ୍ରତ୍ୟେକ ଶିଖରକୁ ଅତିକ୍ରମ କରିଛି। ସେ କହିଥିଲେ ଯେ ସମସ୍ତ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍) ମଧ୍ୟରେ ବିଏସ୍‌ଏଫ୍ ହେଉଛି ଏକମାତ୍ର ବାହିନୀ ଯାହା ସ୍ଥଳ, ଜଳ ଏବଂ ଆକାଶ ସୀମାରେ ରାଷ୍ଟ୍ରର ସୁରକ୍ଷା ପାଇଁ ସମର୍ପିତ। ଆମର ଆକାଶ ସୀମା ହେଉ, ଦୁର୍ଗମ ସ୍ଥଳ ସୀମା ହେଉ, କିମ୍ବା ଅଗଣିତ ବାଧାବିଘ୍ନ ମଧ୍ୟରେ ଥିବା ଜଳ ସୀମା ହେଉ, ଏହି ତିନିଟିରେ ବିଏସ୍‌ଏଫ୍ କର୍ମୀ ନିୟୋଜିତ ରହିଥାନ୍ତି। ଶ୍ରୀ ଶାହ କହିଥିଲେ ଯେ ଭାରତର ସୀମାକୁ ସୁରକ୍ଷିତ କରିବାର ଏକମାତ୍ର ଲକ୍ଷ୍ୟ ହାସଲ କରିବା ସହିତ ବିଏସ୍‌ଏଫ୍ ଯବାନମାନେ ଏହି ବିବିଧ ଆହ୍ୱାନ ଏବଂ ପ୍ରକୃତିର କଠୋର ଶକ୍ତି ସହିତ ଯେଉଁ ସାହସ ଏବଂ କୌଶଳ ସହିତ ଖାପଖୁଆଇଛନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ। ଶ୍ରୀ ଶାହ କହିଥିଲେ ଯେ ଜଳ, ସ୍ଥଳ ଏବଂ ଆକାଶ କ୍ଷେତ୍ରରେ ବିଏସ୍‌ଏଫର ସର୍ବଦା ଗୋଟିଏ ମାତ୍ର ଲକ୍ଷ୍ୟ ରହିଛି, ତାହା ହେଉଛି ଭାରତର ସୁରକ୍ଷା। ସେ ଗର୍ବ ବ୍ୟକ୍ତ କରିଥିଲେ ଯେ ଆଜି ୧୯୩ ବାଟାଲିଅନ୍ ଏବଂ ୨.୭୬ ଲକ୍ଷରୁ ଅଧିକ କର୍ମଚାରୀଙ୍କ ଶକ୍ତି ସହିତ, ବିଏସ୍‌ଏଫ୍ ପାକିସ୍ତାନ ସହିତ ସମଗ୍ର ୨,୨୭୯ କିଲୋମିଟର ସୀମା ଏବଂ ବାଂଲାଦେଶ ସହିତ ୪,୦୯୬ କିଲୋମିଟର ସୀମାକୁ ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ତଦାରଖ କରୁଛି।

# ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିବା ଲାଗି ଏକାଠି ହେଲେ ପରବର୍ତ୍ତୀ ପିଢ଼ିର ନିର୍ମାତା

## ଆଇଏଫଏଫଆଇରେ ଆରମ୍ଭ ହେଲା କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମୋରୋର ପଞ୍ଚମ ସଂସ୍କରଣ

ନବପ୍ରତିଭାମାନଙ୍କ ସୃଜନଶୀଳତା ପ୍ରଦର୍ଶନ ଲାଗି ସବୁଠୁ ଆକର୍ଷଣୀୟ ମଞ୍ଚ ରୂପେ ଖ୍ୟାତି ଅର୍ଜନ କରିଥିବା କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମୋରା (ଭବିଷ୍ୟତର ସୃଜନଶୀଳ ନିର୍ମାତା)-ସିଏମଓଟି ପ୍ରତିଯୋଗିତା ଆଜି ଠାରୁ ଗୋଆରେ ଆରମ୍ଭ ହୋଇଛି । ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ - ଆଇଏଫଏଫଆଇର ଅଂଶବିଶେଷ ସ୍ୱରୂପ ଆରମ୍ଭ ହୋଇଥିବା ଏହି ମଞ୍ଚରେ ଭାରତର ସବୁଠୁ ପ୍ରତିଭାସମ୍ପନ୍ନ ଏବଂ ଉଦୀୟମାନ ଯୁବ ଚଳଚ୍ଚିତ୍ର ନିର୍ମାତାମାନେ ଏକାଠି ହୋଇଛନ୍ତି ।

୪୮ ଘଣ୍ଟିଆ ଚଳଚ୍ଚିତ୍ର ନିର୍ମାଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ୧୨୫ ଜଣ ଉଦୀୟମାନ ତାରକା। ଏହି ପ୍ରତିଯୋଗିତାରେ ଚିତ୍ରନାଟ୍ୟ ଲେଖିବା ଠାରୁ ଆରମ୍ଭ କରି କାହାଣୀକୁ ପରଦାରେ ଉତାରିବା ପର୍ଯ୍ୟନ୍ତ ସୃଜନଶୀଳତା, ସହଭାଗିତା ଏବଂ ସିନେମାର ଯାଦୁ ଦେଖିବାକୁ ମିଳିବ। ଏହା କେବଳ ଏକ ସାଧାରଣ ମହୋତ୍ସବ କାର୍ଯ୍ୟକ୍ରମ ନୁହେଁ, ବରଂ ଏହି ପ୍ରତିଯୋଗିତାରେ ଭବିଷ୍ୟତର ଚଳଚ୍ଚିତ୍ର ନିର୍ମାତା, ଅଭିନେତା ଏବଂ କଥାକାରମାନେ ସେମାନଙ୍କର ବ୍ଲକବଷ୍ଟର କାହାଣୀକୁ ଉପସ୍ଥାପନ କରିବେ।

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ଏହି ପ୍ରତିଯୋଗିତାକୁ ଉଦଘାଟନ କରି ଅଂଶଗ୍ରହଣକାରୀଙ୍କ ଉତ୍ସାହ ଏବଂ ସୃଜନଶୀଳତାକୁ ପ୍ରଶଂସା କରିଛନ୍ତି। 2021 ଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ସ୍ଥିର ଅଭିବୃଦ୍ଧି ସମ୍ପର୍କରେ ଉଲ୍ଲେଖ କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ସିଏମଓଟି ଯୁବ ନିର୍ମାତାମାନଙ୍କୁ ଅନ୍ତର୍ଜାତୀୟ ମଞ୍ଚ ଯୋଗାଇ ଦେଇଛି। ସେ କହିଛନ୍ତି, ଏହି ମଞ୍ଚ ଭାରତର ଉଦୀୟମାନ ସ୍ରଷ୍ଟାମାନଙ୍କୁ ବିଶ୍ୱ ପ୍ରଯୋଜକ ଏବଂ ସୃଜନଶୀଳ ନେଟୱର୍କ ସହ ଯୋଡ଼ିପାରିଛି। ଏହା କେବଳ ଚଳଚ୍ଚିତ୍ର ନିର୍ମାଣ ଉପରେ ଆଧାରିତ ନୁହେଁ, ବରଂ ଏହା ଦେଶର ସୃଜନଶୀଳ ଭବିଷ୍ୟତକୁ ଆକାର ଦେଉଛି ।

ଅଂଶଗ୍ରହଣକାରୀମାନଙ୍କୁ ୪୮ ଘଣ୍ଟିଆ ଚଳଚ୍ଚିତ୍ର ନିର୍ମାଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରି ଡକ୍ଟର ମୁରୁଗନ କହିଛନ୍ତି ଏହି ପ୍ରତିଯୋଗିତାର ଉଚ୍ଚସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ନିର୍ମାତାମାନଙ୍କର ଉପରେ ଚାପ ସୃଷ୍ଟି କରିବ ଏବଂ ସେମାନଙ୍କର ଦକ୍ଷତା ବୃଦ୍ଧି ସହିତ ଶ୍ରେଷ୍ଠ ପ୍ରଦର୍ଶନ କରିବାର ସୁଯୋଗ ଆଣିଦେବ। ନବପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା, ଭାରତର ସୃଜନଶୀଳ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ମନୋରଞ୍ଜନ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଲାଗି ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଭାରତୀୟ ସୃଜନଶୀଳ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଆଇଆଇସିଟି) ମୁମ୍ବାଇ ବିଷୟରେ ସେ ଅବତାରଣା କରିଥିଲେ। କେନ୍ଦ୍ର ମନ୍ତ୍ରୀ କହିଥିଲେ ଏକ ଉଜ୍ଜ୍ୱଳ ଏବଂ ନୂତନ ଉଦ୍ଭାବନ ଆଧାରିତ ସୃଜନଶୀଳ କ୍ଷେତ୍ର ପ୍ରସ୍ତୁତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ସାକାର କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି।

ସିଏମଓଟି ପ୍ରତିଯୋଗିତାରେ ଚୟନ ହୋଇଥିବା ଯୁବପ୍ରତିଭାମାନଙ୍କୁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଜାଜୁ ଅଭିନନ୍ଦନ ଜଣାଇଥିଲେ ଏବଂ କହିଥିଲେ, ସେମାନଙ୍କର ଚୟନ ଏକ ଉଲ୍ଲେଖନୀୟ ଉପଲବ୍ଧି। ଅଂଶଗ୍ରହଣକାରୀଙ୍କ ଉତ୍ସାହକୁ ପ୍ରଶଂସା କରି ସଚିବ କହିଥିଲେ, ଗତବର୍ଷ ଏହି ପ୍ରତିଯୋଗିତାରେ ଅସାଧାରଣ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। ଅନ୍ତିମ ଚଳଚ୍ଚିତ୍ର ପ୍ରଦର୍ଶନ ଓସ୍କାର ଭଳି ହୋଇଥିଲା। ସେ ଜୋର ଦେଇ କହିଥିଲେ, ସିଏମଓଟି ବିରଳ ସହଭାଗିତାକୁ ପ୍ରୋତ୍ସାହିତ କରିଥାଏ। ଏଠାରେ ଅପରିଚିତ ଲୋକମାନେ ଚାପଯୁକ୍ତ ପରିବେଶରେ ଉତ୍କୃଷ୍ଟ ଚଳଚ୍ଚିତ୍ର ନିର୍ମାଣ ଲାଗି ଏକତ୍ରିତ ହୋଇଥା'ନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଭବିଷ୍ୟତର କାହାଣୀକାର ଏବଂ ବିଶ୍ୱରେ ଭାରତର ସାଂସ୍କୃତିକ ଦୂତ ରୂପେ ପ୍ରସିଦ୍ଧି ହାସଲ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଜଣେ ସିଏମଓଟି ପ୍ରତିଯୋଗୀ ନିକଟରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିବା ସେ ଉଲ୍ଲେଖ କରିଥିଲେ।

ସର୍ଟସ୍ ଇଣ୍ଟରନେସନାଲର ପ୍ରତିଷ୍ଠାତା ଏବଂ ସିଇଓ କାର୍ଟର ପିଲଚର ଚଳିତ ବର୍ଷର ସିଏମଓଟିକୁ ବର୍ତ୍ତମାନସୁଦ୍ଧା ସବୁଠାରୁ ରୋମାଞ୍ଚକର ସଂସ୍କରଣ ମଧ୍ୟରୁ ଗୋଟିଏ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟ କୌଣସି ବିଶ୍ୱ ମହୋତ୍ସବରେ ଏଭଳି ଏକ ଅତୁଳନୀୟ ମଞ୍ଚ ଦେଖିବାକୁ ମିଳିନଥାଏ ବୋଲି ସେ କହିବା ସହିତ ଏଥିପାଇଁ ମନ୍ତ୍ରଣାଳୟକୁ ପ୍ରଶଂସା କରିଥିଲେ। ପିଲଚର୍ କହିଥିଲେ, ପୂର୍ବ ସଂସ୍କରଣର ଅଂଶଗ୍ରହଣକାରୀମାନେ ପୂର୍ବରୁ କାନ୍ସ ସମେତ ବିଶ୍ୱବ୍ୟାପୀ ପ୍ରମୁଖ ମହୋତ୍ସବରେ ସେମାନଙ୍କର କାହାଣୀ ପ୍ରଦର୍ଶନ କରୁଛନ୍ତି ଏବଂ ଓସ୍କାର ମନୋନିତ ତାଲିକାରେ ମଧ୍ୟ ସ୍ଥାନ ପାଇଛନ୍ତି । ନିର୍ମାତାମାନଙ୍କୁ ଏହି ସୁଯୋଗକୁ ଶିଖିବା, ସହଯୋଗ କରିବା ଏବଂ ସୃଜନଶୀଳ ସୀମାକୁ ଆଗକୁ ବଢ଼ାଇବା ପାଇଁ ସେ ଅନୁରୋଧ କରିଥିଲେ । ସେ ଆହୁରି କହିଥିଲେ, ବର୍ତ୍ତମାନ ସଂକ୍ଷିପ୍ତ-ଆକାରର କାହାଣୀ ବର୍ଣ୍ଣନାକୁ ବିଶ୍ୱ ମନୋରଞ୍ଜନ କ୍ଷେତ୍ରରେ ଗ୍ରହଣୀୟ ହୋଇପାରିଛି।

ଉଦଘାଟନୀ ଉତ୍ସବରେ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଚଳଚ୍ଚିତ୍ର) ଡକ୍ଟର ଅଜୟ ନାଗଭୂଷଣ ଏବଂ ଏନଏଫଡିସି ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ମଗଦମ୍ ମଧ୍ୟ ଉପସ୍ଥିତ ଥିଲେ।

ଭାରତୀୟ ଚଳଚ୍ଚିତ୍ର ଜଗତର ଉଦୀୟମାନ ପ୍ରତିଭାଙ୍କୁ ଆବିଷ୍କାର କରିବା, ପ୍ରୋତ୍ସାହନ ଦେବା ଏବଂ ଲୋକଲୋଚନକୁ ଆଣିବା ଲାଗି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ (ଏନଏଫଡିସି) ଦ୍ୱାରା ଏହି ଅଭିନବ କ୍ରିଏଟିଭ୍ ମାଇଣ୍ଡସ୍ ଅଫ୍ ଟୁମୋରୋ (ସିଏମଓଟି) ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ଏହା ନୂଆ ଚଳଚ୍ଚିତ୍ର ନିର୍ମାତା ଏବଂ କାହାଣୀକାରମାନଙ୍କୁ ଅନ୍ତର୍ଜାତୀୟ ମଞ୍ଚ ଯୋଗାଇ ଦେଇଥାଏ। ଚଳିତ ବର୍ଷ ସାରା ଭାରତରୁ ୧୩ଟି ଚଳଚ୍ଚିତ୍ର ନିର୍ମାଣ କଳାରେ ୧୨୫ରୁ ଅଧିକ ଯୁବପ୍ରତିଭା ସିଏମଓଟିର ପଞ୍ଚମ ସଂସ୍କରଣରେ ଭାଗ ନେଇଛନ୍ତି ।

# ବିଧାନସଭାରେ ଉଠିଲା ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ

ପୁରୀ: ଦର୍ଶନ ସମସ୍ତଙ୍କର କିଭଳି ଶୃଙ୍ଖଳିତ ହେବ ତାହା ପ୍ରଶାସନର କାମ। ହାତ ଟେକିଦେଲେ, ହେବ ନାହିଁ କିମ୍ବା ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରକୁ ସ୍ୱତନ୍ତ୍ର ପ୍ରବେଶ ସୁବିଧା ନ କରି ଖସି ପାରିବେ ନାହିଁ। ପୁରୀବାସୀଙ୍କୁ ହଇରାଣ କରି କି ପ୍ରକାରର ଯଶବାନା ଉଡ଼ାଇବାକୁ ଚାହୁଁଛନ୍ତି ସରକାର? ତୁରନ୍ତ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରକୁ ସ୍ୱତନ୍ତ୍ର ପ୍ରବେଶ ସୁବିଧା ଦେବାକୁ ଦାବି କରିଛନ୍ତି ପୁରୀ ବିଧାୟକ ସୁନୀଲ ମହାନ୍ତି। ଏ ନେଇ ସେ ବିଧାନସାଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସେ କହିଛନ୍ତି, ଦୈନିକ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ପୁରୀବାସୀ ସରକାରଙ୍କ ଶୃଙ୍ଖଳିତ ଦର୍ଶନ ଆଳରେ ଫସି ରହିଛନ୍ତି। କେତେଜଣ ସିଧା ନାଟମଣ୍ଡପକୁ ଯାଇ ଦର୍ଶନ କରି ଫେରନ୍ତି। କେହି ସିଧା ଆନନ୍ଦବଜାର ଯାଇ ଅବଢ଼ା ନେଇ ଫେରନ୍ତି। ଅଧିକ ସମୟ ଏମାନେ ଶ୍ରୀମନ୍ଦିରରେ ରୁହନ୍ତି ନାହିଁ। ସକାଳୁ ମହାପ୍ରଭୁଙ୍କୁ ଟିକେ ଦର୍ଶନ କରିଦେଲେ ଦିନ ଭଲରେ ଚାଲିବ ବୋଲି ବିଶ୍ୱାସ ରହିଛି। କିନ୍ତୁ କ୍ରମାଗତ ଭାବରେ ଶୃଙ୍ଖଳା ଆଳରେ ନିୟମିତ ଭକ୍ତ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ପଞ୍ଚକରେ ଅନେକ ଭକ୍ତ ଅବଢ଼ା ମୁଠାଏ ପାଇ ନାହାନ୍ତି। ବହୁତ ଆଗରୁ ଏ ବାବଦରେ ମୁଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲି। ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା ମଧ୍ୟ ହୋଇଛି।



କାଳବିଳମ୍ବ ନ କରି ଏହାର ବାଟ ବାହାର କରନ୍ତୁ। ବାହାରୁ ଆସୁଥିବା ଭକ୍ତଙ୍କ ସହ ପୁରୀବାସୀ ମଧ୍ୟ ଯେଭଳି ଶୃଙ୍ଖଳିତ ଦର୍ଶନ କରିବେ ତାହାର ବ୍ୟ ବସ୍ଥା କରନ୍ତୁ। ଶୃଙ୍ଖଳିତ ଦର୍ଶକୁ ଅପେକ୍ଷା କରି କରି ଯେମିତି ବିଶୃଙ୍ଖଳା ବଢ଼ି ନ ଯାଉ।

ହଜାର ହଜାର ଭକ୍ତ ଏକାଠି ହୋଇ ‘ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଅଭିଯାନ’ ଶୀର୍ଷକ ମଞ୍ଚ ଆରମ୍ଭ କରିଥିଲେ। ନିକଟ ଅତୀତରେ ଶ୍ରୀମନ୍ଦିର ସମ୍ମୁଖରେ ଦୀପ ଜାଳି ସେମାନେ ନିରବ ପ୍ରତିବାଦ କରିଥିଲେ। ପରିଚାଳନା କମିଟି ବୈଠକରେ ଆଲୋଚନା ହେବା ପରେ ଜିଲ୍ଲାପାଳ ଓ ଏସ୍‌ପି ସେବାୟତମାନଙ୍କ ସହ ଆଲୋଚନା କରି ଏଥିପାଇଁ ବ୍ୟବସ୍ଥା କରିବେ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ। ଏହାକୁ ନେଇ ଅସନ୍ତୋଷ ଆହୁରି ବଢ଼ିଯାଇଛି। ସମାଧାନର ବାଟ ସ୍ପଷ୍ଟ ଦିଶୁଥିଲେ ବି ଆଲୋଚନା କରି ନିଷ୍ପତ୍ତି ନେବା କହିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ମଞ୍ଚର ସଦସ୍ୟମାନେ କହିଛନ୍ତି। ଏନେଇ ପୂର୍ବତନ ବିଧାୟକ ବିଭୂଧେନ୍ଦ୍ର ପ୍ରତାପ ଦାସ କହିଛନ୍ତି, ପୁରୀବାସୀ ସ୍ୱତନ୍ତ୍ର ପ୍ରବେଶ ସୁବିଧା ଦାବି କରିଆସୁଛନ୍ତି। ବଡ଼ିଭୋର୍‌ରୁ ପୁରୀ ବାସୀଙ୍କ ପାଇଁ ୨ଘଣ୍ଟା ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରବେଶ ସୁବିଧା ଦିଆଯିବା ଜରୁରୀ। ପାରମାଣିକ ଦର୍ଶନ ମଧ୍ୟ ଆରମ୍ଭ ହେବା ଜରୁରୀ। ଯେଉଁମାନେ ପଇସା ଦେଇ ଦର୍ଶନ କରିବାକୁ ଚାହିବେ, କରିବେ। ସେହି ଅର୍ଥର ସିଂହଭାଗ ପାଳିଆ ସେବାୟତଙ୍କୁ ଦେଇ ସେଠାରେ ପଡ଼ିଥିବା ଗରା, ବାକ୍ସ, ଥାଳି ହଟାଇ ଦେବା ଜରୁରି। ଫଳରେ ଭକ୍ତମାନେ ଲୁଟ୍ ହେବେନି, କିମ୍ବା ଥାଳି ପାଖରେ ପଇସା ପକାଇବା ପାଇଁ ଭକ୍ତଙ୍କୁ କେହି ସେବାୟତ ବାଧ୍ୟକରି ଦର୍ଶନ ବ୍ୟବସ୍ଥା ବିଳମ୍ବିତ କରିବେନି। ଏଭଳି ଅନେକ ବାଟ ଅଛି।

ଯେତେବେଳ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭକ୍ତମାନଙ୍କ ମଧ୍ୟରେ ଭିଆଇପି ଓ ସାଧାରଣ ଭକ୍ତ କରି ବିଭେଦ ସୃଷ୍ଟି କରାଯାଇଥିବ ସେତେବେଳ ପର୍ଯ୍ୟନ୍ତ ଶୃଙ୍ଖଳା ଆସିବ ନାହିଁ। ଯେତେ ବିଭାଗ ରହିଛି ସମସ୍ତେ ଚାହୁଁଛନ୍ତି ଆମକୁ ସ୍ୱତନ୍ତ୍ର ସୁବିଧା ଦିଅ। ଜାଲି ଦ୍ୱାରରେ ସେବାୟତ ତାଙ୍କ ଲୋକଙ୍କୁ ନେଇ ଯାଉଛନ୍ତି, ଘଣ୍ଟିଦ୍ୱାରରେ ପ୍ରଶାସନ ନେଇ ଯାଉଛି, ଜୟବିଜୟ ଦ୍ୱାରର ନଣ୍ଡାବ୍ରତରେ ଛିଡ଼ା ହୋଇ ଦର୍ଶନ କରୁଛନ୍ତି। ଏ ସବୁ ଯେପର୍ଯ୍ୟନ୍ତ ବନ୍ଦ ନ ହୋଇଛି, ସେ ପର୍ଯ୍ୟନ୍ତ ଶୃଙ୍ଖଳା ଆସିପାରିବ ନାହିଁ।

# ଲୌହ ମାନବ ‘ସର୍ଦ୍ଦାର ବଲ୍ଲଭଭାଇ ପଟେଲ’ଙ୍କ ଜନ୍ମ ଜୟନ୍ତୀ ଅବସରରେ ପଦଯାତ୍ରା



ଲୌହ ମାନବ ’ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ପୁରୀ ଲୋକସଭା ଅନ୍ତର୍ଗତ ଚିଲିକା ବିଧାନସଭାରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଏବଂ ଅତୁଟ ରାଷ୍ଟ୍ରନିଷ୍ଠାର ପ୍ରତୀକ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନ ଆମକୁ ସଦା ପ୍ରେରିତ କରେ । ସ୍ୱାଧୀନ ଭାରତର ତାଙ୍କର ଅଦ୍ୱିତୀୟ ଅବଦାନ, ଅଦମ୍ୟ ସଂକଳ୍ପ, ଦୂରଦୃଷ୍ଟି ଏବଂ ରାଷ୍ଟ୍ରସେବାର ଭାବନା ଆମ ସମଗ୍ର ଭାରତକୁ ଗଠିତ କରିଛି ।

ଏହି ଏକତା ପଦଯାତ୍ରା ସର୍ଦ୍ଦାର ପଟେଲଙ୍କ ମହାନ ଅବଦାନକୁ ସ୍ମରଣ କରିବାର ଅବସର ମାତ୍ର ନୁହେଁ, ବରଂ ରାଷ୍ଟ୍ରୀୟ ଏକତା, ସାମାଜିକ ସୌହାର୍ଦ୍ଦ୍ୟ ଏବଂ ରାଷ୍ଟ୍ରନିର୍ମାଣ ପ୍ରତି ଆମର ସମୂହୀକ ସଂକଳ୍ପକୁ ଆହୁରି ସୁଦୃଢ଼ କରିବାର ଏକ ମାଧ୍ୟମ ।

ଆସନ୍ତୁ ସର୍ଦ୍ଦାର ପଟେଲଙ୍କ ଅଦମ୍ୟ ରାଷ୍ଟ୍ରଭକ୍ତି ଏବଂ ଦୃଢ଼ ନେତୃତ୍ୱକୁ ନମନ କରି, ଏକତା, ଅଖଣ୍ଡତା ଏବଂ ସମରସତା ସହିତ ଆଗେଇ ବଢ଼ିବା ପଦଯାତ୍ରାରେ ସକ୍ରିୟ ଅଂଶୀଦାର ହେବା ।

ଏହି ଅବସରରେ ଓଡିଶା ସରକାରଙ୍କ ମାନ୍ୟନୀୟ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ମୋ ସହ ଉପସ୍ଥିତ ଥିଲେ ।

# ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ସୂର୍ଯ୍ୟକାନ୍ତ



**ନୂଆଦିଲ୍ଲୀ:** ସୁପ୍ରିମ୍‌କୋର୍ଟର ୫୩ତମ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ସୂର୍ଯ୍ୟକାନ୍ତ ଆଜି ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ କ୍ୟାବିନେଟର ଅନେକ ମନ୍ତ୍ରୀ ଯୋଗ ଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଭାବେ ସେ ପ୍ରାୟ ୧୫ ମାସ କାର୍ଯ୍ୟ କରି ୨୦୨୭ ଫେବ୍ରୁଆରି ୯ରେ ଅବସର ନେବେ।

୧୯୬୨ ମସିହା ଫେବ୍ରୁଆରି ୧୦ରେ ହରିୟାଣା ହିସାରର ନରନୌଡ଼ ଅଞ୍ଚଳର ପେଟୱାଡ଼ ଗ୍ରାମରେ ଜନ୍ମିତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୧୯୮୪ରେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନରେ ଡିଗ୍ରି ହାସଲ କରିଛନ୍ତି। ସେହି ବର୍ଷ ସେ ହିସାର ଜିଲ୍ଲା କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ ଏବଂ ପରେ ଚଣ୍ଡୀଗଡ଼କୁ ସ୍ଥାନାନ୍ତରିତ ହୋଇଥିଲେ। ସେଠାରେ ସେ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ସାମ୍ବିଧାନିକ, ସେବା ଓ ନାଗରିକ ଆଇନରେ ଅଭ୍ୟାସ କରିଥିଲେ। ତିନି ଦଶନ୍ଧି ପରେ ବିଚାରପତି ଭାବରେ କାର୍ଯ୍ୟ କରୁଥିବା ସମୟରେ, ସେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଆଇନରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ। ୩୮ ବର୍ଷ ବୟସରେ ସେ ୨୦୦୦ ମସିହାରେ ହରିୟାଣାର ସର୍ବକନିଷ୍ଠ ଆଡଭୋକେଟ୍ ଜେନେରାଲ୍ ହୋଇଥିଲେ। ୨୦୦୪ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ହୋଇଥିଲେ। ମେ ୨୦୧୯ରେ ସେ ସୁପ୍ରିମ୍‌କୋର୍ଟକୁ ପଦୋନ୍ନତି ପାଇବା ପୂର୍ବରୁ ଅକ୍ଟୋବର ୨୦୧୮ରେ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଦାୟିତ୍ୱ ତୁଲାଇଥିଲେ।

# ସଂସଦୀୟ ଶୀତକାଳୀନ ଅଧିବେଶନକୁ ମୋଦୀଙ୍କ ଉଦ୍‌ବୋଧନ



**ନୂଆଦିଲ୍ଲୀ:** ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର କହିଛନ୍ତି, ଏହି ଅଧିବେଶନରେ ସଂସଦ ଦେଶ ବିଷୟରେ କ'ଣ ଭାବୁଛି, ଦେଶ ପାଇଁ କ'ଣ କରିବାକୁ ଚାହୁଁଛି ଏବଂ ଦେଶ ପାଇଁ କ'ଣ କରିବାକୁ ଯାଉଛି ତାହା ଉପରେ ଧ୍ୟାନ ଦିଆଯିବା ଉଚିତ। ବିରୋଧୀ ଦଳ ମଧ୍ୟ ନିଜର ଦାୟିତ୍ୱ ପୂରଣ କରିବା ଉଚିତ ଏବଂ ବିତର୍କରେ ଦୃଢ଼ ପ୍ରସଙ୍ଗ ଉଠାଇବା ଉଚିତ। ନାଟକ ପାଇଁ ପ୍ରଚୁର ସ୍ଥାନ ଅଛି, ଏବଂ ଯିଏ ଏହା କରିବାକୁ ଚାହୁଁଛି ସେ ଏହା କରିବା ଉଚିତ।

ବିହାର ନିର୍ବାଚନ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କିଛି ଦଳ ସେମାନଙ୍କ ପରାଜୟ ଯୋଗୁଁ ବ୍ୟତିବ୍ୟସ୍ତ ଅଛନ୍ତି। ସଂସଦ ପରାଜୟ ପରେ ହତାଶାର ସ୍ଥାନ ହେବା ଉଚିତ୍ ନୁହେଁ। ବିରୋଧୀ ଦଳ ପରାଜୟର ହତାଶାକୁ ଦୂର କରିବା ଉଚିତ। ବିରୋଧୀ ଦଳକୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, "ନାଟକ ପାଇଁ ପ୍ରଚୁର ସ୍ଥାନ ଅଛି; ଯିଏ ଏହା କରିବାକୁ ଚାହୁଁଛି ସେ ଏହା କରିବା ଉଚିତ୍।

ଯିଏ ସ୍ଲୋଗାନ ଦେବାକୁ ଚାହୁଁଛି ସେ ଏହା କରିବା ଉଚିତ୍; ସମଗ୍ର ଦେଶ ଖାଲି ଅଛି। ଏଠାରେ ସ୍ଲୋଗାନ ନୁହେଁ ନୀତି ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍।" ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, "ଏହି ଅଧିବେଶନରେ ସଂସଦ ଦେଶ ପାଇଁ କ'ଣ ଭାବୁଛି, ଦେଶ ପାଇଁ କ'ଣ କରିବାକୁ ଚାହୁଁଛି ଏବଂ ସଂସଦ ଦେଶ ପାଇଁ କ'ଣ କରିବାକୁ ଯାଉଛି ତାହା ଉପରେ ଧ୍ୟାନ ଦିଆଯିବା ଉଚିତ। ବିରୋଧୀ ଦଳ ମଧ୍ୟ ନିଜର ଦାୟିତ୍ୱ ପୂରଣ କରିବା ଉଚିତ ଏବଂ ବିତର୍କରେ ଦୃଢ଼ ପ୍ରସଙ୍ଗ ଉଠାଇବା ଉଚିତ। ପରାଜୟର ହତାଶାରୁ ବାହାରି ଆସନ୍ତୁ।"

# ବିଦାୟ ବଲିଉଡର ବୀରୁ

ମୁମ୍ବାଇ, ୨୪/୧୧: ବଲିଉଡ୍‌ର ବର୍ଷିଆନ ଅଭିନେତା ଧର୍ମେନ୍ଦ୍ର ଆଉ ନାହାନ୍ତି। ମୁମ୍ବାଇର ଜୁହୁସ୍ଥିତ ବାସଭବନରେ ୮୯ ବର୍ଷ ବୟସରେ ସୋମବାର ତାଙ୍କର ପରଲୋକ ଘଟିଛି। ଅସୁସ୍ଥତା କାରଣରୁ କିଛିଦିନ ତଳେ ସେ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୧୨ ଦିନ ଧରି ଚିକିତ୍ସିତ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଏହା ପରେ ସେ ଘରେ ଥିଲେ। ବଲିଉଡ୍‌ର ‘ହି ମ୍ୟାନ୍’ ଭାବେ ପରିଚିତ ଧର୍ମେନ୍ଦ୍ର ଛଅ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ ଅଭିନୟର ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖି ପାରିଥିଲେ। ଧର୍ମେନ୍ଦ୍ର ୩୦୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି। ୧୯୬୦ ମସିହାରେ ‘ଦିଲ୍ ଭି ତେରା ହମ୍ ଭି ତେରେ’ ଚଳଚ୍ଚିତ୍ର ମାଧ୍ୟମରେ ସେ ବଲିଉଡ୍‌ରେ ପାଦ ଥାପିଥିଲେ। ସେତେବେଳେକୁ ତାଙ୍କର ବିବାହ ହୋଇସାରିଥିଲା ଓ ସେ ଗୋଟିଏ ପୁଅ (ସନ୍ନି ଦେଓଲ)ର ବାପା ହୋଇସାରିଥିଲେ। ପ୍ରାରମ୍ଭିକ ସଂଘର୍ଷ ପରେ ଧର୍ମେନ୍ଦ୍ର ଆଉ



ପଛକୁ ଫେରି ନଥିଲେ। ‘ଫୁଲ ଔର୍ ପଥର’, ‘ସୋଲେ’, ‘ଚୁପ୍‌କେ ଚୁପ୍‌କେ’, ‘ମେରା ଗାଓଁ ମେରା ଦେଶ’, ‘ଧରମ ବୀର’ ପରି ଚଳଚ୍ଚିତ୍ର ତାଙ୍କୁ ବଲିଉଡ୍‌ର ନାମୀଦାମୀ କଳାକାର ଭାବେ ପ୍ରତିଷ୍ଠିତ କରିଥିଲା। ୨୦୨୪ରେ ରୋମାଣ୍ଟିକ୍ କମେଡି ଚଳଚ୍ଚିତ୍ର ‘ତେରି ବାତୋଁ ମେଁ ଐସା ଉଲ୍‌ଝା ଜିଆ’ରେ ତାଙ୍କୁ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ତାଙ୍କ ଅଭିନୀତ ଚଳଚ୍ଚିତ୍ର ‘ଇକ୍କିସ’ ଆଗାମୀ ଡିସେମ୍ବରରେ ମୁକ୍ତିଲାଭ କରିବ।

ଧର୍ମେନ୍ଦ୍ରଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ସେତିକି ଚର୍ଚ୍ଚିତ ରହିଥିଲା। ଅଭିନେତ୍ରୀ ହେମା ମାଳିନୀଙ୍କ ସହିତ ପ୍ରେମ ଓ ବିବାହକୁ ନେଇ ଗଣମାଧ୍ୟମରେ ସର୍ବଦା ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲେ। ନିଜ ଜନ୍ମ ଦିନର ୧୪ ଦିନ ପୂର୍ବରୁ ସେ ସାରା ଦୁନିଆକୁ ଅଲ୍‌ବିଦା କହିଛନ୍ତି। ବଲିଉଡ୍‌ର ‘ହି ମ୍ୟାନ’ଙ୍କୁ ବିଦାୟ ଦେବାକୁ ବଲିଉଡ୍ ଅଭିନେତାମାନେ ମୁମ୍ବାଇର ପବନ ହଂସ ଶ୍ମଶାନ ଘାଟରେ ଏକାଠି ହୋଇଥିଲା। ପତ୍ନୀ ହେମା ମାଳିନୀ, ଝିଅ ଈଶା ଦେଓଲ, ସୁପରଷ୍ଟାର ଅମିତାଭ ବଚ୍ଚନ, ଅଭିଷେକ ବଚ୍ଚନ, ସଲମାନ ଖାନ୍, ରଣବୀର-ଦୀପିକା, ଅନିଲ କପୁର, ଶାହରୁଖ ଖାନ, ଅମୀର ଖାନ ପ୍ରମୁଖ ଶ୍ମଶାନ ଘାଟ ପହଞ୍ଚି ଅଭିନେତାଙ୍କ ଶେଷ ଦର୍ଶନ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଧର୍ମେନ୍ଦ୍ରଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

୧୯୩୫ ମସିହା ଡିସେମ୍ବର ୮ ତାରିଖରେ ପଞ୍ଜାବ ଲୁଧିଆନା ଜିଲ୍ଲାର ନସରାଲି ଗ୍ରାମରେ ଏକ ଶିକ୍ଷକ ପରିବାରରେ ଧର୍ମେନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ। ଧର୍ମେନ୍ଦ୍ରଙ୍କର ଦୁଇ ପତ୍ନୀ ଓ ଛଅ ଜଣ ପିଲା ଅଛନ୍ତି। ପ୍ରଥମ ପତ୍ନୀ ପ୍ରକାଶ କୌର। ଧର୍ମେନ୍ଦ୍ର ଓ ପ୍ରକାଶଙ୍କ ଔରସରୁ ଦୁଇ ପୁଅ ସନ୍ନି ଦେଓଲ ଓ ବବି ଦେଓଲ, ଦୁଇ ଝିଅ ବିଜେତା ଓ ଅଜିତା ଅଛନ୍ତି। ଦ୍ୱିତୀୟ ପତ୍ନୀ ହେମା ମାଳିନୀଙ୍କର ଦୁଇ ଝିଅ ଈଶା ଦେଓଲ ଓ ଅହାନା ଦେଓଲ ଅଛନ୍ତି। ୧୯୫୪ ମସିହାରେ ଧର୍ମେନ୍ଦ୍ର ପ୍ରକାଶ କୌରଙ୍କୁ ପ୍ରଥମେ ବିବାହ କରିଥିଲେ। ସେତେବେଳେ ଧର୍ମେନ୍ଦ୍ରଙ୍କୁ ମାତ୍ର ୧୯ ବର୍ଷ ହୋଇଥିଲା ଓ ସେ ବଲିଉଡ୍‌କୁ ଆସିନଥିଲେ। ୧୯୮୦ ମସିହାରେ ହେମା ମାଳିନୀଙ୍କୁ ବିବାହ କରିଥିଲେ।






ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ




ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ କ୍ରୀଡ଼ା ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମହିଳା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ୍ ୨୦୨୫ର ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।

## ଜୁନିୟର ବିଶ୍ୱ କପ ପୁରୁଷ ହକି ଟ୍ରଫି ଉନ୍ମୋଚିତ



ପୁରୀ: ତାମିଲନାଡୁ ଠାରେ ଚଳିତ ମାସ ୨୮ ତାରିଖ ଠାରୁ ଆରମ୍ଭ ହୋଇ ଡିସେମ୍ବର ୧୦ ତାରିଖରେ ଶେଷ ହେବ ଏଫ ଆଇ ଏଚ ଜୁନିୟର ପୁରୁଷ ହକି ବିଶ୍ୱ କପ। ଏହି ହକିର ଟ୍ରଫିକୁ ଅପରାହ୍ନରେ ସିଂହଦ୍ୱାର ନିକଟରେ ସମର୍ପିତ ଓ ଉନ୍ମୋଚିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏହି ଟ୍ରଫିକୁ ଅନାବରଣ କରିବା ସହ ବିଶ୍ୱ କପ ହକିର ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମ ରେ ଅତିରିକ୍ତ ଏସ ପି ସଚିନ ପାଟିଲ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଟ୍ରାଫିକ ଇନିସପେକ୍ଟର ଜୟଦୀପ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇ ଟ୍ରଫି ଉନ୍ମୋଚନରେ ସାମିଲ ହୋଇଥିଲେ। ପରେ ଟ୍ରଫି ର ଫଟୋ ସେସନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରୀଡା ବିଭାଗ ପକ୍ଷରୁ ହରେଶ କୁମାର ମିଶ୍ର, ହକି କୋଚ ଗୌତମ ବେହେରା,ଜିଲ୍ଲା ସ୍କୁଲର ପୂର୍ବତନ ପିଇଟି ଗୋପାଳ ଚନ୍ଦ୍ର ବେହେରା ଓ ହକି ଖେଳାଳୀ ମାନେ ଉପସ୍ଥିତ ଥିଲେ।ପରେ ବ୍ଲୁ ଫ୍ଲାଗ ବିଚରେ ଟ୍ରଫିର ଫଟୋ ସେସନ କରାଯାଇଥିଲା।

# ଫେବ୍ରୁଆରିରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍

ମୁମ୍ବାଇ: ଭରତ ଓ ଶ୍ରୀଲଙ୍କାରେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୂଚୀ ମଙ୍ଗଳବାର ଆଇସିସି ଆନୁଷ୍ଠାନିକ ଭାବେ ଘୋଷଣା କରିଛି। ଦୁଇ ଆୟୋଜକ ଭାରତ ଓ ଶ୍ରୀଲଙ୍କା ଛଡ଼ା ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡା, ନେଦରଲାଣ୍ଡ୍‌ସ, ନାମିବ୍ୟା, ଜିମ୍ବାୱେ, ନେପାଳ, ଓମାନ , ୟୁଏଇ ଏବଂ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଥିବା ଇଟାଲି ଭଳି ୨୦ଟି ଦଳକୁ ନେଇ ଏହି ପ୍ରତିଯୋଗିତା ୨୦୨୬ ଫେବ୍ରୁଆରି ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଖେଳାଯିବ। ପ୍ରତିଯୋଗିତା ଭାରତର ଦିଲ୍ଲୀ, କୋଲକାତା, ଚେନ୍ନାଇ, ଅହମଦାବାଦ ଓ ମୁମ୍ବାଇ ସହ ଶ୍ରୀଲଙ୍କାର କଲମ୍ବୋ ଓ କାଣ୍ଡିରେ ଆୟୋଜିତ ହେବ। ମୁମ୍ବାଇରେ ମଙ୍ଗଳବାର ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା, ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ଆଞ୍ଜେଲୋ ମାଥ୍ୟୁସ, ଭାରତୀୟ ଟ୍ୱେଣ୍ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ମହିଳା ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅଧିନାୟିକା ହର୍ମନ୍‌ପ୍ରୀତ୍ ସିଂହଙ୍କ ଉପସ୍ଥିତିରେ ଏହି ପ୍ରତୀକ୍ଷିତ ସୂଚୀ ଉନ୍ମୋଚିତ ହୋଇଥିଲା। ସେହିଭଳି ରୋହିତଙ୍କୁ ୫୫ ମ୍ୟାଚ୍ ବିଶିଷ୍ଟ ବିଶ୍ୱକପ୍‌ର ଏହି ସଂସ୍କରଣର ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତ କରାଯାଇଛି। ଏମାନଙ୍କ ଛଡ଼ା ଆଇସିସି ଅଧ୍ୟକ୍ଷ ଜୟ ସାହ, ବିସିସିଆଇର ବହୁ ବରିଷ୍ଠ କର୍ମକର୍ତ୍ତା ଏହି ଅବସରରେ ଉପସ୍ଥିତ ଥିଲେ।

ଭାରତ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଆମେରିକା, ନେଦରଲାଣ୍ଡ୍‌ସ ଓ ନାମିବ୍ୟା ସହ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସହ ଆୟୋଜକ ଦଳ ତା'ର ଅଭିଯାନ ଉଦ୍‌ଘାଟନୀ ଦିବସ ଅର୍ଥାତ୍ ଫେବ୍ରୁଆରି ୭ରେ ମୁମ୍ବାଇଠାରେ ଆମେରିକା ବିପକ୍ଷରୁ ଆରମ୍ଭ କରିବ। ସେହିଭଳି ଫେବ୍ରୁଆରି ୧୨ରେ ଦିଲ୍ଲୀଠାରେ ନାମିବ୍ୟାକୁ ଭେଟିବା ପରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଫେବ୍ରୁଆରି ୧୫ ତାରିଖରେ ଲଢ଼ିବ। ଏହି ପ୍ରତୀକ୍ଷିତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳାଯିବ। ଶେଷ ଲିଗ୍ ମ୍ୟାଚ୍‌ରେ ଫେବ୍ରୁଆରି ୧୮ରେ ଅହମଦାବାଦଠାରେ ନେଦରଲାଣ୍ଡ୍‌ସ ସହ ମୁହାଁମୁହିଁ ହେବ। ଭାରତ ସହ କୁଟନୈତିକ ତିକ୍ତତା ପାଇଁ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋ ଓ କାଣ୍ଡିରେ ଖେଳିବ। ପ୍ରତିଯୋଗିତାର ଫର୍ମାଟ୍‌ରେ କୌଣସି ପରିବର୍ତ୍ତନ ହେବନି। ଗତ ସଂସ୍କରଣ ଅର୍ଥାତ୍ ୨୦୨୪ରେ ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ବିଶ୍ୱକପ୍ ଭଳି ୨୦ ଦଳକୁ ୫ଟି ଲେଖାଏଁ ଦଳ ବିଶିଷ୍ଟ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତିଦିନ ତିନିଟି ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର-୮କୁ ଉନ୍ନୀତ ହେବେ। ସେଠାରୁ ସେମିଫାଇନାଲିଷ୍ଟ୍ ଏବଂ ଫାଇନାଲିଷ୍ଟ ବଛାଯିବେ। ଭାରତ ସୁପର-୮କୁ ପ୍ରବେଶ କଲେ ନିଜର ତିନିଟି ଯାକ ଏହି ପର୍ଯ୍ୟାୟ ମ୍ୟାଚ୍ ଅହମଦାବାଦ, ଚେନ୍ନାଇ ଓ କୋଲକାତାରେ ଖେଳିବ। ସେମିଫାଇନାଲ୍‌କୁ ଗଲେ ମୁମ୍ବାଇରେ ଖେଳିବ। ଫାଇନାଲ୍ ଅହମଦାବାଦରେ ଆୟୋଜିତ ହେବ। ପାକିସ୍ତାନ ଫାଇନାଲ୍‌କୁ ଗଲେ କିନ୍ତୁ ଏହି ମେଗା ମ୍ୟାଚ୍ କଲମ୍ବୋରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ ଆୟୋଜକ ଭାରତ ବିଜେତା ଭାବେ ଏଥିରେ ଅଂଶଗ୍ରହଣ କରିବ। ୨୦୨୪ରେ ଭାରତୀୟ ଦଳ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇ ବିଜେତା ହୋଇଥିଲା।

## ରୋହିତ ଶର୍ମା ବ୍ରାଣ୍ଡ୍ ଆମ୍ବାସଡର




| ଭାରତର ଗ୍ରୁପ୍ ପର୍ଯ୍ୟାୟ ସୂଚୀ | | |
|---|---|---|
| ପ୍ରତିଦ୍ୱନ୍ଦ୍ୱୀ | ତାରିଖ | ସ୍ଥାନ |
| ଆମେରିକା | ଫେବ୍ରୁଆରି ୭ | ମୁମ୍ବାଇ |
| ନାମିବ୍ୟା | ଫେବ୍ରୁଆରି ୧୨ | ଦିଲ୍ଲୀ |
| ପାକିସ୍ତାନ | ଫେବ୍ରୁଆରି ୧୫ | କଲମ୍ବୋ |
| ନେଦରଲାଣ୍ଡ୍‌ସ | ଫେବ୍ରୁଆରି ୧୯ | ଅହମଦାବାଦ |




କ୍ରୀଡ଼ା ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମରେ ୟୋନେକ୍ସ-ସନରାଇଜ୍ ୩୭ତମ ସବ୍ ଜୁନିଅର ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ୨୦୨୫ ଉଦଘାଟନ କରିଛନ୍ତି




ପୁରୀ : ପୁରୀ ଜିଲ୍ଲା ସ୍କୁଲରେ ଆୟୋଜିତ 'ପୁରୀ କବାଡ଼ି ଲିଗ୍ -୨୦୨୫' ସାଂସଦ ସବିତ ପାତ୍ର ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ପୁରୀ ଲୋକସଭାରେ ନୂଆ-ନୂଆ ଖେଳ ପ୍ରତିଯୋଗିତା ମାଧ୍ୟମରେ ଯୁବକଯୁବତୀମାନଙ୍କୁ ଖେଳ ପ୍ରତି ଉତ୍ସାହିତ କରାଯାଉଛି ଏବଂ ସେମାନେ ନୂତନ ସୁଯୋଗ ପାଇ ପାରୁଛନ୍ତି । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କୁ ସମ୍ମାନିତ କରିବା ସହ ଖେଳାଳିମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

## ରୋହିତ ଶର୍ମାଙ୍କ 'ଛକା' ରେକର୍ଡ

ହିଟ୍ ମ୍ୟାନ୍ ରୋହିତ ଶର୍ମା (୩୫୨ ଛକା) ନିଜ ୫୭ ରନ୍‌ର ପାଳି ଭିତରେ ଦିନିକିଆ କ୍ରିକେଟ୍‌ରେ ବ୍ୟକ୍ତିଗତ ଭାବେ ସର୍ବାଧିକ ଛକା ମାରିବାର ଗୌରବ ହାସଲ କରିଛନ୍ତି। ରବିବାର ତିନିଟି ଦର୍ଶନୀୟ ଛକା ମାରି ପାକିସ୍ତାନର ପୂର୍ବତନ ଅଧିନାୟକ ସାହିଦ ଆଫ୍ରିଦି (୩୫୧ ଛକା)ଙ୍କ ନାଁରେ ଗତ ଦେଢ଼ ଦଶନ୍ଧିଧରି ଥିବା ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି ସେ। କୌଣସି ଦଳ ବିପକ୍ଷରେ ସର୍ବାଧିକ ଛକା (୯୩) ମାରିବାର କୀର୍ତ୍ତିମାନ ବି ତାଙ୍କ ନାଁରେ ରହିଛି। ରୋହିତ ଯାହାକୁ ଅଷ୍ଟ୍ରେଲିଆ ବିପକ୍ଷରେ ହାସଲ କରିଛନ୍ତି। ସେହିଭଳି ଗୋଟିଏ ଦେଶରେ ସର୍ବାଧିକ ଛକା (୧୮୨, ଭାରତ), ଗୋଟିଏ ବର୍ଷରେ ସର୍ବାଧିକ ଛକା (୬୭), ବିଶ୍ୱକପ୍‌ରେ ସର୍ବାଧିକ ଛକା (୫୪) ଏବଂ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା (୩୧, ୨୦୨୩ ବିଶ୍ୱକପ୍) ମଧ୍ୟ ଏହି ମୁମ୍ବାଇ ତାରକାଙ୍କ ନାଁରେ ରହିଛି। ସ୍ପିନର୍‌ଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍ସୱେଲ୍ (୧୨୮ ବଲ୍, ୧୦ ଛକା) ଏବଂ ଦ୍ରୁତ ବୋଲରଙ୍କ ବିପକ୍ଷରେ ଅଷ୍ଟ୍ରେଲିଆର କ୍ଲିଣ୍ଟ ମକାୟ, କେନ୍ ରିଚାର୍ଡସନ୍, ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ବିପକ୍ଷରେ (୭ଟି ଲେଖାଏଁ) ସର୍ବାଧିକ ଛକା ମାରିଛନ୍ତି। ରୋହିତ ତାଙ୍କ ମାଇଲ୍‌ଖୁଣ୍ଟଭରା ୩୫୨ତମ ଛକା ଦକ୍ଷିଣ ଆଫ୍ରିକାର ମାର୍କୋ ୟାନସେନ୍‌ଙ୍କୁ ମାରିଥିଲେ। ତାଙ୍କ ଛକା



ଶିକାର ହେବାରେ ୟାନ୍‌ସେନ୍ ବିଶ୍ୱର ୧୫୦ତମ ବୋଲର୍ ହୋଇଥିଲେ। ରୋହିତଙ୍କୁ ୧୦୦ରୁ ଅଧିକ ବଲ୍ ପକାଇଥିବା ବୋଲର୍‌ଙ୍କ ମଧ୍ୟରେ କେବଳ ୱେଷ୍ଟଇଣ୍ଡିଜ୍‌ର ମାର୍ଲନ୍ ସାମୁଏଲ୍‌ସଙ୍କୁ ସେ ଛକା ମାରି ନାହାନ୍ତି। ୨୦୦୭ରୁ ୨୦୨୫ ଭିତରେ ରୋହିତ ୨୩୨ଟି ଛକା ଦ୍ରୁତ ବୋଲରଙ୍କୁ ମାରିଥିଲା ବେଳେ ସ୍ପିନର୍‌ଙ୍କୁ ୧୨୦ ଛକା ମାରିଛନ୍ତି। ସକ୍ରୀୟ କ୍ରିକେଟର୍‌ଙ୍କ ମଧ୍ୟରେ କେହିବି ତାଙ୍କ ନିକଟରେ ନାହାନ୍ତି। ଇଂଲଣ୍ଡର ଜୋସ୍ ବଟଲର୍ ୧୮୨ ଛକା ମାରି ବହୁ ଦୂରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରୋହିତଙ୍କ ଦଳୀୟ ସାଥୀ ବିରାଟ କୋହଲି ୧୫୯ ଛକା ସହ ଏହି କ୍ରମରେ ତୃତୀୟ ସ୍ଥାନରେ ଅଛନ୍ତି।




କବାଡି ବିଶ୍ୱକପ୍ ଜିତି ଦେଶକୁ ଗର୍ବିତ କରିଥିବା ଭାରତୀୟ ମହିଳା ଦଳ



ଆଜି ଠାରୁ ରାଜ ଭବନ ନାମ ପରିବର୍ତ୍ତନ କରାଯାଇ ଲୋକ ଭବନ ନାମରେ ନାମିତ କରାଯାଇଅଛି ।

# ସାଂସଦ ଖେଳ ମହୋତ୍ସବ ଉଦଘାଟିତ

ପୁରୀ: ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ପୁରୀ ସଂସଦୀୟ କ୍ଷେତ୍ର ଅଧିନରେ ଥିବା ପୁରୀ ଜିଲ୍ଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପିପିଲି, ସତ୍ୟବାଦୀ, ପୁରୀ ସଦର ଓ ବ୍ରହ୍ମଗିରି ର କ୍ରିକେଟ ଖେଳ ମହୋତ୍ସବ ଉଦଘାଟିତ ହୋଇଥିଲା।ଏହି କ୍ରିଡା ସେପ୍ଟେମ୍ବର ୨୧ରୁ ଆରମ୍ଭ ହୋଇଛି ଓ ଡିସେମ୍ବର ୨୫ ରେ ଉଦଯାପିତ ହେବ।

ସାଂସଦ ଖେଳ ମହୋତ୍ସବ ର ୧୦ ଗୋଟି ଖେଳ ମଧ୍ୟରୁ କ୍ରିକେଟ ଅନ୍ୟତମ ଖେଳ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି।ଏହାକୁ ଉଦଘାଟନ କରି ସାଂସଦ ଡା ସମ୍ବିତ ପାତ୍ର କେନ୍ଦ୍ର ସରକାରଙ୍କ ର ଏହା ଏକ ଉତ୍ତମ ପଦକ୍ଷେପ।ଯାହା କେବଳ ଯୁବବର୍ଗ ଙ୍କ କ୍ରୀଡା ପ୍ରତିଭା କୁ ଆଗକୁ ଆଣୁନାହିଁ ବରଂ ସେମାନ ଙ୍କୁ ଶାରୀରିକ ସୁସ୍ଥ ଓ ଶୃଙ୍ଖଳା ର ଶିକ୍ଷା ଦେଉଛି ବୋଲି କହିଥିଲେ।ପ୍ରତ୍ୟେକ ଙ୍କ ମଧ୍ୟରେ ପ୍ରତିଭା ରହିଛି।ଏହାର ସଠିକ ଉପଯୋଗ କରିପାରିଲେ ସେମାନେ ସମାଜ ପାଇଁ ସମ୍ବଳ ପାଲଟି ପାରିବେ।୨୦୩୦ ରାଜ୍ୟ ଗୋଷ୍ଠୀ କ୍ରିଡା ଭାରତରେ ହେବାକୁ ସ୍ଥିର ହୋଇଛି।୨୦୩୬ ଅଲମ୍ପିକ ଭାରତ ରେ କରିବାକୁ ସରକାର ଉଦ୍ୟମ କରୁଛନ୍ତି।ଯାହା କ୍ରିଡା କୁ ଆହୁରି ବିକଶିତ କରିବ ବୋଲି ସେ କହିବା ସହ ସାଂସଦ ଖେଳ ମହୋତ୍ସବ ର ସଫଳତା ଯୁବବର୍ଗ ର ମନୋବଳ ବୃଦ୍ଧି କରିବ ବୋଲି କହିଥିଲେ।ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇ କ୍ରିଡା ମହୋତ୍ସବ ମାଧ୍ୟମରେ ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି କହିଥିଲେ।ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ପ୍ରଦାନ କରିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ତଥା ବିଜେପି ଜିଲ୍ଲା ସଭାପତି ଡା ଦେବେନ୍ଦ୍ର ନାଥ ତରାଇ,ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ରବି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।






Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty